R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୬୩
ତିଥି : ସପ୍ତମୀ
୦୮ ଡିସେମ୍ବର ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍ଲଏଡ୍ ସହ)

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 63
08 Dec 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore




ଅଲ୍ଲୁ ଅର୍ଜୁନ



ସମୟ
ରବିବାର, ୮ ଡିସେମ୍ବର ୨୦୨୪

# ୨୫ ବର୍ଷ ପରେ ରୁହନ୍ତୁ ହେଲ୍‌ଦି



କେବଳ ଯେ ବୟସ ହେବା ପରେ ନିଜର ସ୍ୱାସ୍ଥ୍ୟର ଯତ୍ନ ନେବ ତାହା ନୁହେଁ । ସ୍ୱାସ୍ଥ୍ୟର ଯତ୍ନ ଖୁବ କମ ବୟସରୁ ମଧ ନେବାର ଆବଶ୍ୟକତା ରହିଛି । ୨୫ ବର୍ଷ ହେବା ପରେ ନିଜର ଯତ୍ନ ନେବା ଆରମ୍ଭ କରନ୍ତୁ । ଏହି ସମୟରେ ଅଧିକ ପରିଶ୍ରମ କରିବାକୁ ପଡିଥାଏ । ପାଠ ପଢା ସହିତ ରୋଜଗାରର ଚିନ୍ତା ଏହି ସମୟରେ ରହିଥାଏ, ତେଣୁ ଖାଦ୍ୟପେୟର ଅଧିକ ଧ୍ୟାନ ରଖିବାକୁ ହୋଇଥାଏ । ତେଣୁ ଆସନ୍ତୁ ଜାଣିବା ୨୫ ବର୍ଷ ପରେ କ'ଣ ସବୁ ଖାଇବାର ଆବଶ୍ୟକତା ରହିଛି ।

ହେଲ୍‌ଦି କାର୍ବୋହାଇଡ୍ରେଟର ଆବଶ୍ୟକତା ଏହି ସମୟରେ ଅଧିକ ରହିଥାଏ । କାର୍ବୋହାଇଡ୍ରେଟ୍ ପ୍ରାଇମେରୀ ଏନର୍ଜୀର ସୋର୍ସ ହୋଇଥାଏ । ଯଦି ଆପଣ ବ୍ୟାୟାମ କରୁଛନ୍ତି ତେବେ ଆପଣଙ୍କୁ ଆକ୍ଟିଭ ରଖିବା ପାଇଁ ହେଲଦି କାର୍ବୋ ହାଇଡ୍ରେଟର ଆବଶ୍ୟକତା ପଡିଥାଏ । ହେଲଦି କାର୍ବୋହାଇଡ୍ରେଟ୍ ଡାଏଟ୍‌ରେ ଆପଣ ଓଟସ, ଅଟାର ପାସ୍ତା ଆଦିକୁ ଖାଇ ପାରିବେ । କାର୍ବୋହାଇଡ୍ରେଟ ଭଳି ହେଲଦି ଫ୍ୟାଟ ଓ ପ୍ରୋଟିନର ଆବଶ୍ୟକତା ମଧ ଅଧିକ ରହିଛି । ତେଣୁ ଖାଦ୍ୟରେ ଏହି ସମୟରେ ବିଭିନ୍ନ ପ୍ରକାର ପୋଷଣରେ ଭରପୂର ଥିବା ଖାଦ୍ୟ ସାମିଲ କରନ୍ତୁ । ଏହା ଆପଣଙ୍କୁ ସୁସ୍ଥ ରଖିବା ସହିତ ଏନର୍ଜେଟିକ ମଧ ରଖିବ । ଏ ସମସ୍ତ ଖାଦ୍ୟ ଆପଣଙ୍କୁ ହେଲଦି ରଖିବା ସହିତ କୋଲେଷ୍ଟ୍ରୋଲ, ବ୍ଲଡ୍‌ପ୍ରେସର, ଡାଇବେଟିକ୍ ଆଦି ସମସ୍ୟା ହେବାକୁ ଦେଇ ନଥାଏ । ଯଦି ଅଧିକ ଦିନ ପର୍ଯ୍ୟନ୍ତ ସୁସ୍ଥ ରହିବାର ଅଛି, ତେବେ କମ୍ ବୟସ ବେଳୁ ନିଜର ଖାଦ୍ୟ ପେୟର ଧ୍ୟାନ ରଖନ୍ତୁ ।

## ଇତିହାସ

୧୮୮୧– ୟୁରୋପୀୟ ଦେଶ ଅଷ୍ଟ୍ରିଆର ରାଜଧାନୀ ଭିଏନାର ଏକ ଥିଏଟରରେ ଅଗ୍ନିକାଣ୍ଡ ଘଟି ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ।
୧୯୫୬– ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରରେ ୧୬ତମ ଅଲିମ୍ପିକ୍ ଖେଳ ସମ୍ପନ୍ନ ହେଲା ।
୧୯୭୬– ଆମେରିକା ପକ୍ଷରୁ ନେବାଦାରେ ପରମାଣୁ ପରୀକ୍ଷଣ ।
୧୯୮୦– ମ୍ୟୁଜିକ୍ ବ୍ୟାଣ୍ଡ ବିଟଲ୍‌ସର ସଦସ୍ୟ ଜନ୍ ଲେନନ୍‌ଙ୍କୁ ନ୍ୟୁୟର୍କସ୍ଥିତ ତାଙ୍କ ଆପାର୍ଟମେଣ୍ଟ ବାହାରେ ଗୁଳିକରି ହତ୍ୟା ।
୧୯୯୮– ଅଲିମ୍ପିକ୍ ଇତିହାସରେ ପ୍ରଥମଥର ପାଇଁ ମହିଳା ଆଇସ୍ ହକି ସାମିଲ କରାଗଲା । ପ୍ରଥମ ମୁକାବିଲାରେ ଫିନ୍‌ଲାଣ୍ଡ ସ୍ୱିଡେନ୍‌କୁ ୬–୦ ଗୋଲ୍‌ରେ ହରାଇଲା ।
୨୦୦୦– ବ୍ରିଟେନ୍ ଓ ରୁଷ୍ ମଧରେ ପ୍ରତିରକ୍ଷା ବୁଝାମଣା ସ୍ୱାକ୍ଷରିତ ।
୨୦୦୦– ଫ୍ରାନ୍ସର ବୈଜ୍ଞାନିକମାନେ ଆଲଜାଇମରର ଏକ ନୂଆ ଉପଚାର 'ଗାଲାଣ୍ଟମାଇନ୍' ସନ୍ଧାନ କଲେ ।
୨୦୦୨– ଭାରତର ପାରମ୍ପରିକ ଜୈବ ସମ୍ପଦ ନିମ୍ବ, ହଳଦୀ ଓ ଜାମୁକୋଳି ପରେ ଗୋମୂତ୍ରକୁ ସଂଯୁକ୍ତରାଷ୍ଟ୍ର ଆମେରିକା ପେଟେଣ୍ଟ କରାଇଲା ।

# ବିଶ୍ୱର ଧନୀ ଭିକାରୀ

ସାଧାରଣତଃ ଭିକାରୀ ମାନେ ମାଗିଯାଚି ଚଳିଥାଆନ୍ତି, ତେଣୁ ସେମାନଙ୍କ ସମ୍ପତ୍ତି ଖୁବ କମ ଥାଏ ଅଥବା ଯମା ନଥାଏ ବୋଲି ଲୋକଙ୍କର ଧାରଣା ରହିଛି । ହେଲେ ମୁମ୍ବାଇର ଜଣେ ଭିକାରୀ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ମୁମ୍ବାଇର ଭାରତ ଜୈନ୍ ନାମକ ଏହି ଭିକାରୀ ପାଲଟିଛନ୍ତି ବିଶ୍ୱର ସବୁଠାରୁ ଧନୀ ଭିକାରୀ । ଭାରତଙ୍କର ୭.୫ କୋଟିର ସମ୍ପତ୍ତି ରହିଥିବାବେଳେ ସେ ଅନେକ ସ୍ଥାନରେ ଇନ୍‌ଭେଷ୍ଟ



ମଧ୍ୟ କରିଛନ୍ତି । ତାଙ୍କର ମାସିକ ଆୟ ୬୦ରୁ ୭୫ ହଜାର ଭିତରେ ରହିଥାଏ, ଯାହା ଅନେକ ଚାକିରିଆଙ୍କ ଠାରୁ ଖୁବ ଅଧିକ । ସେହିଭଳି ତାଙ୍କର ମୁମ୍ବାଇରେ ୧.୪ କୋଟିର ଏକ ଘର ରହିଛି । ଏହା ବ୍ୟତିତ ମୁମ୍ବାଇରେ ତାଙ୍କର ଦୁଇଟି ଦୋକାନ ମଧ ରହିଛି, ଯେଉଁଗୁଡିକରୁ ସେ ମାସିକ ୩୦ ହଜାରର ଆୟ କରନ୍ତି । ବର୍ତ୍ତମାନ ମଧ ଭାରତ ଭିକ ମାଗୁଥିବାବେଳେ ତାଙ୍କର ଦୁଇ ପୁଅ ନିଜର ପାଠ ପଢା ସାରିଛନ୍ତି । ତାଙ୍କ ପରିବାରର ଏକ ଗ୍ରୋସରି ଷ୍ଟୋର ମଧ ରହିଛି । ଭାରତଙ୍କ ସମ୍ପତ୍ତି ବର୍ତ୍ତମାନ ଇଣ୍ଟରନେଟ୍‌ରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ସୋସିଆଲ କୋଟ୍ସ



କ୍ୟାରିୟରରେ ଅନେକ ସଂଘର୍ଷ କରିଛି, ହେଲେ ଅଚାନକ ମୋର ଭାଗ୍ୟ ପରିବର୍ତ୍ତନ ହୋଇଥିଲା । ମୋତେ ଭଲ ଅଫର ମିଳିଥିଲା । କିଛି ଛୋଟଛୋଟ ରୋଲ ମୋ ପାଇଁ ଲକି ସାଜିଥିଲା ।
ଅନିଲ୍ ଚରଣଜିତ୍, ଅଭିନେତା



ମୁଁ ଯେତେବେଳେ ସାବନ ଭାଦୋଁ ଫିଲ୍ମ ଦେଖିଥିଲି, ସେତେବେଳେ ମୁଁ ଏକ ଛୋଟ ସହରରେ ରହୁଥିବା ଛୋଟପିଲା ଥିଲି । ମୁଁ ସେତେବେଳେ ବି ଚାହୁଁଥିଲି କିଭଳି ବମ୍ବେ ଯିବି ।
ଅର୍ଚ୍ଚନା ପୁରଣ ସି, ଅଭିନେତ୍ରୀ



କାମ କରିବା ଚକ୍କରରେ ମୁଁ ମୋ ଜୀବନର ଅନେକ କିଛି ମିସ୍ କରିଦେଇଛି । ଅନେକ କିଛି ଏଞ୍ଜୟ କରିପାରିନାହିଁ, ଯାହାକୁ ଏବେ ବିବାହ ପରେ ଏଞ୍ଜୟ କରୁଛି ।
ଦିବ୍ୟଙ୍କା ତ୍ରିପାଠୀ, ଅଭିନେତ୍ରୀ

# ପଣସମଞ୍ଜି ପାଳଙ୍ଗ ସାମ୍ବର



**ସାମଗ୍ରୀ–** ହରଡ ଡାଲି ଅଧା କପ, ଗୋଟିଏ କପ ପାଳଙ୍ଗ ସିଝା, ଏକ କପ ପଣସ ମଞ୍ଜି, ଏକ କପ୍ ସଜନାଛୁଇଁ, ଅଧା କପ ଛୋଟ ପିଆଜ, ଅଳ୍ପ ନଡିଆ କୋରା, ୨ଚାମଚ ସାମ୍ବର ପାଉଡର, ଏକ ଚାମଚ ସୋରିଷ, ୨ଟା ଶୁଖିଲା ଲଙ୍କା, ଏକ ଚାମଚ ମେଥି, ଭୃସଙ୍ଗପତ୍ର ଅଳ୍ପ, ଏକ ଚାମଚ ନଡିଆ ତେଲ, ଦୁଇ ଚାମଚ ତେନ୍ତୁଳି ରସ, ଏକ କପ ଟମାଟୋ କଟା, ଏକ କପ ଭେଣ୍ଡି, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ଗୋଟିଏ ପ୍ରେସରକୁକୁରରେ ଡାଲି, ପଣସ ମଞ୍ଜି ଓ ପାଣି ଦେଇ ୨ଟି ସିଟି ଦେଇ ସିଝାଇ ନିଅନ୍ତୁ । ଗୋଟିଏ ପ୍ୟାନ ବସାଇ ସେଥିରେ ନଡିଆ କୋରାରେ ସାମ୍ବର ପାଉଡର ପକାଇ ଭାଜନ୍ତୁ । ପାଣି ମିଶାଇ ଏହି ଭଜାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଟମାଟ ଓ ଭେଣ୍ଡିକୁ ଅଲଗା ଭାଜି କାଢନ୍ତୁ । ସେହିଭଳି ପ୍ରେସରକୁକର୍‌ରେ ସଜନାଛୁଇଁ, ପାଳଙ୍ଗ ସିଝା ଓ ଛୋଟପିଆଜ ମିଶାଇ କିଛି ସମୟ ରାନ୍ଧନ୍ତୁ । ପ୍ରେସରକୁକର୍‌ରେ ଥିବା ମିଶ୍ରଣ ଫୁଟିବା ଆରମ୍ଭ କଲେ ସେଥିରେ ନଡିଆ ବଟାକୁ ମିଶାନ୍ତୁ । କିଛି ସମୟ ଫୁଟିବା ପରେ ଏଥିରେ ଭଜା ଭେଣ୍ଡି ଓ ଟମାଟୋ ପକାନ୍ତୁ । କିଛି ସମୟ ପରେ ତେନ୍ତୁଳି ରସ ପକାଇ ଫୁଟାନ୍ତୁ । ସେହିପରି ଆଉ ଏକ ପ୍ୟାନ୍‌ରେ ନଡିଆ ତେଲରେ ସୋରିଷ, ଭୃସଙ୍ଗପତ୍ର ଓ ଛୋଟ ପିଆଜ ପକାଇ ଭାଜନ୍ତୁ । ଏହି ଫୁଟଣକୁ ପୂର୍ବରୁ ପ୍ରସ୍ତୁତ ସାମ୍ବରରେ ପକାଇ ପ୍ରସ୍ତୁତ କରନ୍ତୁ ପଣସ ମଞ୍ଜି ପାଳଙ୍ଗ ସାମ୍ବର ।

# ଅଡୁଆରେ ପୁଷ୍ପା ରାଜ




ପୁଷ୍ପାର ସିକୁଏଲ୍ ପାଇଁ ଦର୍ଶକ ଉତ୍ସାହର ସହିତ ଅପେକ୍ଷା କରିଥିଲେ । ଯାହାର ପ୍ରମାଣ ବର୍ତ୍ତମାନ ଫିଲ୍ମ ରିଲିଜ୍ ପରେ ଦେଖିବାକୁ ମିଳୁଛି । ସମସ୍ତ ହଲ୍ ବର୍ତ୍ତମାନ ହାଉସ୍ ଫୁଲ ହେବାରେ ଲାଗିଛି । ତେବେ ଏହାରି ଭିତରେ ଫିଲ୍ମର ଚରିତ୍ର ପୁଷ୍ପା ବା ଅଲ୍ଲୁ ଅର୍ଜୁନଙ୍କ ପାଇଁ କିଛୁ ଅଡୁଆ ସୃଷ୍ଟି ହୋଇଛି । ସୂଚନା ଅନୁସାରେ ପ୍ରିମିୟର ଦିନ ଅଲ୍ଲୁ କାହାକୁ ନଜଣାଇ ଏକ ହଲ୍‌ରେ ପହଞ୍ଚିଥିଲେ, ଯେଉଁ କାରଣରୁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ଅଲ୍ଲୁ ଆସିବାର କୌଣସି ଖବର ନଥିବାରୁ ଭିଡ ନୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନଥିଲା । ଯାହାଫଳରେ ଏହି ଠେଲାପେଲାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏକାଧିକ ଆହତ ହୋଇଥିଲେ । ତେବେ ବର୍ତ୍ତମାନ ଘଟଣାଟି ଥାନାରେ ମଧ ପହଞ୍ଚିଥିବାର ସୂଚନା ରହିଛି । ଏହାରି ଭିତରେ ଏକ ଭିଡିଓରେ ଅଲ୍ଲୁ ଘଟଣାପାଇଁ ଭୁଲ ମାଗିବା ସହିତ ମହିଳାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ଦେବାପାଇଁ ଘୋଷଣା କରିଛନ୍ତି ।



# ଗୁଜବର ଶେଷ !



ଐଶ୍ୱର୍ଯ୍ୟା ରାୟ ଓ ଅଭିଷେକ ବଚ୍ଚନଙ୍କ ବିବାହ ବିଚ୍ଛେଦକୁ ନେଇ ଅନେକ ଦିନ ହେବ ଚର୍ଚ୍ଚା ଜାରି ରହିଛି । ଉଭୟ ଅଲଗା ରହୁଥିବା ଠାରୁ ଆରମ୍ଭ କରି ଅଭିଷେକଙ୍କର ଅନ୍ୟ ଅଭିନେତ୍ରୀଙ୍କ ସମ୍ପର୍କ ଏଭଳି ଅନେକ ଆଲୋଚନା ଜାରି ରହିଛି । ହେଲେ ଏହାରି ଭିତରେ ସବୁଥିରେ ପୂର୍ଣ୍ଣଚ୍ଛେଦ ପକାଇଛି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓ । ନିକଟରେ ଏକ ହାଇ ପ୍ରୋଫାଇଲ୍ ପାର୍ଟିରେ ଉଭୟ ଐଶ୍ ଓ ଅଭିଷେକଙ୍କୁ ଏକାଠି ଦେଖିବାକୁ ମିଳିଛି । ଯାହା ବର୍ତ୍ତମାନ ସବୁ ଗୁଜବକୁ ମିଛ ସାବସ୍ତ୍ୟ କରିଛି । ଉଭୟ ଏକାଠି ଥିବା ନେଇ ଫ୍ୟାନ୍ ଏକ ପ୍ରକାର ଆସ୍ୱସ୍ତି ହୋଇଛନ୍ତି । ଅନେକ ଦିନ ପରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଛି । ତେବେ ଏହି ଭିଡିଓରେ ବଚ୍ଚନ ପରିବାରର କେହି ଅନ୍ୟ ସଦସ୍ୟ ଦେଖିବାକୁ ମିଳିନାହାନ୍ତି, ଅନ୍ୟପଟେ ଐଶ୍ ଏହି ପାର୍ଟିରେ ନିଜ ମା'ଙ୍କ ସହିତ ନଜର ଆସିଛନ୍ତି । ତେବେ ଆଗକୁ ଅଭିଷେକ ଓ ଐଶ୍‌ଙ୍କ ଭିତରେ ସବୁକିଛି ଠିକ୍ ହୋଇଯାଉ ବୋଲି ଫ୍ୟାନମାନେ ଆଶା ରଖିଛନ୍ତି ।





# ଲଗ୍‌ଜୁରୀ ପାଣି

ଆମ ଶରୀରର ପାଣି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଯାହା ବିନା ଆମର ବଞ୍ଚିବା କଷ୍ଟ । ଆମ ଶରୀରର ଅନେକ ପ୍ରକ୍ରିୟା ପାଇଁ ଜଳର ବିଶେଷ ଆବଶ୍ୟକ ପଡିଥାଏ । ତେବେ ସାଧାରଣତଃ ବଜାରରେ ମିଳୁଥିବା ପାଣି ୧୦ ଟଙ୍କାରୁ ଆରମ୍ଭ ହୋଇ ୩୦୦ ପର୍ଯ୍ୟନ୍ତ ରହିଛି । ତେବେ ଦୁନିଆର ସବୁଠାରୁ ଲଗ୍‌ଜୁରୀ ପାଣିର ଦାମ ହେଉଛି ୧ ଲକ୍ଷ ୧୬ ହଜାର । ଏହା ବୋତଲ ପ୍ରତି ବିକ୍ରି ହୋଇଥାଏ, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାର ବୋତଲଟି ଖୁବ ଭଲ ପ୍ୟାକେଜିଂରେ ଆସିଥାଏ । ଏହି ପାଣି ବୋତଲକୁ ଫିଲିକୋ ଜୁଏଲାରୀ ୱାଟର ବୋତଲ ପ୍ରସ୍ତୁତ କରିଛନ୍ତି । ଏହି ବୋତଲର ଆକୃତି ମଧ ଏକ ଜୁଏଲାରୀ ଭଳି କରାଯାଇଛି । ବୋତଲରେ ଥିବା ଜଳ ଜାପାନ୍‌ର ଏକ ପ୍ରାକୃତିକ ଝରଣାରୁ ଅଣାଯାଇଥାଏ ବୋଲି ସୂଚନା ରହିଛି । ପାଣିର ସମସ୍ତ ବୋତଲକୁ ହାତରେ ତିଆରି କରାଯାଇଛି, ଯେଉଁଥିରେ ସୁନାର ଛାପ ମଧ ଦିଆଯାଇଛି । ଏହାର ବୋତଲ ଗୁଡିକୁ ଜାପାନ୍‌ର ହସ୍ତତନ୍ତର ଛାପ ଦିଆଯାଇ ପ୍ରସ୍ତୁତ କରାଯାଇଛି । ଏହି ବୋତଲ ଗୁଡିକର ଡିମାଣ୍ଡ ରହିଛି, ଲୋକମାନେ ବୁଲିବାକୁ ଯିବା ସମୟରେ ଏହି ବୋତଲକୁ ସାଙ୍ଗରେ ନେଇ ଯିବା ପାଇଁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୬୩
ତିଥି : ସପ୍ତମୀ
୦୮ ଡିସେମ୍ବର ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 63
08 Dec 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୁର୍ବଳ

ଭୁବନେଶ୍ୱର,୭।୧୨ (ସବ୍ୟୁ): ରାଜ୍ୟ ସ୍ୱାସ୍ଥ୍ୟ ସେବାର ପ୍ରକୃତ ଚିତ୍ର ଭାରତ ମହାଲଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରିପୋର୍ଟରେ ଦେଖିବାକୁ ମିଳିଛି । ରାଜ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧିତା ଆଇପିଏଚ୍‌ଏସ୍ ମାନଙ୍କ ସହ ସମାନ ନଥିଲା । ମଞ୍ଜୁରୀ ପ୍ରାପ୍ତ ପଦବୀ ତୁଳନାରେ ରାଜ୍ୟର ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧି ମାତ୍ର ୪୯% ଥିଲା । ଯେତେବେଳେ ମେଡ଼ିକାଲ କ୍ଷେତ୍ରରେ ଏହା ୪୦% ଥିଲା । ଷ୍ଟାଫ୍ ନର୍ସ/ ନର୍ସିଂ ଅଫିସରଙ୍କ କ୍ଷେତ୍ରରେ ୩୦% ପଦବୀ ଖାଲି ରହିଥିଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।




ଆଜି ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଉପକେନ୍ଦ୍ରରେ ଆଇପିଏଚ୍‌ଏସ୍‌ମାନଙ୍କ ତୁଳନାରେ ୨୭% ଅଭାବ ଥିଲା ବେଳେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୩% ସିଏଚ୍‌ସିରେ ୧୨% ଅଭାବ ରହିଥିଲା । ଏହି ଅଭାବ ସତ୍ତ୍ୱେ ବି ୨୦୨୨ ମାର୍ଚ୍ଚ ୩୧ ସୁଧା ରାଜ୍ୟରେ ୭୨ଟି ପ୍ରତିଷ୍ଠାନର (୯ ପୃଷ୍ଠାରେ)

**୪୯% ବିଶେଷଜ୍ଞ ପଦବୀ ଖାଲି**

**ଷ୍ଟାଫ ନର୍ସ-ନର୍ସିଂ ଅଫିସର ପଦବୀ ୩୦% ଖାଲି**

**ଡାକ୍ତରଖାନାରେ ଆଇପିଏଚ୍‌ଏସ୍ ମାନକ ତୁଳନାରେ ଯନ୍ତ୍ରପାତି ଅଭାବ**

**ଗୁରୁତ୍ୱପୂର୍ଣ୍ଣ ଔଷଧ ଉପଲବ୍ଧ ହେଉନାହିଁ**

**ଜାତୀୟ ସ୍ୱାସ୍ଥ୍ୟନୀତି ଅନୁଯାୟୀ ଶଯ୍ୟାରେ ୬୪% ଅଭାବ**

## ମଧ୍ୟାହ୍ନ ଭୋଜନ ଖାଇ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୁରୁତର




ମୁରିବାହାଲ, ୭।୧୨ (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ମାଳିଶିରା ପଞ୍ଚାୟତ ଡେଙ୍ଗପଦର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇ ଗୁରୁତର ହୋଇପଡିଥିବା ଜଣାପଡିଛି। ମଧ୍ୟାହ୍ନ ଭୋଜନର ଅଣ୍ଡା ତରକାରୀରେ ପାଚିକା ହଳଦୀ ପକାଇବା ବଦଳରେ ସର୍ଫ ପାଉଡର ପକାଇଦେଇଥିବା ଅଭିଯୋଗ ହୋଇଛି ।

ଶନିବାର ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀର ମୋଟ ୧୭୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୫ଜଣ ଛାତ୍ରଛାତ୍ରୀ ସ୍କୁଲ (୯ ପୃଷ୍ଠାରେ)

### ଏଏସ୍‌ଓ ନିଯୁକ୍ତିରେ ଅର୍ଥ କାରବାର ଅଭିଯୋଗ ପ୍ରସଙ୍ଗ

## ବିଜେଡି ସଭ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହ ଅଚଳ

ଭୁବନେଶ୍ୱର, ୭।୧୨ (ସବ୍ୟୁ) : ଏଏସ୍‌ଓ ନିଯୁକ୍ତିରେ ଅର୍ଥ କାରବାର ନେଇ ପୂର୍ବ ସରକାରଙ୍କୁ ଦାୟୀ କରି ଗତକାଲି ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଉପରେ ଆଜି ବିଜେଡି ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଛନ୍ତି । ସରକାର ଏହାର ପ୍ରମାଣ ଦିଅନ୍ତୁ ବୋଲି ସେମାନେ ଦାବି କରିବା ସହ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପ୍ରତି ଅପମାନ ବୋଲି କହିଛନ୍ତି । ବିରୋଧୀ ବିଜେଡି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହ ବସ୍ତୁତଃ ଅଚଳ ହୋଇ ପଡ଼ିଥିଲା । ଫଳରେ ଗୃହକୁ ବାଚସ୍ପତି ବାରମ୍ୱାର ମୁଲତବୀ କରିଥିଲେ ।

ଗୃହକାର୍ଯ୍ୟ ଆରମ୍ଭରୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କଲା ବିଜେଡି । ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହ ମଧ୍ୟ ଭାଗକୁ ଆସି ପ୍ରତିବାଦ କରିଥିଲେ । ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ବିଭିନ୍ନ ନାରାବାଜି କରିଥିଲେ । ଫଳରେ ପ୍ରଶ୍ନକାଳ ମାତ୍ର ୨ମିନିଟ ଚାଲିପାରିଥିଲା । ପୂର୍ବାହ୍ନ ୧୦.୩୨ରୁ ସାଢ଼େ ୧୧ଟା ଯାଏ ଗୃହକୁ ମୁଲତବୀ ରଖିଥିଲେ ।

ଶୂନ୍ୟକାଳ ଆରମ୍ଭରୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଗତକାଲି ମୁଖ୍ୟମନ୍ତ୍ରୀ ଯେଉଁ ବିବୃତି ଦେଲେ ୨୦ରୁ ୩୦ ଲକ୍ଷ ଟଙ୍କାରେ ହାଟ ବଜାରରେ ଚାକିରୀ ମିଳୁଛି । ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ଯେଉଁମାନେ ଚାକିରୀ ପାଇଛନ୍ତି ତାଙ୍କ ପ୍ରତି ଏହା ଅପମାନଜନକ । ଯେଉଁମାନେ ପ୍ରସ୍ତୁତ ହେଉଛନ୍ତି ତାର ମନୋବଳ ଭାଙ୍ଗୁଛି । ଯଦି ଦୁର୍ନୀତି ହୋଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପ୍ରମାଣ ଅଛି, ତାହେଲେ ୬ ମାସ ହେଲା କାହିଁକି ବସିଛନ୍ତି? ତାଙ୍କ ପାଖରେ ସିବିଆଇ, ଇଡି ଓ ଭିଜିଲାନ୍ସ ଭଳି ସମସ୍ତ ତଦନ୍ତକାରୀ ସଂସ୍ଥା ଅଛି । ଏଭଳି ଶସ୍ତା ବକ୍ତବ୍ୟ ଏବଂ ଶବ୍ଦ ପ୍ରୟୋଗ କରି ପୂର୍ବ ସରକାରକୁ ଅପମାନ ଦିଆଯାଇଛି । ଏହାକୁ ବିଧାନସଭା ପ୍ରୋସିଡିଙ୍ଗସରୁ ବାଦ ଦିଆଯାଉ ବୋଲି ଦାବି କରିଥିଲେ । କେଉଁ ସଂସ୍ଥାକୁ ତଦନ୍ତ କରାଇଥିଲେ? ପୂର୍ବ ସରକାର ଯାହା କରିଥିଲେ ନୀତି ନିୟମରେ କରିଥିଲେ । କୌଣସି ପିଲା ଟଙ୍କା ନେଇ ଚାକିରୀ ପାଇନାହାନ୍ତି । ଏ ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂ ଦାବି କରି ଗୃହ ମଧ୍ୟ ଭାଗରେ ଚାଲି ଆସିଲେ ବିଜେଡି ସଦସ୍ୟମାନେ । ପ୍ରବଳ ହଟ୍ଟଗୋଳ କରିବା ସହିତ ବିଭିନ୍ନ (୯ ପୃଷ୍ଠାରେ)

## ବସ୍ ଧକ୍କାରେ ୩ ମୃତ

ମାଲକାନଗିରି, ୭।୧୨ (ସବ୍ୟୁ) : ବାଇକ୍ ଆରୋହୀ ୩ ଜଣଙ୍କ ଉପରେ ସରକାରୀ ବସ୍ (ଓଡି-୩୦-୪୯୦୯) ଚଢ଼ିଯାଇଥିଲା । ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ମାଲକାନଗିରି ଜିଲ୍ଲା ଏମଭି-୭ ନିକଟରେ ଶନିବାର ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ସରକାରୀ ବସ୍‌ଟି ମାଲକାନଗିରିରୁ ପଡ଼ିଆ ଅଭିମୁଖେ ଯାଉଥିଲା । ମାଲକାନଗିରି ଠାରୁ ମାତ୍ର ୪ କିମି ଦୂର ଯିବା ପରେ ବିପରୀତ ଦିଗରୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ ରେ ୩ ଆରୋହୀ ଥିଲେ। ସେମାନେ ମାଲକାନଗିରି ଅଭିମୁଖେ ଆସୁଥିଲେ। ଏମଭି-୭ ଏବଂ ମାଲକାନଗିରି ମଝିରେ ଥିବା (୯ ପୃଷ୍ଠାରେ)

## ପଞ୍ଜୀକୃତ ଶ୍ରମିକଙ୍କ ଠାରୁ ସେସ୍ ଆଦାୟ ହୋଇନି

ଭୁବନେଶ୍ୱର,୭।୧୨ (ସବ୍ୟୁ): କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କ ନିୟୋଜନ ଓ ଚାକିରି ସର୍ତ୍ତାବଳୀକୁ ନିୟନ୍ତ୍ରଣ ଏବଂ ସେସ ଧାର୍ଯ୍ୟ ତଥା ଆଦାୟ କରିବା ପାଇଁ ଆଇନ ହୋଇଥିଲା । ସରକାରୀ ବିଭାଗ ଗୁଡିକ ସଂସ୍ଥା ବା ନିଯୁକ୍ତ ଦାତା ଭାବରେ ବୋର୍ଡରେ ସେମାନଙ୍କ ପଞ୍ଜିକରଣ ବାବଦରେ ପ୍ରାଥମିକ ଦୋଷୀ ଥିଲା । ଫଳତଃ ନିର୍ମାଣ ଠିକାଦାର ଓ ସେମାନଙ୍କ ଦ୍ୱାରା ନିୟୋଜିତ ବିଓସି ଶ୍ରମିକ ବୋର୍ଡରେ ପଞ୍ଜିକୃତ ହୋଇନଥିଲେ ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

ସିଏଜି ଦର୍ଶାଇଛନ୍ତି ଯେ, ଜୁଲାଇ ୨୦୨୦ ସୁଧା ବୋର୍ଡ ଆକଳନ କରିଥିବା ୪୧.୭୦ ଲକ୍ଷ ବିଓସି ଶ୍ରମିକ ବିପକ୍ଷରେ ମାର୍ଚ୍ଚ ୨୦୨୨ ସୁଧା ୩୬.୭୪ ଲକ୍ଷ ପଞ୍ଜିକୃତ ହୋଇଥିଲେ । ୫ ନମୂନା ଜିଲ୍ଲାରେ କୋଭିଡ-୧୯ ମହାମାରୀ ପାଇଁ ଜାରି କରାଯାଇଥିବା ବନ୍ଦ ସମୟରେ ରାଜ୍ୟକୁ ଫେରିଥିବା ୩୮,୦୨୩ ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ମାତ୍ର ୩୪୫୭ ପ୍ରବାସୀ ଶ୍ରମିକ ବୋର୍ଡରେ ପଞ୍ଜିକୃତ ହୋଇଥିଲେ । ବିଓସି କାର୍ଯ୍ୟକ୍ଷେତ୍ରରେ ୬୭.୧୨ ଲକ୍ଷ ଟଙ୍କାର ଶେଷ ଆଦାୟ ହୋଇନଥିଲା । ୪୧୮ କାର୍ଯ୍ୟ ବାବଦରେ ଡିମାଣ୍ଡ ଡ୍ରାଫ୍ଟ ଓ ଚେକ ମାଧ୍ୟମରେ ପ୍ରାପ୍ତ ୫.୭୨ କୋଟି ଟଙ୍କାର ସେସ ଜମା କରାଯାଇନଥିଲା (୯ ପୃଷ୍ଠାରେ)

### ବିଜେପି ନେତାଙ୍କ ମନ୍ତବ୍ୟ ଉପରେ ଆମେରିକାର ତୀବ୍ର ପ୍ରତିକ୍ରିୟା

## ଏଭଳି ଅଭିଯୋଗ ଆମକୁ ବ୍ୟଥିତ କରିଛି

ନୂଆଦିଲ୍ଲୀ, ୭।୧୨ : ବିଜେପି ପକ୍ଷରୁ ଓସିସିଆର୍‌ପିକୁ ଆମେରିକା ବାର୍ଷିକ ଆର୍ଥିକ ସହାୟତା ଦେବା ନେଇ ଯେଉଁ ଅଭିଯୋଗ ଆସିଥିଲା ତାହା ଉପରେ ଆମେରିକା ବୈଦେଶିକ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ପଛରେ ଆମେରିକା ବୈଦେଶିକ ହାତ ଥିଲା ବିଦେଶୀ ଅଭିଯୋଗ କରିଥିଲା । ଏହାସହ ଆମେରିକା ଓ ଭାରତରେ ଅସ୍ଥିରତା ସୃଷ୍ଟି କରିବା ସହ ଏକ ନ୍ୟୁଜ୍ ପୋର୍ଟାଲକୁ ଆର୍ଥିକ ସହାୟତା ଦେଉଛି ବୋଲି ଅଭିଯୋଗ କରିଥିଲେ । ତେବେ ଆମେରିକା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ନୂଆଦିଲ୍ଲୀରେ ଥିବା ଆମେରିକା ଦୂତାବସ ପକ୍ଷରୁ କୁହାଯାଇଛି ଯେ ଭାରତର କ୍ଷମତାଶୀନ ଦଳ ପକ୍ଷରୁ ଏଭଳି ଅଭିଯୋଗ ଆସିଥିବା ତାଙ୍କୁ ବ୍ୟଥିତ କରିଛି ।

ଆମେରିକା ସରକାର ସ୍ୱାଧୀନ ସଂସ୍ଥା ଗୁଡିକର କାର୍ଯ୍ୟକ୍ରମକୁ ସ୍ୱାଧୀନ ଭାବେ କରିବାକୁ ଦେଇଥାନ୍ତି । ବୃତ୍ତିଗତ ବିକାଶ ଓ ସାମ୍ବାଦିକମାନଙ୍କର ଦକ୍ଷତା ବୃଦ୍ଧି ପ୍ରଶିକ୍ଷକକୁ ସହାୟତା ଦିଅନ୍ତି ଏକ ମୁକ୍ତ ଏବଂ ସ୍ୱାଧିନ ପ୍ରେସ୍ ଯେ କୌଣସି ଗଣତନ୍ତ୍ରର ଏକ ଅତ୍ୟାବଶୀକ ଉପାଦନ । ଯାହା ସୂଚୀତ ଏବଂ ଗଠନ ମୂଳକ ବିତର୍କକୁ ସକ୍ଷମ କରେ ଏବଂ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତର ଦାୟୀ କରେ । ଓସିସିଆର୍‌ପି ଭଳି ଗୋଷ୍ଠୀକୁ ଦୂତବାସର ମୁଖପାତ୍ର ଅସ୍ୱୀକାର କରିନାହାନ୍ତି । ସେ କହିଛନ୍ତି ଯେ ଆମେରିକୀୟ ସରକାର ସାମ୍ବାଦିକଙ୍କ ବୃତ୍ତିଗତ ବିକାଶ ଏବଂ ଦକ୍ଷତା ପ୍ରଶିକ୍ଷଣକୁ ସମର୍ଥନ କରିଥିବା କାର୍ଯ୍ୟକ୍ରମ ଉପରେ ସ୍ୱାଧିନ ସଂଗଠନମାନଙ୍କ ସହ କାର୍ଯ୍ୟ କରନ୍ତି । ଆମେରିକା ପକ୍ଷରୁ ବିଶ୍ୱରେ ପ୍ରେସ୍ ସ୍ୱାଧୀନତା ଉପରେ ପ୍ରଚାର କରାଯାଏ । ମୁଖ୍ୟ ଓ ସ୍ୱାଧୀନ ଗଣତନ୍ତ୍ର ପାଇଁ ଏକ ବଳିଷ୍ଠ ଉପାଦାନ ପାଇଁ ସେ ଉଲ୍ଲେଖ କରିଛନ୍ତି । ଆମେରିକା ପକ୍ଷରୁ ବିଜେପି ମୁଖପାତ୍ର ସମ୍ବିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ କିଛି ସାମ୍ବାଦିକ ଗୋଷ୍ଠିକୁ ଭାରତର ବିକାଶ ଯାତ୍ରାରେ ବାଧା (୯ ପୃଷ୍ଠାରେ)

ସୁଯୋଗ କରଛଡା କରନ୍ତୁ ନାହିଁ
ଆପଣଙ୍କର ଅଗ୍ରୀମ ଟିକସ ପୈଠ କରନ୍ତୁ
ଏବଂ
ବିକଶିତ ଭାରତ ଆନ୍ଦୋଳନରେ ଯୋଗ ଦିଅନ୍ତୁ

ଏବେ ଆପଣଙ୍କ ଅଗ୍ରୀମ ଟିକସର ତୃତୀୟ କିସ୍ତି ପୈଠ କରନ୍ତୁ




ଅଗ୍ରୀମ ଟିକସ କିଏ ପୈଠ କରିବେ

ପ୍ରତ୍ୟେକ ବ୍ୟକ୍ତି * ଯାହାର ଟିକସ ଦେୟତା ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟିକସ ରିହାତି / ସଂଗୃହିତ ଉତ୍ସ ଦ୍ୱାରା ହ୍ରାସ ହୋଇଛି ଟ. ୧୦,୦୦୦ କିମ୍ବା ତା'ଠାରୁ ଅଧିକ ଅଗ୍ରୀମ ଟିକସ ଦେୟ ଦେବାକୁ ହେବ ।

ପୈଠ କରିବାର ପ୍ରଣାଳୀ

- ଟିକସଦାତାମାନେ ଉଭୟ ଅନଲାଇନ ଓ ଅଫ୍ ଲାଇନରେ ଅଗ୍ରୀମ ଟିକସ ପୈଠ କରିପାରିବେ । ସମସ୍ତ କର୍ପୋରେଟସ୍ ଏବଂ ଯେଉଁ ଆସେସୀମାନେ ଯାହାର ଆକାଉଣ୍ଟସ୍ ଆୟକର ଆଇନ ୧୯୬୧ର ୟୁ/ଏସ ୪୪ ଏବିରେ ଅଡିଟ୍ ହେବା ପ୍ରୟୋଜନ ଏମାନଙ୍କ ପାଇଁ ଇ-ପେମେଣ୍ଟ ବାଧ୍ୟତାମୂଳକ ଅଟେ ।
- ଅନ୍ୟ ଟିକସଦାତାଙ୍କ ପାଇଁ ଇ-ପେମେଣ୍ଟ କରିବା ସୁବିଧାଜନକ ଅଟେ ଏହାଦ୍ୱାରା ସଠିକ୍ କ୍ରେଡିଟ୍ ସୁନିଶ୍ଚିତ ହୋଇପାରିବ ।

ଅଗ୍ରୀମ ଟିକସ ପୈଠ ପାଇଁ ସମୟସୀମା

| ନିର୍ଦ୍ଧାରିତ ତାରିଖ | ପରିମାଣ |
| --- | --- |
| ୧) ୧୫ ଜୁନ ୨୦୨୪ ଦିନ କିମ୍ବା ଏହା ପୂର୍ବରୁ | ଅଗ୍ରୀମ ଟିକସ ଦେୟର ୧୫% |
| ୨) ୧୫ ସେପ୍ଟେମ୍ବର ୨୦୨୪ ଦିନ କିମ୍ବା ଏହା ପୂର୍ବରୁ | ଅଗ୍ରୀମ ଟିକସ ଦେୟର ୪୫% |
| ୩) ୧୫ ଡିସେମ୍ବର ୨୦୨୪ ଦିନ କିମ୍ବା ଏହା ପୂର୍ବରୁ | ଅଗ୍ରୀମ ଟିକସ ଦେୟର ୭୫% |
| ୪) ୧୫ ମାର୍ଚ୍ଚ ୨୦୨୫ ଦିନ କିମ୍ବା ଏହା ପୂର୍ବରୁ | ଅଗ୍ରୀମ ଟିକସ ଦେୟର ୧୦୦% |

ଅଗ୍ରୀମ ଟିକସ ଦେୟ କମ୍ କରିବା/ଅଣଦେୟ ହେଲେ କିମ୍ବା ଘୁଞ୍ଚିଲେ ସୁଧ ଦେବାକୁ ପଡିବ

• ଟିକସଦାତା ଯେ କି ଆର୍ଥିକ ବର୍ଷ ୨୦୨୪/୨୫ ପାଇଁ ଆଗୁଆ ଟିକସ ଯୋଜନାର ସୁଯୋଗ ନେବାକୁ ଚାହିଁଲେ ୧୫ ମାର୍ଚ୍ଚ ୨୦୨୫ ସୁଦ୍ଧା ଏକକାଳୀନ ଅଗ୍ରୀମ ଟିକସ ପୈଠ କରିବା ପ୍ରୟୋଜନୀୟ । ବରିଷ୍ଠ ନାଗରିକମାନେ (ଯେଉଁ ମାନଙ୍କର ବୟସ ୬୦ ବର୍ଷ କିମ୍ବା ଅଧିକ) ଅଗ୍ରୀମ ଟିକସ ଦେବା ଆବଶ୍ୟକ ନାହିଁ, ଯଦି ସେମାନଙ୍କର କୌଣସି ଆୟ ବ୍ୟବସାୟ କିମ୍ବା ବୃତ୍ତିଗତରୁ ହୋଇ ନଥିବ ।

CBC15401/13/0009/2425

ଅଗ୍ରୀମ ଟିକସ ବ୍ରୋସିଅର ପାଇଁ କ୍ୟୁଆର କୋର୍ଡ ସ୍କାନ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟେକ୍ଷ ଟିକସ ବୋର୍ଡ
ଅଧିକ ସୂଚନା ପାଇଁ ଦୟା ପୂର୍ବକ ଦେଖନ୍ତୁ :www.incometax.gov.in

ଅଧିକ ସୂଚନା ପାଇଁ କ୍ୟୁଆର କୋର୍ଡ ସ୍କାନ କରନ୍ତୁ

@IncomeTaxIndia @incometaxindia.Official @IncomeTaxIndiaOfficial @incometaxindiaofficial Income Tax India Official

## ରାଷ୍ଟ୍ରପତିଙ୍କ ଦ୍ୱାରା ଓଡିଶାରେ ତିନୋଟି ପ୍ରକଳ୍ପର ମୂଳଦୁଆ

# ରାଇରଙ୍ଗପୁରରେ ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ରର ଶିଳାନ୍ୟାସ

ବାରିପଦା, (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜବାସୀଙ୍କୁ ୩ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ଶନିବାର ଦିନ ବାଙ୍ଗିରିପୋଷି ଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଭିଡିଓ କନଫରେନ୍ସିଂ ଜରିଆରେ ରାଇରଙ୍ଗପୁରରେ ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଏବଂ ସବ-ଡିଭିଜନାଲ ହସ୍ପିଟାଲର ଶିଳାନ୍ୟାସ କରିବେ । ଏହାସହିତ ଦାଣ୍ଡବୋଷ ହେଲିପ୍ୟାଡ଼ର ମଧ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ଅନନ୍ତ ନାୟକ, ଲୋକସଭା ସାଂସଦ ନବ ଚରଣ ମାଝୀ ଓ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ । ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଡାମରା-ଚାକୁଳିଆ, ବାଦାମପାହାଡ- କେନ୍ଦୁଝରଗଡ ଆଦି ୬ହଜାର ୨୯୪କୋଟି ଟଙ୍କାର ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଅଛି।



୮୬ କିଲୋମିଟରର ବାଙ୍ଗିରିପୋଷି-ଗୋରୁମହିଷାଣି ନୂଆ ଲାଇନ ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ। ୨୫୪୯ କୋଟି ଟଙ୍କା ବ୍ୟୟରେ ଏହି ଲାଇନ ନିର୍ମାଣ ହେବ। ସେହିପରି ୬୦କିଲୋମିଟରର ବୁଡ଼ାମରା-ଚାକୁଳିଆ ନୂଆ ଲାଇନ ପ୍ରକଳ୍ପ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଏବଂ ଝାଡ଼ଖଣ୍ଡର ସିଂହଭୂମ୍ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ। ୧୬୩୯ କୋଟି(ଆନୁମାନିକ) ଟଙ୍କାବ୍ୟୟରେ ଏହି ଲାଇନ ନିର୍ମାଣ ହେବ । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ସେ ସର୍ବଦା ଏହି ମାଟିର ଝିଅ ହୋଇଥିବାରୁ ଗର୍ବିତ । ଦାୟିତ୍ୱ ଏବଂ ବ୍ୟସ୍ତତା ତାଙ୍କୁ ନିଜ ଜନ୍ମସ୍ଥାନ ଏବଂ ନିଜ ଲୋକମାନଙ୍କଠାରୁ କେବେବି ଦୂରେଇ ରଖିନାହିଁ ବରଂ, ଲୋକଙ୍କ ପ୍ରେମ ତାଙ୍କୁ ସର୍ବଦା ନିଜ ଆଡକୁ ଆକର୍ଷିତ କରିଥାଏ । ସେ କହିଛନ୍ତି ଯେ ରେଳ ପ୍ରକଳ୍ପ ଏବଂ ବିମାନବନ୍ଦର ଏହି ଅଞ୍ଚଳରେ ପରିବହନ, ବାଣିଜ୍ୟ ଏବଂ ବାଣିଜ୍ୟକୁ ବୃଦ୍ଧି କରିବ । ସେ କହିଛନ୍ତି 'ମୋର ଅତି ପ୍ରିୟ ପରିବାର ସଦସ୍ୟ, ଆଜି ମୟୂରଭଞ୍ଜ ମାଟିରୁ, ୩ଟି ନୂତନ ରେଳ ଲାଇନ ପ୍ରକଳ୍ପ...ଯାହା ମୁଁ ଦେଶକୁ ଉତ୍ସର୍ଗ କରିବାର ସୌଭାଗ୍ୟ ପାଇଛି, ତାହା ବାଙ୍ଗିରିପୋଷି, ବାଦାମପାହାଡ଼, ବୁଡ଼ାମରା ଏବଂ ଓଡ଼ିଶାର ଆଖପାଖ ରାଜ୍ୟରେ ଅର୍ଥନୈତିକ ତଥା ସାମାଜିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । କ୍ରମାଗତ ଭାବରେ ସ୍ଥାନୀୟ ଲୋକଙ୍କ ପାଇଁ ନୂତନନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ ।

ଏହାବ୍ୟତୀତ ପରିବହନର ନୂତନ ଧାରା ସହିତ ଏହି ଅଂଚଳର ଚିକିତ୍ସା ଓ ଶିକ୍ଷାଗତ ସୁଯୋଗବୃଦ୍ଧି ପାଇବ ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ରାଇରଙ୍ଗପୁର ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ, ଯାହା ଶିକ୍ଷା, ଅନୁସନ୍ଧାନ ଏବଂ ବିକାଶ ମାଧ୍ୟମରେ ବିଶେଷ କରି ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତିକରଣ କରିବା ପାଇଁ ଏକ ସାମୂହିକ ପ୍ରୟାସରେ ସମସ୍ତଙ୍କ ପାଇଁ ପ୍ରେରଣା ଉତ୍ସ ଭାବରେ କାର୍ଯ୍ୟ କରିବ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଯାହା ମୟୂରଭଞ୍ଜ ଏବଂ ଉତ୍ତର ଓଡିଶାର ଅନ୍ୟାନ୍ୟ ଜିଲ୍ଲା। (ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର) ର ଆଦିବାସୀ ସମ୍ପ୍ରଦାୟର ବିଶିଷ୍ଟ ଆବଶ୍ୟକତାକୁ ପୂରଣ କରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ନିଜ ଅଭିଭାଷଣରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ଏହି ୩ ନୂତନ ରେଳପଥରେ ସେବା ଆରମ୍ଭ ଦ୍ୱାରା ସ୍ଥାନୀୟବାସୀ ବହୁଭାବରେ ଉପକୃତ ହେବେ। ଏହି ନୂଆ ଲାଇନ ବ୍ୟବସାୟର ସୁଯୋଗକୁ ବଢାଇବ ଏବଂ ଏହା ଦ୍ୱାରା ସ୍ଥାନୀୟ ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇବ। 'ସମ୍ପ୍ରତି କେନ୍ଦ୍ର ସରକାର ଏକ ରେକର୍ଡ ସ୍ତରରେ ଭାରତୀୟ ରେଳ ପ୍ରକଳ୍ପରେ ବିନିଯୋଗ କରୁଛନ୍ତି ଯେଉଁଥିରେ ଭିତ୍ତିଭୂମି ପାଇଁ ପାଇଁ ରେଳବାଇକୁ ଏଥର ଏକ ରେକର୍ଡ ବଜେଟ୍ ଦିଆଯାଇଛି। ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ। ଗତ ବର୍ଷ, ବାଦାମପାହାଡ଼ ଷ୍ଟେସନରୁ ବାଦାମପାହାଡ଼-ଟାଟାନଗର ମେମୁ ସେବା, ବାଦାମପାହାଡ଼-ରାଉରକେଲା ଏକ୍ସପ୍ରେସ ଏବଂ ବାଦାମପାହାଡ଼-ଶାଲିମାର ଏକ୍ସପ୍ରେସ ନାମକ ୩ ଟି ନୂଆ ଟ୍ରେନକୁ ଏଇ ମୟୂରଭଞ୍ଜର ବାଦାମପାହାଡ ଷ୍ଟେସନରୁ ଫ୍ଲାଗ ଅଫ କରାଯାଇଥିଲା । ଏହା ବ୍ୟତୀତ ବାଦାମପାହାଡ଼ ଷ୍ଟେସନର ପୁନଃ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ ସ୍ଥାପନ କରାଯାଇଥିଲା। ଏହି ଟ୍ରେନଗୁଡିକ ଚାଲିବା ସହିତ ବାଦାମପାହାଡ଼ର ଲୋକମାନେ ପ୍ରଥମଥର ପାଇଁ ଏକ୍ସପ୍ରେସ ଟ୍ରେନର ଉପହାର ପାଇଥିଲେ। ସେହିପରି ଭାବରେ, ଭାରତ ସରକାରଙ୍କ ଆଞ୍ଚଳିକ ଏୟାର-କନେକ୍ଟିଭିଟି ପ୍ରୋଗ୍ରାମ ଅଧୀନରେ ଦାଣ୍ଡବୋଷ ବିମାନ ବନ୍ଦରକୁ ଅନ୍ତର୍ଭୁକ୍ତ କରାଯାଇଛି। ଟଉଇଘ ଯୋଜନା ଅନୁଯାୟୀ, ଦାଣ୍ଡବୋଷ ବିମାନବନ୍ଦରର ବିକାଶ ପାଇଁ ୪୫କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦାଣ୍ଡବୋଷ ବିମାନ ବନ୍ଦର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରଠାରୁ ୬ କିଲୋମିଟର, ଜିଲ୍ଲା ମୁଖ୍ୟାଳୟ ବାରିପଦା ଠାରୁ ୮୯ କିଲୋମିଟର ଏବଂ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ୨୬୭ କିଲୋମିଟର ଦୂରରେ ଅବସ୍ଥିତ। ରାଉରକେଲା-ରାଇରଙ୍ଗପୁର-ରାଉରକେଲା-ଅମ୍ବିକାପୁର-ରାଉରକେଲା ମାର୍ଗରେ ୧୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ଯାହା ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରିବ।

**ଦାଣ୍ଡବୋଷରେ ବିମାନ ବନ୍ଦର ଓ ଉପଖଣ୍ଡ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ**

## ରାଜ୍ୟରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି

# ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶାରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ରୀୟ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ମଞ୍ଜୁରୀ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ଶିକ୍ଷା ବ୍ୟବସ୍ଥା ସୁଦୃଢ ହେଉଛି । ଏହି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଗୁଡିକ ଦ୍ୱାରା ଓଡିଶାର ଆହୁରି ଅନେକ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଲାଭ କରି ନିଜ ପ୍ରତିଭାର ବିକାଶ କରିବା ସହିତ ଦେଶର ବିକାଶରେ ଯୋଗଦାନ ରଖିବାର ସାମର୍ଥ୍ୟ ହାସଲ କରିପାରିବେ । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନୂତନ ଶିକ୍ଷା ନୀତି- ୨୦୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭାର ବିକାଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତିଛ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ରଖିଛନ୍ତ । ଜାତୀୟ ଶିକ୍ଷା ନୀତି ଆଧାରରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀ ସଫଳତାର ସହ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଗୁଡିକ କୁଚିଣ୍ଡା, ତାଳଚେର, ଆଠମଲ୍ଲିକ, କାମାକ୍ଷାନଗର, ଆଇ.ଟି.ବି.ପି. ଖୋର୍ଦ୍ଧା, ଜୟପୁର, ଟିଟିଲାଗଡ ଓ ପାଟଣାଗଡରେ ସ୍ଥାପନ କରାଯିବ ।

# ଅଚ୍ୟୁତ ସାମନ୍ତଙ୍କୁ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,(ସବ୍ୟୁ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଶନିବାର ରାଜସ୍ଥାନସ୍ଥିତପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି । ଏହି ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟାଣ୍ଟ ଜେନେରାଲ୍ ଏନ୍ ଏସ୍ ରାଜା ସୁବ୍ରମଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁରେଶ ଚନ୍ଦ୍ର ପୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।




# କଟକ ବିଶ୍ୱସ୍ତରୀୟ ଷ୍ଟେସନ ସହ ହେବ ଆଧୁନିକ ପରିବହନର ହବ୍ : ରେଳମନ୍ତ୍ରୀ

କଟକ,(ସବ୍ୟୁ)କଟକ ରେଳ ଷ୍ଟେସନର ୨ୟ ପ୍ରବେଶ ଦ୍ୱାର ଓ ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନ ଆଜି ସଂଧ୍ୟାରେ ଉଦଘାଟିତ ହୋଇଯାଇଛି । କେନ୍ଦ୍ର ରେଳବାଇ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଉଦ୍ଘାଟନ କରି କହିଲେ ଯେ ମାତ୍ର ୬ ମାସ ମଧ୍ୟରେ ମୋଦି ସରକାର କୋଡ଼ିଏ ହଜାର କୋଟି ଟଙ୍କା ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଦେଇ ସାରିଲେଣି । ସାଧାରଣ ଲୋକଙ୍କ ଯାତାୟାତ କୁ ଆହୁରି ସହଜ କରିବା ପାଇଁ କଟକ ସହରର ,ପୂର୍ବପାର୍ଶ୍ୱ ଷ୍ଟେସନ ଭବନ ସହିତ ଏହି ନୂତନ ପ୍ରବେଶ, ଯାତ୍ରୀ ମାନଙ୍କ ଯାତାୟାତରେ ଆଧୁନିକ ସୁବିଧା, ନିରାପତ୍ତା ପ୍ରଦାନ କରିବାକୁ ସ୍ଥିର ହୋଇଛି । ଏହି ପ୍ରକଳ୍ପ ବାଣିଜ୍ୟ ବ୍ୟାପାରକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ଷ୍ଟେସନ ପାଇଁ କାର୍ଯ୍ୟକାରୀ ହେଉଥିବା ୩୦୦କୋଟି ଟଙ୍କା ପ୍ରକଳ୍ପର ଏହା ଏକ ଅଂଶ ବିଶେଷ ଛ କଟକ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ୧୪.୬୩ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଅଛିଛ ପ୍ରବେଶ ଦ୍ୱାର ଷ୍ଟେସନ୍ ଭବନ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଥିରେ ଖାଦ୍ୟ କୋର୍ଟ, ଆଧୁନିକ ଶୌଚାଳୟ, ଟିକେଟ୍ କାଉଣ୍ଟର, ଅପେକ୍ଷା ସ୍ଥଳୀ, ଏସ୍କାଲେଟର୍, ଲିଫ୍ଟ ଏବଂ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ । ୨ୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ନିରନ୍ତର ଗତି ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଷ୍ଟେସନକୁ ଯାତାୟାତ ପାଇଁ ଅଧିକ ସୁଗମ କରି ସହଜ ପ୍ରବେଶ ସୁନିଶ୍ଚିତ କରିବ କଟକ ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ପରିବହନ ହବରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେଛ ଏତଦ୍ ବ୍ୟତୀତ ଯାତ୍ରୀମାନଙ୍କ ଅଭିବୃଦ୍ଧି କୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳର ସଂଯୋଗକୁ ବଢ଼ିବାରେ ଏହି ବିକାଶର ମହତ୍ତ୍ୱ ଉପରେ ଶ୍ରୀ ବୈଷ୍ଣବ ଉଦବୋଧନ ଦେଇଥିଲେ ଏହି ପ୍ରକଳ୍ପ ବାଣିଜ୍ୟ ବ୍ୟାପାରକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ କଟକ ରେଳ ଷ୍ଟେସନକୁ ଏହି ଅଞ୍ଚଳର ଏକ ପ୍ରମୁଖ ହବ୍ ଭାବେ ପରିଣତ କରିବ । ଏହି ଷ୍ଟେସନ କେବଳ କଟକରୁ ନୁହେଁ ବରଂ ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ବଡମ୍ବା, ନରସିଂହପୁର ଏବଂ ନିଆଳି ପରି ଆଖପାଖ ଜିଲ୍ଲାର ଯାତ୍ରୀଙ୍କୁ ମଧ ସେବା ପ୍ରଦାନ କରାଇବ ଯାତ୍ରୀଙ୍କ ଆରାମ ଏବଂ ନିରାପତ୍ତା ଉପରେ ଧ୍ୟାନ ଦେଇ ଏହି ବିକାଶ ସମଗ୍ର ଦେଶରେ ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଏକ ମଡେଲ ହେବାକୁ ପ୍ରସ୍ତୁତ ହୋଇଛି ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଏଥିରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର- କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ବିଜେପି ର ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଙ୍କ ସମେତ ରେଳବାଇର ଖୋର୍ଦ୍ଧା ଡିଆରଏମ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।




# ବିଧାନସଭା



## କାଚ ମଦ ବୋତଲର ବିକଳ୍ପ ବ୍ୟବସ୍ଥା କରନ୍ତୁ ସରକାର

ଭୁବନେଶ୍ୱର(ସବ୍ୟୁ): କାଚ ମଦ ବୋତଲର ବିକଳ୍ପ ବ୍ୟବସ୍ଥା କରିବାକୁ ବିଧାନସଭାରେ ବିଜେଡି ବିଧାୟକ ସନାତନ ମହାକୁଡ ଦାବି କରିଛନ୍ତି । କାଚ ବୋତଲ ବଦଳରେ ଅନ୍ୟ ବିକଳ୍ପ ବ୍ୟବସ୍ଥାରେ ମଦ ବିକ୍ରି ପାଇଁ ସରକାର ଯୋଜନା କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ବିଧାନସଭାରେ ପ୍ରଶ୍ନରେ ଶ୍ରୀ ମହାକୁଡ଼ ଦାବି କରିଛନ୍ତି, କାଚ ବୋତଲରେ ମଦ ବିକ୍ରି ହେଉଥିବାରୁ ବ୍ୟବହାର ପରେ ସେହି କାଚ ଅଧିକାଂଶ ଲୋକ ଭାଙ୍ଗି ବାହାରେ ଫିଙ୍ଗୁଛନ୍ତି । ଭଙ୍ଗା କାଚ ଦ୍ୱାରା ପରିବେଶ ନଷ୍ଟ ହେଉଥିବା ବେଳେ ଅନେକ ଲୋକ ଓ ପ୍ରାଣୀ ସମ୍ପଦ ଘଟୁଥିବା ଦୁର୍ଘଟଣାରେ ଆହତ ହେଉଛନ୍ତି । ତେଣୁ ମଦ ବୋତଲର ବିକଳ୍ପ ବ୍ୟବସ୍ଥା ଏବେ ଜରୁରୀ ହୋଇପଡିଥିବା ସେ କହିଛନ୍ତି ।

# ଏବର୍ଷ ଅକ୍ଟୋବର ସୁଦ୍ଧା ୨୯,୫୨୭ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଗଞ୍ଜେଇ ଚୋରାଚାଲାଣ ଜାରି ରହିଛି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରାଯାଉଛି । ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୨୯,୫୨୭ କେଜି ଗଞ୍ଜେଇ ଜବତ ହୋଇଛି । ୨୦୨୩-୨୪ରେ ୪୯ଲକ୍ଷ ୭୧ହଜାର ୯୩୨ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି ।

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ତଥ୍ୟ ଦେଇଛନ୍ତି । ଗୃହରେ ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, ରାଜ୍ୟରେ ବେଆଇନ୍ ଗଞ୍ଜେଇ ଚାଷ ବନ୍ଦ କରିବା ପାଇଁ ପ୍ରତି ବର୍ଷ ଅବକାରୀ ଜିଲ୍ଲା (ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲା) ତଥା ଏସ୍‌ଟିଏଫ୍‌କୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥି ସହିତ ଜଙ୍ଗଲ, ରାଜସ୍ୱ, ପୋଲିସ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ବେଆଇନ୍ ଗଞ୍ଜେଇ ଚାଷ ପ୍ରବଣ ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି ଏବଂ ଗଞ୍ଜେଇ ଚାଷୀଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହା ବ୍ୟତିତ ଗଞ୍ଜେଇ ଚାଷ ଅଞ୍ଚଳ ସଠିକ୍ ନିରୂପଣ କରିବା ପାଇଁ ଜିଲ୍ଲାମାନଙ୍କୁ ଦିଆଯାଇଥିବା ଡ୍ରୋନ୍ କ୍ୟାମେରା ସହାୟତାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

ଗଞ୍ଜେଇ ଚାଷରେ ଲିପ୍ତ ବ୍ୟକ୍ତିମାନଙ୍କୁ ଦଣ୍ଡବ୍ୟବସ୍ଥା ସଂପର୍କରେ ସଚେତନତା ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଗୃହ ବିଭାଗ, ପଞ୍ଚାୟତିରାଜ, ପାନିୟଜଳ ଯୋଗାଣ, କୃଷି, ଜଙ୍ଗଲ ଓ ପରିବେଶ, ମତ୍ସ୍ୟ ଓ ପଶୁପାଳନ ବିଭାଗର ମିଳିତ ସହଯୋଗରେ ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲା ଗୁଡ଼ିକରେ ବିକଳ୍ପ ଉନ୍ନୟନମୂଳକ ବ୍ୟବସ୍ଥା ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଜିଲ୍ଲାସ୍ତରରେ କାର୍ଯ୍ୟ ଖସଡା ପ୍ରସ୍ତୁତ ଲାଗି ନିର୍ଦ୍ଦେଶ ଦିଆଯାଇଛି ।

୨୦୧୯-୨୦ରେ ୧୦,୮୨୦ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୨୦-୨୧ରେ ୧୫,୫୧୩ କେଜି, ୨୦୨୧-୨୨ରେ ୩୦,୬୦୦କେଜି, ୨୦୨୨-୨୩ରେ ୪୧,୬୪୮ କେଜି, ୨୦୨୩-୨୪ରେ ୩୪,୬୦୫ କେଜି ଗଞ୍ଜେଇ ଜବତ ହୋଇଛି । ଅତିରିକ୍ତ ପ୍ରଶ୍ନ କର୍ତ୍ତା ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଏ ସଂପର୍କିତ ପ୍ରଶ୍ନ ପ୍ରଚାରି ଥିଲେ । ଏହା ସହିତ ୨୦୨୧-୨୨ରେ ୩କୋଟି ୨୯ଲକ୍ଷ ୧୪ହଜାର ୩୨ଟି ଗଞ୍ଜେଇ ଗଛ ନଷ୍ଟ ହୋଇଥିବାବେଳେ ୨୦୨୨-୨୩ରେ ୧କୋଟି ୭୫ଲକ୍ଷ ୫୧ହଜାର ୮୦୫ ଗଞ୍ଜେଇ ନଷ୍ଟ ହୋଇଛି ।

# ୪ ବର୍ଷରେ ଶ୍ରୀଜଗନ୍ନାଥ ହୁଣ୍ଡିକୁ ଆସିଛି ୧୧୩ କୋଟି

ଭୁବନେଶ୍ୱର,(ସବ୍ୟୁ) : ତିନି ବର୍ଷରେ ଶହେ କୋଟିରୁ ଅଧିକ ଟଙ୍କା ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଶ୍ରୀଜଗନ୍ନାଥଙ୍କ ପାଖକୁ ଆସିଛି । ୨୦୨୧ରୁ ୨୦୨୪ ମଧ୍ୟରେ ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଜଗନ୍ନାଥ ମନ୍ଦିରକୁ ଆସିଛି ୧୧୩ କୋଟି ୨ ଲକ୍ଷ ୫୫ ହଜାର ୮୮୯ ଟଙ୍କା ।

୨୦୨୧-୨୨ରେ ଜଗନ୍ନାଥଙ୍କ ହୁଣ୍ଡିରୁ ୮ କୋଟି ୨୩ ଲକ୍ଷ ୧୩ ହଜାର ୧୨୭ ଟଙ୍କା ମିଳିଥିବା ବେଳେ ୨୦୨୨-୨୩ ରେ ୧୫ କୋଟି ୪୬ ଲକ୍ଷ ୧୭ ହଜାର ୧୫୨ ଓ ୨୦୨୩-୨୪ ରେ ୧୬ କୋଟି ୯୨ ଲକ୍ଷ ୩୬ ହଜାର ୯୭୪ ଟଙ୍କା ମିଳିଛି ।

ସେହିପରି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଜଗନ୍ନାଥ ମନ୍ଦିରକୁ ୨୦୨୧-୨୨ ରେ ୬ କୋଟି ୮୩ ଲକ୍ଷ ୩୧ ହଜାର ୯୬୧ ଟଙ୍କା ମିଳିଥିବା ବେଳେ ୨୦୨୨-୨୩ ରେ ୩୦ କୋଟି ୭୨ ଲକ୍ଷ ୨୭ ହଜାର ୨୧୬ ଟଙ୍କା ଓ ୨୦୨୩-୨୪ ରେ ୨୨ କୋଟି ୨୪ ଲକ୍ଷ ୩୯ ହଜାର ୯୧୮ ଟଙ୍କା ମିଳିଛି । ଅନ୍ୟାନ୍ୟ ସୂତ୍ରରୁ ଜଗନ୍ନାଥ ମନ୍ଦିରକୁ ୨୦୨୧-୨୨ରେ ୨ କୋଟି ୨୫ ଲକ୍ଷ ୩୧ ହଜାର ୪୯୭ ଟଙ୍କା ମିଳିଥିବା ବେଳେ ୨୦୨୨-୨୩ ରେ ୪ କୋଟି ୬୨ ଲକ୍ଷ ୩୪୩ ଟଙ୍କା ଓ ୨୦୨୩-୨୪ରେ ୫ କୋଟି ୭୩ ଲକ୍ଷ ୫୭ ହଜାର ୭୦୧ ଟଙ୍କା ମିଳିଛି । ବିଧାନସଭାରେ ଉତ୍ତରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି ।

## ମଦ ବିକ୍ରି ସହିତ ବଢୁଛି ଅବକାରୀ ରାଜସ୍ୱ

# ରାଜ୍ୟରେ ପିଇଦେଲେ ୫.୮୮ କୋଟି ଲିଟର ବିଦେଶୀ ମଦ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ମଦ ବିକ୍ରି ସହିତ ଅବକାରୀ ରାଜସ୍ୱ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ୨୦୨୨-୨୩ ମସିହାରେ ୫ କୋଟି ୮୩ ଲକ୍ଷ ୪୪ ହଜାର ଲିଟର ବିଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ୫ କୋଟି ୮୮ ଲକ୍ଷ ୮୫ ହଜାର ଲିଟର ବିଦେଶୀ ମଦ ବିକ୍ରି ହୋଇଛି । ଏନେଇ ଶନିବାର ବିଧାନସଭାରେ ଏକ ପ୍ରଶ୍ନ ନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି ।

ବିଧାୟକ ସୋଫିଆ ଫର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, ଗତ ଆର୍ଥିକ ବର୍ଷରେ ଓଡିଶାରେ ମଦ ବିକ୍ରୟରୁ ସଂଗ୍ରହ ହୋଇଥିବା ମୋଟ ଅବକାରୀ ରାଜସ୍ୱ ୭,୨୧୬.୯୯ କୋଟି ଏବଂ ମୋଟ ରାଜସ୍ୱ (ଭାଟ୍ ସମେତ) ୧୦,୧୮୨.୨୪ କୋଟି ଟଙ୍କା ଅଟେ ।

୨୦୨୨-୨୩ମସିହାରେ ୮୪ ଲକ୍ଷ ୩୭ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ ମସିହାରେ ୯୮ ଲକ୍ଷ ୪୩ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭ ଲକ୍ଷ ୨୧ ହଜାର ୬୯୯ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ୨୦୨୨-୨୩ ରେ ୧୨ କୋଟି ୯ ଲକ୍ଷ ୬୭ ହଜାର ବଲ୍କ ଲିଟର ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ଏହା ବଢି ୧୫ କୋଟି ୩୫ ଲକ୍ଷ ୭୨ ହଜାର ବଲ୍କ ଲିଟର ବିକ୍ରି ହୋଇଛି ।

ମଦ ରାଜସ୍ୱ ବରଗଡ ଜିଲ୍ଲାରୁ ସର୍ବାଧିକ ଆସୁଛି । ବରଗଡରୁ ସର୍ବାଧିକ ୧୨୪କୋଟି ୯୯ ଲକ୍ଷର ଅବକାରୀ ରାଜସ୍ୱ ଆସୁଛି । ବରଗଡ ପଛକୁ ରହିଛି ଗଞ୍ଜାମ । ଏଠାରୁ ୧୦୦କୋଟି ୯୬ ଲକ୍ଷର ଅବକାରୀ ରାଜସ୍ୱ ଆଦାୟ କରାଯାଇଛି । ଗତ ଆର୍ଥିକ ବର୍ଷରେ ଓଡିଶାରେ ମଦ ବିକ୍ରିରୁ ସଂଗୃହିତ ମୋଟ ଅବକାରୀ ରାଜସ୍ୱ ୭,୨୧୬.୯୯ କୋଟି ଟଙ୍କା ରହିଛି । ମୋଟ ରାଜସ୍ୱ ଭାଟ୍ ସମେତ ୧୦,୧୮୨.୨୪ କୋଟି ଟଙ୍କାରେ ପହଞ୍ଚିଛି ।

# ୮୦ଲକ୍ଷ ମହିଳାଙ୍କୁ ୪୦୧୪ କୋଟି ମିଳିଛି

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ସୁଭଦ୍ରା ଯୋଜନା ଅଧିନରେ ୮୦ଲକ୍ଷ ୨୯ହଜାର୭୪୧ଜଣ ହିତାଧିକାରୀଙ୍କୁ ଟଙ୍କା ପଠାଯାଇଛି । ମୋଟ ୪୦୧୪ କୋଟି ୮୭ଲକ୍ଷ ୫ହଜାର ଟଙ୍କାର ଅର୍ଥରାଶି ଦିଆଯାଇଛି । ଅବଶିଷ୍ଟ ଆବେଦନକାରୀମାନଙ୍କ ଯୋଗ୍ୟତା ପ୍ରମାଣିତ ହେଲା ପରେ ଅର୍ଥ ପ୍ରଦାନ କରାଯିବ ।

ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡା ଦର୍ଶାଇଛନ୍ତି ଯେ, ଚଳିତ ଡିସେମ୍ବର ୨ତାରିଖ ସୁଦ୍ଧା ସୁଭଦ୍ରା ଯୋଜନା ଅନ୍ତର୍ଗତ ୧କୋଟି ୫ଲକ୍ଷ ୪୩ହଜାର ୨୩୮ଜଣ ଆବେଦନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୮୦,୦୧,୯୯୭ଜଣ ସୁଭଦ୍ରା ଅଧିନରେ ଟଙ୍କା ପାଇଛନ୍ତି । ଅବଶିଷ୍ଟ ୨୭,୭୪,୪ ଜଣ ବ୍ୟାଙ୍କ/ ଆଧାରଗତ ତ୍ରୁଟି, ୨,୨୦,୨୫୯ଜଣ ଅଯୋଗ୍ୟ ହିତାଧିକାରୀ ଓ ୨୨,୯୩,୨୪୮ଜଣଙ୍କ ଯୋଗ୍ୟ ନିର୍ଦ୍ଧାରଣ ବାକି ରହିଥିବାରୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ।

**୨.୨୦ ଲକ୍ଷ ଅଯୋଗ୍ୟ ହିତାଧିକାରୀ**
**୨୨.୯୩ ଲକ୍ଷଙ୍କ ଯୋଗ୍ୟତା ଯାଞ୍ଚ ହେଉଛି**
**୨୭,୭୪୪ ଜଣଙ୍କ ବ୍ୟାଙ୍କ/ଆଧାର ତ୍ରୁଟି**

ସେହିପରି ଅନୁସୂଚିତ ଜନଜାତିର ୧୮ଲକ୍ଷ ୪୩ହଜାର ୨୧୭ଜଣ ମହିଳା ଓ ଅନୁସୂଚିତ ଜାତିର ୧୫ଲକ୍ଷ ୨୭ହଜାର ୩୦୩ଜଣ ମହିଳା ଟଙ୍କା ପାଇଛନ୍ତି । ଅନୁସୂଚିତ ଜନଜାତିର ୫ଲକ୍ଷ ୫୨ହଜାର ୯୨୭ଜଣ ଏବଂ ଅନୁସୂଚିତ ଜାତିର ୪ଲକ୍ଷ ୧୪ ହଜାର ୪୪୦ଜଣ ମହିଳା ଆବେଦନ କରି ଟଙ୍କା ପାଇନାହାନ୍ତି । ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ଥିବା ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଅଧିନରେ ସାମିଲ ପାଇଁ ସରକାର ଲକ୍ଷ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି । ଏହା ସହିତ ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ଗଣେଶ୍ୱର ବେହେରା ପ୍ରଚାରି ଥିଲେ ।

# ୩୩୪ ବିଚାରାଧିନ ବନ୍ଦି ଜାମିନ୍ ପାଇ ଜେଲ୍‌ରେ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ବିଭିନ୍ନ କେସ୍ ସମ୍ବନ୍ଧୀୟ ଅଭିଯୁକ୍ତମାନେ ଜାମିନ୍ ପାଇସାରି ମଧ ଏବେ ବି ଜେଲ୍‌ରେ ଜୀବନ ବିତାଉଛନ୍ତି । ଚଳିତବଷନଭେମ୍ବର ୩୦ତାରିଖ ସୁଦ୍ଧା ୩୩୪ ବିଚାରାଧିନ ବନ୍ଦି ଜାମିନ୍ ପାଇଁ ବିଭିନ୍ନ ଜେଲ୍‌ରେ ରହିଛନ୍ତି ।

ଜାମିନ୍ ପାଇ ଜେଲ୍‌ରୁ ମୁକ୍ତ ହୋଇପାରିନଥିବା ବିଚାରାଧିନ ବନ୍ଦି/ଅଭିଯୁକ୍ତମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସଂପର୍କିତ ତଥ୍ୟ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣମାନେ ସଂଗ୍ରହ କରିଛନ୍ତି । ଏହି କ୍ଷେତ୍ରରେ ଅଧିକାର ମିତ୍ର (ପାରା ଲିଗାଲ ଭଲ୍ୟୁଣ୍ଟିୟର)ମାନଙ୍କୁ ମଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାନେ ଅଧିବକ୍ତା (ପାନେଲ ଲୟର)/ନ୍ୟାୟ ରକ୍ଷକମାନଙ୍କ ଦ୍ୱାରା ଜାମିନ ଲାଗି ହୋଇଥିବା ସର୍ତ୍ତାବଳି କୋହଳ କରିବାକୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣମାନଙ୍କୁ ଅନୁରୋଧ କରିଛନ୍ତି । ଏହା ସହିତ ଆବଶ୍ୟକ ତଳେ ଉପଯୁକ୍ତ ଆଇନ ସେବା ପ୍ରଦାନ କରିଆସୁଛନ୍ତି । ଗୃହ ବିଭାଗ ଦ୍ୱାରା ଭାରତ ସରକାରଙ୍କ ସପୋର୍ଟ ଟୁ ପୁଅର ପ୍ରିଜିନର ସ୍କିମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅନୁଯାୟୀ ଯେଉଁ ଗରୀବ ବନ୍ଦିମାନେ ଜାମିନ୍ ଅର୍ଥରାଶି ପୈଠ କରିପାରୁନାହାଁନ୍ତି, ସେମାନଙ୍କ ପାଇଁ ସରକାର ଉକ୍ତ ଅର୍ଥରାଶି ପୈଠ କରୁଛନ୍ତି । ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ତଥ୍ୟ ଦେଇଛନ୍ତି ।

# ଅଙ୍ଗନାବାଡି କେନ୍ଦ୍ର ପାଲଟିଛି ଠିକାଦାରଙ୍କ ଆଶ୍ରୟସ୍ଥଳୀ

ଛତ୍ରପୁର, (ସବ୍ୟୁ) : ଅଙ୍ଗନାବାଡି କେନ୍ଦ୍ର ଏବେ ଠିକାଦାରଙ୍କ ଆଶ୍ରୟସ୍ଥଳି ପାଲଟିଛି । ଦିନ କି ଦୁଇ ଦିନ ନୁହେଁ ର୍ଦିଘ ବର୍ଷ ହେଲା ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହିଭଳି ଏକ ଘଟଣା ଖୋଦ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ଦେଖିବାକୁ ମିଳିଛି । ଛତ୍ରପୁର ଏନଏସିର ୧୪ନଂ ୱାର୍ଡ ସ୍ଥିତ କପିଳ ଦଳିତ ସାହିର ୧ ନଂ କେନ୍ଦ୍ରଛ ଏହାର ନୂତନ କୋଠା ର୍ନିମାଣ ହୋଇ ର୍ଦିଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାକୁ ବ୍ଲକ କିମ୍ବା ଠିକାଦାର ହସ୍ତାନ୍ତର କରୁନାହିଁ, ଯାହାଫଳରେ ଏଠାରେ କୋମଳମତି ଶିଶୁମାନେ ଏକ ମନ୍ଦିର ପରିସରରେ ପାଠ ପଢିବା ପାଇଁ ବାଧ୍ୟ ହେଉଛନ୍ତି ।



ମନ୍ଦିର ଭିତରେ ପାଠ ପଢାଯାଉଥିବାରୁ ପିଲାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟରେ ଶିଶୁଙ୍କ ଶିକ୍ଷା,ସ୍ୱାସ୍ଥ୍ୟ ଓ ମାନସିକ ବିକାଶ ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ବାର୍ଷିକ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ହେଲେ ଅନେକ କ୍ଷେତ୍ରରେ ପ୍ରଶାସନର ଦୂରଦୃଷ୍ଟି ଅଭାବ ସାଙ୍ଗକୁ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଯୋଜନା ଗୁଡିକ ନିମ୍ନ ସ୍ତରରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଯେଉଁ ସ୍ଥାନରେ ଅଙ୍ଗନାବାଡି କେନ୍ଦ୍ର ରହିଛି ସେଠାରେ ଏକ କଲ୍ୟାଣ ମଣ୍ଡପ କାମ ଚାଲୁଥିବାରୁ ଠିକାଦାର ଜଣକ ତାହାକୁ ଅକ୍ତିଆର କରି ସେଠାରେ ଏକ ପ୍ରକାର ଆଶ୍ରୟସ୍ଥଳି କରିଦେଇଛନ୍ତି । ର୍ଦିଘ ବର୍ଷ ଧରି ସେଠାରେ ଏହିପରି ରହିଥିବା ବେଳେ କିପରି ପ୍ରଶାସନର ଦୃଷ୍ଟିପଡିନାହିଁ । ଏନେଇ ଅଙ୍ଗନାବାଡି କର୍ମୀଙ୍କୁ ପଚାରିବାରେ ସେ ନେଇ ବହୁବାର ସିଡିପିଓ,ବିଡିଓଙ୍କୁ ଅବଗତ କରାଇଥିଲେ ବି କେହି ଶୁଣୁନାହାନ୍ତି । ଯାହାଫଳରେ ସେ ମନ୍ଦିର ଭିତରେ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି ବୋଲି କହିଥିଲେ ।

ତେବେ ଠିକାଦାର ଜଣକ ଏହାକୁ ନିଜେ ରଖି ସେଠାରେ ଦିନରାତି କିଛି ଶ୍ରମିକ ରହୁଥିବା ଦେଖିବାକୁ ମିଳିଛି । ସୂଚନା ଥାଉକି ଜିଲାରେ ଏବେ ବି ବହୁ କେନ୍ଦ୍ରର କାମ ସରିଯାଇଥିଲେ ବି ତାହାକୁ ହସ୍ତାନ୍ତର କରାଯାଉନଥିବା ଦେଖିବାକୁ ମିଳୁଛି । ତେବେ କାହା ଅଧିକାରରେ ଠିକାଦାର ଜଣକ ଉକ୍ତ କେନ୍ଦ୍ରକୁ ନିଜେ ରଖି ବ୍ୟବହାର କରୁଛି । ଏପରିକି ସେଠାରେ ଘର ର୍ନିମାଣ ଉପକରଣ ପଡିରହିଥିବା ଦେଖିବାକୁ ମିଳିଛି ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ, ପୀଡିତାଙ୍କୁ ୫ ଲକ୍ଷ ସହାୟତା

ବ୍ରହ୍ମପୁର,(ସବ୍ୟୁ): ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ଗଣେଶ୍ୱର ପତି ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ବିଭିଷଣ ଗୌଡ(୫୫) । ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୯୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜୋରିମାନା ଅନାଦେୟ ଅଧିକ ୭ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶଯୋଗ୍ୟ ଯେ, ୭ମ ଶ୍ରେଣୀରେ ପଢୁଥିବା ପିଡିତା ନାବାଳିକା ଜଣଙ୍କ ୨୦୨୦ ସେପ୍ଟେମ୍ବର ୨୪ ତାରିଖରେ ଟିୟୁସନ ଯାଉଥିବା ବେଳେ ଅଭିଯୁକ୍ତ ବିଭିଷଣ ତାଙ୍କୁ ଅପହରଣ କରି ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ନିକଟକୁ ନେଇଯାଇଥିଲା । ସେଠାରେ ନାବାଳିକାଙ୍କୁ ବଳାତ୍କାର କରିଥିଲା । ଏ ବିଷୟରେ କାହାରିକୁ କହିଲେ ଜୀବନରେ ମାରି ଦେବ ବୋଲି ଧମକ ଦେଇଥିଲା ।

ନାବାଳିକା ଜଣଙ୍କ ଭୟରେ ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇନଥିଲେ । ହେଲେ ଏହାର ୨ ଦିନ ପରେ ଅର୍ଥାତ ୨୬ ତାରିଖରେ ଅଭିଯୁକ୍ତ ବିଭିଷଣ ପୁଣିଥରେ ନାବାଳିକାକୁ ଅପହରଣ କରି ନେଇ ସେଠାରେ ବଳାତ୍କାର କରିଥିଲା । ବାରମ୍ବାର ବଳାତ୍କାରର ଶିକାର ହେବା ପରେ ନାବାଳିକାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହୋଇଥିଲା । ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ପରିବାର ଲୋକେ ତାଙ୍କ ଅବସ୍ଥା ଦେଖି ପଚରାଉଚରା କରିବାକୁ ଘଟଣା ସାମ୍ନାକୁ ଆସିଥିଲା । ଏ ନେଇ ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୨୬୯/୨୦ରେ ଏକ ମାମଲା ରୁଜୁ କରି ଅପହରଣ, ବଳାତ୍କାର ଓ ଧମକ ସହ ୪ଟି ଦଫାରେ ଅଭିଯୁକ୍ତ ବିଭିଷଣଙ୍କୁ ଗିରଫ କରି ଅଦାଲିତ ଚାଲାଣ କରିଥିଲା । ଗିରଫ ପର ଠାରୁ ଅଭିଯୁକ୍ତ ବିଭିଷଣ ଜେଲରେ ରହିଥିଲା । ଏହି ମାମଲାର ବିଚାରଣା ସ୍ୱତନ୍ତ୍ର ପୋକସୋ ଅଦାଲତରେ ଚାଲୁଥିବା ବେଳେ ତଦନ୍ତ ଅଧିକାରୀ ସ୍ନେହାମଞ୍ଜରୀ ସାହୁ ଚାର୍ଜସିଟ ଦାଖଲ କରିଥିଲେ । ବିଚାରଣା ବେଳେ ମୋଟ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ବିଭିଷଣକୁ ଅଦାଲତରେ ହାଜର କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ ।

# ବିପଦର ବନ୍ଧୁ ସଂଗଠନର ମହାନତା



ଭଞ୍ଜନଗର, (ସବ୍ୟୁ) : ସମାଜରେ ଗରିବ ଓ ଅସହାୟ ଲୋକଙ୍କ ନିମନ୍ତେ ଅହରହ କାର୍ଯ୍ୟ କରି ଆସୁଛି ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ । ଏହି ସଙ୍ଗଠନ ପକ୍ଷରୁ ଭଞ୍ଜନଗର ଶାଖାର ସଦସ୍ୟ ମାନେ ସଦା ସର୍ବଦା ମାନସିକ ବିକାରଗ୍ରସ୍ତ ଓ ଅସହାୟ ଙ୍କ ସେବା କରି ଆସିଛନ୍ତି। ସେହିପରି ଜଣେ ଅସହାୟ ବ୍ୟକ୍ତିଙ୍କ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଛି।ସେହି ମୃତ ଦେହକୁ ସତ୍କାର କରି ସମାଜରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛି ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ଓଡିଶା। ଭଞ୍ଜନଗର ବ୍ଲକ ଗୋଲାପଡା ପଞ୍ଚାୟତ ନାରାୟଣ ପାଟଣା ଗ୍ରାମର ବିନୋଦ ପାଢ଼ୀ ବୟସ(୪୫)। ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ବିପଦର ବନ୍ଧୁ ଅନୁଷ୍ଠାନ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉଥିଲା। ଶନିବାର ସକାଳ ସେ ଭଞ୍ଜନଗର ବସଷ୍ଟାଣ୍ଡରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇଁ ସଂଘର ସଦସ୍ୟ ମାନେ ଏସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ମୃତ ବିନୋଦଙ୍କ ମାଆ ଓ ଭଉଣୀ ସୁରଥରେ ରହୁଥିବା ବେଳେ ସେମାନଙ୍କ ଅନୁମତି ଓ ଗ୍ରାମବାସୀଙ୍କ ସହଯୋଗରେ ମୃତ ଶରୀରକୁ ଏହି ଅନୁଷ୍ଠାନ ସଦସ୍ୟ ମାନେ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ। ଅନୁଷ୍ଠାନର ଏହିଭଳି ସମାଜ ଉପଯୋଗୀ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା ।

# ଟିବି ନିରାକରଣ ଅଭିଯାନ

ଛତ୍ରପୁର, (ସବ୍ୟୁଦ୍ଧ) : ଶନିବାର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଟିବି ନିରାକରଣ ଅଭିଯାନ କାର୍ଯ୍ୟକ୍ରମର ଶୁଭାଆରମ୍ଭ ହୋଇଛି। ଏହା ଶହେ ଦିନ ପର୍ଯ୍ୟନ୍ତ ଚାଲିବ। ଯୁବ ଗୋଷ୍ଠୀ ଏବଂ ଲୋକ ପ୍ରତିନିଧି ମାନଙ୍କ ଦ୍ୱାରା ମଧ୍ୟ ଲୋକଙ୍କୁ ସଚେତନତା କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହା ସହିତ ଟିବି ରୋଗୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଖାଦ୍ୟ ପୋଷଣ ବ୍ୟବସ୍ଥା କରିବାର ରହିଛି, ଶନିବାର ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଶୁଭାଆରମ୍ଭ କରିଥିଲେ। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଅଧିକ୍ଷିକ ଡାକ୍ତର ସ୍ୱାଧୀନ ରଥ ଅଧ୍ୟକ୍ଷତା କରି ଟିବିର ଭୟା ବହତା ନିରାକରଣ ଉପରେ ଆଲୋକପାତ କରିଥିଲେ।ଏଥିରେ ଅନ୍ୟମାନଙ୍କ ମଧ୍ୟ ରେ ଛତ୍ରପୁର ବ୍ଲକର ଭାରପ୍ରାପ୍ତ ବିଡ଼ିଓ ଜୟଶ୍ରୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ସମିତି ମଥୁରା ଚରଣ ସୁବୁଦ୍ଧି ଓ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବନୋଜ ନାହାକ ଓ ବାପି ଦାସ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ବିପିଏମ ସିମାଞ୍ଚଳ ପ୍ରଧାନ ଓ ଟିବି ନିରୀକ୍ଷକ ପ୍ରଭାତ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ) : ଚଳିତ ମାସ ୨ ତାରିଖ ଠାରୁ ୪ ତାରିଖ ତିନି ଦିନ ଧରି ନୂଆଦିଲ୍ଲୀ ଏନସିଆର ଠାରେ ଡିଏଭି ନ୍ୟାସନାଲ ସ୍ପୋର୍ଟସ୍ -୨୦୨୪ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଜୋନର ତିନୋଟି ବର୍ଗରେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଏହି କ୍ରମରେ ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲ ରୁ ୩୮ ଜଣ ଛାତ୍ର ଛାତ୍ରୀ ଓଡିଶା ଟିମରେ ସାମିଲ ହୋଇ ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେଇଥିଲେ ।

ଏଥିରେ ରୋଲର ସ୍କେଟିଂ ଓ ଟାଉକୋଣ୍ଡୋରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉତ୍ତମ ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି । ରୋଲର ସ୍କେଟିଂରେ ଅନ୍ୱେଷା ବିଷୋୟୀ, ଟାଇକୋଣ୍ଡୋରେ ସଞ୍ଜିବନ ସାମନ୍ତରା, କ୍ରିତିକା ଦଳେଇ, ନିଧିଶ୍ରୀ ଓ ଆଦିତି ନାୟକ ପଦକ ହାସଲ କରିଛନ୍ତି । ନ୍ୟାସନାଲ ସ୍ପୋର୍ଟସରେ ଅଂଶ ଗ୍ରଗଣ କରିବା ପରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରୁ ବ୍ରହ୍ମପୁର ଫେରିଛନ୍ତି ଛାତ୍ରଛାତ୍ରୀମାନେ ।

ଶନିବାର ଦିନ ରେଳ ଷ୍ଟେସନରେ ପହଞ୍ଚିବା ପରେ ପଦକ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଡିଏଭି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଧରାଶ୍ରୀ ପାଢୀ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲର ଶିକ୍ଷକ ମାନସ କୁମାର ପଣ୍ଡା, ଭିନସେଣ୍ଟ ଦାସ, କେଦାରନାଥ ମହାପାତ୍ର, ପ୍ରିତୀ ଭୁର୍ଜୀ, ଅଞ୍ଜନା ପଟ୍ଟନାୟକ, ଶୁଭଶ୍ରୀ ପାଣିଗ୍ରାହୀ ଓ ଜାନକୀ କୁମାରୀ ସାହୁଙ୍କ ତତ୍ୱବଧାନରେ ଛାତ୍ରଛାତ୍ରୀମାନେ ନୂଆଦିଲ୍ଲୀ ଗସ୍ତ କରିଥିଲେ ।ସେପଟେ ଶନିବାର ଦିନ ବ୍ରହ୍ମପୁର ରେଳ ଷ୍ଟେସରେ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସମୟରେ ଡିଏଭି ପବ୍ଲିକ୍ ସ୍କୁଲର ଶିକ୍ଷକ ସମୀର ପାଣିଗ୍ରାହୀ ଆର ଗୋବିନ୍ଦ ରାଓ , ଦିଲ୍ଲିପ କୁମାର ବେହେରା, ପିଭି ରାମ ଦାସଙ୍କ ସମେତ ବହୁ ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ଛାତ୍ର ଛାତୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଗାଈ ଚରାଳିଙ୍କୁ ହତ୍ୟା ଘଟଣା: ଆସାମୀକୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର,(ସବ୍ୟୁ): ପୂର୍ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ଏକ ହତ୍ୟା ମାମଲାର ବିଚାରଣ କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଦଣ୍ଡିତ କରିଛନ୍ତି । ଗତ ୨୦୨୧ ମସିହାରେ ତାରାସିଙ୍ଗି ଥାନା ଖଜୁରୀପଲ୍ଲୀ ଗ୍ରାମର ଗୋପାଳକ କୃଷ୍ଣ ଖିଲାରଙ୍କୁ ହତ୍ୟା କରିବା ମାମଲାରେ ବିଚାରଣ କରି ସୁବାସ ବିଷୋୟୀକୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିଥିବା ଶୁଣାଣି କରିଛନ୍ତି । ଏଥି ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତିଛ ଜରୀମାନା ଅନାଦେୟ ଅଧିକ ଏକବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ପ୍ରକାଶ କରିଛନ୍ତି । ଏହି ମାମଲାରେ ୨୦ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଏହି ରାୟ ଶୁଣାଇଥିବା ସରକାରୀ ଆଇନଜୀବୀ ଉଷାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି । ତାରସିଂ ଥାନା ଖଜୁରୀପଲି ଗ୍ରାମର କୃଷ୍ଣ ଖିଲାରଙ୍କ ଏକ ଜାଗାକୁ ନେଇ ସମ୍ପର୍କୀୟ ଭାଇ ସୁବାସ ବିଷୋୟୀ ସହ ବିବାଦ ପୂର୍ବରୁ ଲାଗି ରହିଥିଲା ।

ଉକ୍ତ ଜାଗାକୁ କେନ୍ଦ୍ର କରି ସୁବାସ କୃଷ୍ଣ ଓ ତାର ପୁଅ ଭଞ୍ଜକୁ ଗତ ୨୦୨୧ ମସିହା ଅକ୍ଟୋବର ୨୮ ତାରିଖ ଦିନ ସୁବାସ ଆସି କୃଷ୍ଣ ଖିଲାରଙ୍କ ଘରେ ଡାକିବା ସହ ଜୀବନରେ ମାରିଦେବା କୁ ଧମକ ଦେଇଥିଲା ।ଏଥି ସହିତ ତାଙ୍କ ଘର୍ ସାମ୍ନାରୁ ଏକ କାଠଫାଳିଆ ନେଇଥିଲାଛ ସେହି ଦିନ ବିଳମ୍ବିତ ରାତି ଯାଏଁ କୃଷ୍ଣ ଘରକୁ ଫେରିନଥିବା ବେଳେ ପରିବାର ଲୋକ ଖୋଜାଖୋଜି କରିଥିଲେ । ଖଜୁରୀପଲ୍ଲୀ ରୁ ବାଟବଂଜର ଦେଇ ଗାୟାଗଣ୍ଡା ଯିବା ରାସ୍ତାର ଡାହାଣ ପଟେ ଦୁଇ ହଳ ଚପଲ ପଡିଥିବା ଦେଖିଥିଲେ । ଏହାର କିଛି ଆଗକୁ ଯିବା ପରେ ଗୋଟେ ବିଲରେ କୃଷ୍ଣର ରକ୍ତାକ୍ତ ମୃତ ଦେହ ପଡିଥିବା ଦେଖିବାକୁ ପାଇଥିଲେ । ଏଥି ସହ ରକ୍ତଲଗା କାଠଫାଳିଆ ମଧ୍ୟ ସେଠାରେ ପଡିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । କୃଷ୍ଣର ପୁଅ ଭଞ୍ଜର ଏତଲା କ୍ରମେ ପୁଲିସ କେସନଂ ୨୮୯/୨୧ ରେ ମାମଲା ରୁଜୁ କରି ସୁବାସକୁ କୋର୍ଟ ଚାଲାଣ କରିଥିଲା ।ଶନିବାର ଦିନ ଏହି ମାମଲାର ରାୟ ପ୍ରକାଶ ପାଇଛି ।

# ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ

ବୁଗୁଡା , (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୨୭ତମ ବାର୍ଷିକ କ୍ରୀଡା ସମାରୋହ ଉଦଘାଟିତହୋଇଯାଇଛି । ଉକ୍ତ ତ୍ରିଦିବସୀୟ ବାର୍ଷିକ କ୍ରୀଡା ସମାରୋହର ଉଦଘାଟନୀ ଉତ୍ସବ ଅବସରରେ କ୍ରୀଡା ଜ୍ୟୋତି ପ୍ରତିଯୋଗୀଙ୍କ ଦ୍ୱାରା ବଳଦେବ ମନ୍ଦିରୁ ଅଣାଯାଇ କ୍ରୀଡା ସ୍ଥଳରେ ପହଞ୍ଚିଥିଲା ।ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବି.ଗୋପାଳ ପାତ୍ର କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀ ଓ ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ପ୍ରତିଯୋଗିତା କାଳରେ ସଦଭାବନା ରକ୍ଷା ନିମନ୍ତେ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ ପରେ ଶିଶୁ ବାଟିକା, କନିଷ୍ଠ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ପ୍ରତିଯୋଗୀମାନଙ୍କ ମଧ୍ୟରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ , ଗୁଳା ଫିଙ୍ଗା, ଥାଳିଆ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତା ଗୁଡିକୁ କ୍ରୀଡା ପ୍ରମୁଖ ଗୁରୁଜୀ ଲଡୁ କିଶୋର ନାୟକ ପରିଚାଳନା କରିଥିବା ବେଳେ ର୍ନିଣ୍ଣାୟକ ଭାବେ ନିୟୋଜିତ ଗୁରୁଜୀ ଓ ଗୁରୁମା ପ୍ରମୁଖ କୃତି ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ ।ଉଦଯାପନୀ ଉତ୍ସବ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ନେଇ ଶିଶୁ ମନ୍ଦିର ପକ୍ଷରୁ ପ୍ରକାଶ ପାଇଛି ।

# କାର୍ମେଲ ସ୍କୁଲର ବାର୍ଷିକ ଉତ୍ସବ

ଛତ୍ରପୁର, (ସବ୍ୟୁ) : ସ୍ଥାନୀୟ କାର୍ମେଲ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ ସ୍କୁଲର ବାର୍ଷିକ ଉତ୍ସବ ସହିତ ଜେଜେ ମା ଓ ଜେଜେ ବାପା ଙ୍କ ନିମନ୍ତେ ଦିନ ଟିଏ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ଡୋରେଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ କୁ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଲକ୍ଷ୍ମଣ ପଣ୍ଡା ଓ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଜୟନ୍ତୀ ପଣ୍ଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ସ୍କୁଲ ର ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ଜେଜେ ବାପା ଓ ଜେଜେ ମା ମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ସେମାନଙ୍କୁ ପ୍ରଥମେ ଫୁଲ ଚନ୍ଦନ ଲଗାଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା, ଜେଜେ ମା ଓ ଜେଜେ ବାପା ପରିବାରର ମେରୁଦଣ୍ଡ।ସେମାନେ ନିଜ ପିଲାଙ୍କ ଉତ୍ତମ ଭବିଷ୍ୟତ ଗଠନ କରିବାରେ ତାଙ୍କର ତ୍ୟାଗ ଏବଂ ବଳିଦାନ ଉପରେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ଏହି ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭେଙ୍କଟେଶ୍ୱର ବିଦ୍ୟାଳୟର ଆନ୍ତଃବିଦ୍ୟାଳୟ ଆଥଲେଟିକ ମିଟ ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ଆନ୍ତଃବିଦ୍ୟାଳୟ ଆଥଲେଟିକ ମିଟ୍ ବାରିପଦା ସ୍ଥିତ ଷ୍ଟାଡିଅମ ଠାରେ ଉଦ୍‌ଯାପିତ ହେଇଯାଇଅଛି । ଆଜି ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ ଫାଷ୍ଟ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଖୁବ ସୁନ୍ଦର ଭାବରେ ସମାପ୍ତ ହୋଇଥିଲା ।

ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଆଥଲେଟିକ ଆସସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗ ଦେଇ ଜୀବନରେ କ୍ରୀଡାର ଭୂମିକା ଏବଂ ଜୀବନରେ ଭଲ ମଣିଷ ହବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ମେନେଜମେଣ୍ଟର ସଦସ୍ୟ ସୌମେନ କାନ୍ତି ମହାନ୍ତି ଖେଳାଳୀଙ୍କ ସହ ଉପସ୍ଥିତ ରହି ତାଙ୍କୁ ପ୍ରସାହନ କରିବା ସହ ଖେଳର ଭୂମିକା ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ମେନେଜମେଣ୍ଟ ଟିମର ମେମ୍ବର ତଥା ବିଦ୍ୟାଳୟର କର୍ଡିନେଟର ଶାନ୍ତନୁ ସିଂହ ପ୍ରତିଟି ଖେଳକୁ ନିଜେ ସ୍ୱତନ୍ତ୍ର ରୂପେ ତଦାରଖ କରୁଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଅନ୍ୟାନ ମେନେଜମେଣ୍ଟ ସଦସ୍ୟ ଅମିତ କୁମାର ବେହେରା, ଦୀପାୟନ ସେନ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସ ଖେଳକୁ ସୁରୁଖୁରରେ ସମାପ୍ତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** | pnb punjab national bank (Together for the better) | Oriental | United

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ମଣ୍ଡଳ ଶସ୍ତ୍ର କେନ୍ଦ୍ର, ବାଲେଶ୍ୱର**
ମଣ୍ଡଳ କାର୍ଯ୍ୟାଳୟ, ୨ୟ ମହଲା, ଭାରତ ଟିମ୍ବର କମ୍ପ୍ଲେକ୍ସ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଇମେଲ୍: cs8190@pnb.co.in, ନୋଡାଲ ଅଫିସର୍‌ଙ୍କ ଯୋଗାଯୋଗ ନଂ.: ୯୦୮୮୧୦୦୦୫୫

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି ଏବଂ ତାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

**ସୁରକ୍ଷିତ ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ; ଖ) ବକେୟା ପରିମାଣ; ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ; ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ; ଖ) ଅମାନତ ରାଶି; ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ | ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|---|
| ୧. | ପିଏନ୍‌ବି ବାଲିମୁଣ୍ଡା (୦୯୦୬୨୦)/ ଋଣଗ୍ରହୀତା: ମେସର୍ସ ରଶ୍ମୀ ଟ୍ରେଡର୍ସ (ସ୍ୱତ୍ତ୍ୱାଧିକାରୀ: ରଶ୍ମିତା ମହାନ୍ତି, ସ୍ୱାମୀ: ଦେବକଲ୍ୟାଣ ଦାଶ)/ ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଚିନ୍ତାମଣି ଦାଶ, ପିତା: କାଙ୍ଗାଳୀ ଦାଶ, ସମସ୍ତଙ୍କ ଠିକଣା ସା: ରହିମପୁର, ନାଇକାଣୀଡିହି, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ- ୭୫୬୧୨୯ | ଚିନ୍ତାମଣୀ ଦାଶ, ପିତା: କାଙ୍ଗାଳୀ ଦାଶଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରହିମପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଖାତା ନଂ.: ୭୯,ପ୍ଲଟ୍ ନଂ.: ୨୪୧,କ୍ଷେତ୍ର: ଏକର ୦.୧୭ ଡ଼ିସିମିଲି | କ) ୨୪.୦୫.୨୦୨୨; ଖ) ତା.୩୧.୧୦.୨୦୨୪ ସୁଦ୍ଧା ଟ.୮,୪୭,୬୫୩.୬୦ + ପରବର୍ତ୍ତୀ ସୁଧ, ଦେୟ; ଗ) ୦୭.୦୯.୨୦୨୨; ଘ) ସାଙ୍କେତିକ | କ) ଟ.୧୪,୮୮,୦୦୦/-; ଖ) ଟ. ୧,୪୮,୮୦୦/-; ଗ) ଟ. ୧୦,୦୦୦/- | ୨୬.୧୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ଆମ୍ଭ ରେକର୍ଡ ଅନୁଯାୟୀ ନାହିଁ |
| ୨. | ଯାଜପୁର ଟାଉନ୍ ଶାଖା (୧୬୬୫୨୦)/ ଋଣଗ୍ରହୀତା: ମେସର୍ସ ଭିମେଶ୍ୱର ଫିଲିଙ୍ଗ୍ ଷ୍ଟେସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ତପସ୍ୱିନୀ ବିଜୟ କୁମାର ସାହୁ / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ବିଜୟ କୁମାର ସାହୁ, ପିତା: ସ୍ୱ ନିତ୍ୟାନନ୍ଦ ସାହୁ, ୨) ଶ୍ରୀମତୀ ହାରାମଣୀ ସାହୁ, ସ୍ୱାମୀ: ସ୍ୱ ନିତ୍ୟାନନ୍ଦ ସାହୁ (ସ୍ୱ ଅଜୟ କୁମାର ସାହୁଙ୍କ ଆଇନଗତ ଉତ୍ତରାଧିକାରୀ), ୩) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ସ୍ୱ ଅଜୟ କୁମାର ସାହୁ (ସ୍ୱ ଅଜୟ କୁମାର ସାହୁଙ୍କ ଆଇନଗତ ଉତ୍ତରାଧିକାରୀ) ସମସ୍ତଙ୍କ ଠିକଣା- ସା: ନାଏକସାହି, ଦେବୀଦ୍ୱାର, ଯାଜପୁର, ପିନ୍ - ୭୫୫୦୦୭ | ଅଜୟ କୁମାର ସାହୁ ଏବଂ ବିଜୟ କୁମାର ସାହୁ କିମ୍ବା ଜଣା କିମ୍ବା ଅଜଣାଥିବା ଆଇନଗତ ଉତ୍ତରାଧିକାରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ବେଳଙ୍ଗା, ଖାତା ନଂ.: ୫୮୬/୯୧ ଏବଂ ୫୮୬/୭୫, ପ୍ଲଟ୍ ନଂ.: ୧୦୨୦/୩୦୧୫, ୧୦୧୫, ୧୦୧୬, ୧୦୧୮ ଏବଂ ୧୦୧୯, କ୍ଷେତ୍ର: ଏକର ୦.୪୭ ଡିସିମିଲି, ତହସିଲ: ଦଶରଥପୁର, ଜିଲ୍ଲା: ଯାଜପୁର | କ) ୧୧.୦୧.୨୦୨୪; ଖ) ତା.୩୧.୧୦.୨୦୨୪ ସୁଦ୍ଧା ଟ.୬୭,୬୬,୭୨୨.୨୨ + ପରବର୍ତ୍ତୀ ସୁଧ, ଦେୟ; ଗ) ୨୧.୦୩.୨୦୨୪; ଘ) ସାଙ୍କେତିକ | କ) ଟ.୪୪,୧୪,୦୦୦/-; ଖ) ଟ. ୪,୪୧,୪୦୦/-; ଗ) ଟ.୨୦,୦୦୦/- | ୨୬.୧୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ଆମ୍ଭ ରେକର୍ଡ ଅନୁଯାୟୀ ନାହିଁ |
| ୩. | ପିଏନ୍‌ବି ବାଲେଶ୍ୱର (୩୦୩୯୦୦)/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଅପ୍‌ସରୀ ଆଶେ, ସ୍ୱାମୀ: ଆଶିଷ କୁମାର ଆଶେ, ସା: ବି.ବି.ଡି.ଇ. ଷ୍ଟ୍ରିଟ୍, ଥାନା: ଟାଉନ, ବାଲେଶ୍ୱର, ଓଡିଶା-୭୫୬୦୦୩, ୨) ଶ୍ରୀ ଆଶିଷ କୁମାର ଆଶେ, ସା: ବି.ବି.ଡି.ଇ. ଷ୍ଟ୍ରିଟ୍, ଥାନା: ଟାଉନ, ବାଲେଶ୍ୱର, ଓଡିଶା-୭୫୬୦୦୩ | ଶ୍ରୀମତୀ ଅପ୍‌ସରୀ ଆଶେ କିମ୍ବା କୌଣସି ଆଇନଗତ ଉତ୍ତରାଧିକାରୀମାନେ (ଜ୍ଞାତ କିମ୍ବା ଅଜ୍ଞାତ)ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୩୨୯/୧୩୬୧, ପ୍ଲଟ ନଂ.: ୧୬୯/୧୦୩୫/୨୮୮୯, ମୌଜା: ଶ୍ରୀକଣ୍ଠପୁର, ଥାନା: ଟାଉନ, ଥାନା ନଂ.: ୧୩, ଜିଲ୍ଲା: ବାଲେଶ୍ୱର, କ୍ଷେତ୍ର: ଏକର ୦.୧୫୦ ଡିସିମିଲି | କ) ୨୬.୦୩.୨୦୧୩; ଖ) ତା.୩୧.୧୦.୨୦୨୪ ସୁଦ୍ଧା ଟ.୩୨,୨୦,୭୮୪/- + ପରବର୍ତ୍ତୀ ସୁଧ, ଦେୟ; ଗ) ୨୮.୦୧.୨୦୧୪; ଘ) ସାଙ୍କେତିକ | କ) ଟ. ୨୨,୭୫,୦୦୦/-; ଖ) ଟ. ୨,୨୭,୫୦୦/-; ଗ) ଟ. ୧୦,୦୦୦/- | ୨୬.୧୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ଆମ୍ଭ ରେକର୍ଡ ଅନୁଯାୟୀ ନାହିଁ |
| ୪. | ବାରିପଦା ଶାଖା (୦୨୫୦୨୦)/ ଋଣଗ୍ରହୀତା: ମେସର୍ସ ମିଶ୍ର କସ୍‌ମେଟିକ୍ସ, ସ୍ୱତ୍ତ୍ୱାଧିକାରୀ: ଜୟ ନାରାୟଣ ମିଶ୍ର, ବରୁଣି ରୋଡ, ୱାର୍ଡ ନଂ.: ୯, ମଧୁବନ, ବାରିପଦା, ଓଡିଶା-୭୫୭୦୦୩ | ଜିଲ୍ଲା: ମୟୂରଭଞ୍ଜ, ତହସିଲ/ଏସଆରଓ: ବାରିପଦା, ଥାନା ନଂ.: ୧୦୯, ମୌଜା: ଛାଞ୍ଚ, ଇଡ୍‌କୋ ପ୍ଲଟ୍ ନଂ.: ୪୩,୪୫ ଏବଂ ୪୭, ପ୍ଲଟ୍ ନଂ.: ୧୭୫/୧୨୭୫(ଅଂଶ) ଏବଂ ୧୭୬(ଅଂଶ) ଏବଂ ୧୮୦(ଅଂଶ), ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଛାଞ୍ଚ, ଖାତା ନଂ.: ୨୭୦/୧, କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଇଡ୍‌କୋ ଜମି, ଉତ୍ତର: ରାସ୍ତା ଏବଂ ଦକ୍ଷିଣ: ଇଡ୍‌କୋ ଜମି (ଲିଜ୍ ଅଧିକାର) | କ) ୨୬.୦୫.୨୦୧୦; ଖ) ତା.୩୧.୧୦.୨୦୨୪ ସୁଦ୍ଧା ଟ.୨୮,୪୭,୭୮୦.୮୦ + ପରବର୍ତ୍ତୀ ସୁଧ, ଦେୟ; ଗ) ୧୯.୦୭.୨୦୨୪; ଘ) ସାଙ୍କେତିକ | କ) ଟ.୭୫,୨୪,୦୦୦/-; ଖ) ଟ. ୭,୫୨,୪୦୦/-; ଗ) ଟ.୨୦,୦୦୦/- | ୨୬.୧୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ଆମ୍ଭ ରେକର୍ଡ ଅନୁଯାୟୀ ନାହିଁ |
| ୫. | ଧାମରା ଶାଖା (୦୯୫୭୨୦)/ ଋଣଗ୍ରହୀତା: ଶ୍ରୀ ହରେ କୃଷ୍ଣ ମଣ୍ଡଳ, ପିତା: ସ୍ୱ ଅବିନାଶ ଚନ୍ଦ୍ର ମଣ୍ଡଳ, ସା: ପୂର୍ଣ୍ଣ ପ୍ରସାଦ, ପୋ: କିଶୋର ପ୍ରସାଦ, ଥାନା: ବାଂଶଡା, ଭଦ୍ରକ, ଓଡ଼ିଶା - ୭୫୬୧୭୧ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀ ଶ୍ରୀନିବାସ ମାଇତି, ପିତା: ଶ୍ରୀ କୃଷ୍ଣ ମାଇତି, ସା: କଇଥଖୋଲ, ଧାମରା, ପିନ୍ - ୭୫୬୧୭୧ | ଶ୍ରୀ ହରେ କୃଷ୍ଣ ମଣ୍ଡଳ, ପିତା: ସ୍ୱ ଅବିନାଶ ଚନ୍ଦ୍ର ମଣ୍ଡଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୨୮, ପ୍ଲଟ୍ ନଂ.: ୩୭୮, କ୍ଷେତ୍ର: ଏକର ୦.୧୪ ଡିସିମିଲି, ମୌଜା: ପୂର୍ଣ୍ଣ ପ୍ରସାଦ, ତହସିଲ: ଚାନ୍ଦବାଲି, ଥାନା: ବାଂଶଡା, ଜିଲ୍ଲା: ଭଦ୍ରକ | କ) ୦୫.୦୨.୨୦୨୪; ଖ) ତା.୩୧.୧୦.୨୦୨୪ ସୁଦ୍ଧା ଟ.୧୫,୮୮,୯୮୨.୨୨ + ପରବର୍ତ୍ତୀ ସୁଧ, ଦେୟ; ଗ) ୧୦.୦୪.୨୦୨୪; ଘ) ସାଙ୍କେତିକ | କ) ଟ.୪,୭୬,୦୦୦/-; ଖ) ଟ. ୪୭,୬୦୦/-; ଗ) ଟ.୧୦,୦୦୦/- | ୨୬.୧୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା | ଆମ୍ଭ ରେକର୍ଡ ଅନୁଯାୟୀ ନାହିଁ |

**ନିୟମ ଓ ସର୍ତ୍ତାବଳୀ :** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ୧) ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି " ଏବଂ "ଯାହା ଯେପରି ଅଛି "ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ ହୋଇଅଛି, କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବ୍ୟାଖ୍ୟା ନିମନ୍ତେ ଦାୟୀ ନୁହନ୍ତି। ୩) ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍ https://baanknet.com ଜରିଆରେ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ସମୟ ଅନୁଯାୟୀ ତା.୨୬.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଏହି ବିକ୍ରୟ ଅନୁଷ୍ଠିତ ହେବ। ୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବସାଇଟ୍ https://baanknet.com ଏବଂ www.pnbindia.in ଦେଖନ୍ତୁ।

ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ବୈଧାନିକ ବିକ୍ରୟ ନୋଟିସ୍

ସ୍ଥାନ: ବାଲେଶ୍ୱର, ତାରିଖ : ୦୭.୧୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତା

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

ଜଗତସିଂହପୁର,(ସବ୍ୟୁ) :ଜଗତସିଂପୁର ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ମାମଲାରେ ଅଭିଯୁକ୍ତ ସାଗର ସାହୁ(୨୯)ଙ୍କୁ ଫାଷ୍ଟଟ୍ରାକ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧୨ ମାସ କାରାଦଣ୍ଡ ଭୋଗିବା ଲାଗି ଆଦେଶରେ ଉଲ୍ଲେଖ କରାଯାଇଛି । ଗତ ୨୦୨୧ ଜାନୁଆରୀ ୧୪ ତାରିଖ ସନ୍ଧ୍ୟା ୭ ଟା ସମୟରେ ନାବାଳିକା ଜଣକ ମାଆ ଠାରୁ ଟଙ୍କା ନେଇ ରାସ୍ତା ଉପରକୁ ସଉଦା ଆଣିବାକୁ ଯାଇ ଆଉ ଫେରି ନଥିଲା । ପରିବାର ଲୋକେ ବହୁ ଖୋଜା ଖୋଜି କରି ନ ପାଇବାରୁ ପିଡ଼ିତାଙ୍କ ମାଆ ପରଦିନ ଅର୍ଥାତ ତା ୧୫.୧.୨୦୨୧ ରଘୁନାଥପୁର ଥାନାରେ ଏତଲା ଦେଇଥିଲେ । ଏତଲା ପାଇ ପୋଲିସ କେଶ ନମ୍ବର ୩୨/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ କରିଥିଲେ । ଆଉ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତ ବାଲିକୁଦା ଥାନା ଅପଣ୍ଡରା ଗ୍ରାମର ସାଗର ସାହୁ ପୀଡ଼ିତାକୁ ବାଇକ ଯୋଗେ ଅପହରଣ କରିନେଇ ନିଜ ଘରେ ରଖି ଧମକ ଦେଇ ବାରମ୍ୱାର ଦୁଷ୍କର୍ମ କରିଥିଲା । ଆଜି ଏହି ମାମଲାର ବିଚାର କରି ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟ ଟ୍ରାକ କୋର୍ଟ ର ବିଚାରପତି ଅଜୟ କୁମାର ମହାନ୍ତି ମୁଦାଲାକୁ ୨୦ ବର୍ଷ କାରାଦଣ୍ଡ ସହ ୩୫ ହଜାର ଟଙ୍କା ଜରିମାନା ଦେବା ଲାଗି ରାୟ ଶୁଣାଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧୨ ମାସ ଜେଲଦଣ୍ଡ ଭୋଗିବା ଲାଗି ଆଦେଶରେ ଉଲ୍ଲେଖ କରାଯାଇଛି । ପିଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବା ପାଇଁ ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ଆଇନଜୀବି ଦୋଳଗୋବିନ୍ଦ ଦାଶ ପରିଚାଳନା କରୁଥିଲେ ସ୍ୱତନ୍ତ୍ର ।

## ଭୁବନେଶ୍ୱରରେ ସିବିଆଇ ଚଢ଼ାଉ
# କାରରୁ ମିଳିଲା ବିପୁଳ ଟଙ୍କା

ଭୁବନେଶ୍ୱର,(ସବ୍ୟୁ): ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ତାରକା ହୋଟେଲ ସମ୍ମୁଖରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି । ସୂଚନା ଅନୁସାରେ ସ୍ଥାନୀୟ ମେ ଫେୟାର ହୋଟେଲ ସମ୍ମୁଖରେ ଥିବା ଏକ ବିଳାସପୂର୍ଣ୍ଣ କାରରୁ ସିବିଆଇ ପ୍ରାୟ କୋଟିଏ ଟଙ୍କା ଜବତ କରିଥିବା ବେଳେ ଏଥିରେ ଥିବା ୪ ଜଣଙ୍କୁ ଅଟକ ରଖିଛି । ଏତେ ବିପୁଳ ପରିମାଣର ଟଙ୍କା ଏମାନେ କେଉଁ ଉଦେଶ୍ୟରେ ଗାଡ଼ିରେ ରଖିଥିଲେ ଓ ସେଠାରେ କଣ କରୁଥିଲେ ସେ ନେଇ ଯଦିଓ ସିବିଆଇ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ ତଥାପି ସମ୍ପୃକ୍ତ ଗାଡ଼ି ଓ ଟଙ୍କା ଭୁବନେଶ୍ୱରର ଏକ ବିଲ୍ଡର୍ସ ସଂସ୍ଥାର ଓ ଏହାର କାର୍ଯ୍ୟାଳୟ ପାହାଳରେ ଥିବା ଜଣାପଡିଛି । ଏହି ଜବତ ଘଟଣାକୁ ନେଇ ସିବିଆଇ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା ବେଳେ ଘଟଣାଟି ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି ।

# ଲକ୍ଷାଧିକ ଟଙ୍କାର ଚୋରା ମଦ ଜବତ: ୩ କୋର୍ଟ ଚାଲାଣ

କେନ୍ଦ୍ରାପଡା,(ସବ୍ୟୁ) :ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରାୟ ଲକ୍ଷାଧିକ ଟଙ୍କାର ମଦ ଜବତ କରିବା ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ତେଣ୍ଡାକୁଡା ର ବଡନାରାୟଣପୁର ର ମନୋରଜନ ବେହେରା, ସରୋଜ ବେହେରା, ଲକ୍ଷ୍ମୀକା' ମଲିକଙ୍କୁ ଗିରଫ କରି ଏମାନଙ୍କ ନିକଟରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲିଟର ଦେଶୀ, ବିଦେଶୀ, ଚୋରା, ରନ୍ଧା ମଦ ଜବତ କରିବା ସହିତ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।



# ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନ ମେଳା

ଯାଜପୁର,(ସବ୍ୟୁ) :: ଯାଜପୁର ନଗରସ୍ଥିତ ଶ୍ରୀଗଣେଶ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବିଜ୍ଞାନ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ବିଜ୍ଞାନ ମେଳାରେ ତୃତୀୟ ରୁ ସପ୍ତମ ଶ୍ରେଣୀର ପିଲାମାନେ ପ୍ରାୟ ୪୦ ଗୋଟି ବିଜ୍ଞାନ ପ୍ରକଳ୍ପ ଜରିଆରେ ବିଚାରକ ମଣ୍ଡଳୀଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ବେହୁରା, ବିଦ୍ୟାଳୟ ଟ୍ରଷ୍ଟବୋର୍ଡ଼ର ସଦସ୍ୟା ଭାଗ୍ୟଲକ୍ଷ୍ମୀ



ଦାଶ, ସହପ୍ରଧାନ ଆଚାର୍ଯ୍ୟା ଗୀତାରାଣୀ ସାହୁ, ବିଚାରକ ମଣ୍ଡଳୀ ରୂପେ ଯୋଗଦେଇଥିଲେ। ଆଚାର୍ଯ୍ୟା ରାଶେଶ୍ୱରୀ ମହାନ୍ତି, ପ୍ରିୟଙ୍କା ଓଝା, ସୁନିତା ଗୋଚ୍ଛାୟତ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ ଏହି ବିଜ୍ଞାନ ମେଳାକୁ ଉପଭୋଗ କରିଥିଲେ।

# ଜନ ଅଭିଯୋଗ ଶୁଣାଣୀ ଶିବିର, ଗଣମାଧମ ପ୍ରତିନିଧିଙ୍କୁ ଗାଳି ଗୁଲଜ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ଆଜି ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ପ୍ରଧାନଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଖବର ସଂଗ୍ରହ କରିବାକୁ ଆସିଥିବା ସ୍ଥାନୀୟ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ବିଧାୟକଙ୍କ କେତେକ ସମର୍ଥକ ଅତ୍ୟନ୍ତ ଗାଳିଗୁଲଜ କରିବା ଯୋଗୁ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମାହାଙ୍ଗାର ସ୍ୱାଧିନ ବିଧାୟକ ସାରଦା ପ୍ରଧାନ ୩ମାସ ଅନ୍ତରରେ ପୁଣି ଥରେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଜନ ଅଭିଯୋଗ ଶୁଣାଣୀ ଶିବିର କରିଥିଲେ। ଏହି ଶିବିରରେ ପିପିଲିର ବିଧାୟକ ଆଶ୍ରୀତ ପଟ୍ଟନାୟକ ,କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଆଠଗଡ ବିଜେପି ନେତା ଅଭୟ ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ୧୨୨୫ଜଣ ବ୍ୟକ୍ତି ବିଭିନ୍ନ ଅଭିଯୋଗ ଆଣିଥିଲେ। ତେବେ ଏହି ଅଭିଯୋଗ ଗୁଡିକର ସମାଧାନ କରିବା ନିମନ୍ତେ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଏହି ଶିବିରରେ ବହୁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିଲା ବେଳେ ପଂଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ,ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କୁ ଅଣଦେଖା କରାଯାଇଥିବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ସୁଭଦ୍ରା ସ୍ୱାଗତ ପଦଯାତ୍ରା, ଟଙ୍କା ନ ମିଳିବାରୁ ମହିଳାଙ୍କ ଧାରଣା

ରାଜକନିକା,(ସବ୍ୟୁ) :ରାଜକନିକା ବ୍ଲକ ମିଶନ ଶକ୍ତି ପକ୍ଷରୁ ବ୍ଲକର ସମସ୍ତ ପଂଚାୟତ ରେ ସୁଭଦ୍ରା ସ୍ୱାଗତପଦଯାତ୍ରା ପାଇଁ କାର୍ଯ୍ୟକ୍ରମ କରା ଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା । ତେବେ ଜାଗୁଲାଇପଡା ପଂଚାୟତ ମହାସଂଘର ମହିଳା ମାନଙ୍କୁ ନିଜ ହାତ ରୁ ଟଙ୍କା ଖର୍ଚ୍ଚ କରି ଏହି କାର୍ଯ୍ୟକ୍ରମ କରିବାକୁ କୁହା ଯାଇଥିଲା । ପରେ ଏହି ଟଙ୍କା ବିଲ କରାଯାଇ ଦିଆ ଯିବ ବୋଲି କୁହା ଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ଟଙ୍କା ନ ମିଳିବା ରୁ ମହାସଙ୍ଘ ର ମହିଳା ଜିଏଲଏଫ ଗାୟତ୍ରୀ ମହାନ୍ତି, ସମ୍ପାଦିକା ମିନତୀ ବିଶ୍ୱାଳ,ସବିତା ନାୟକ,ଅନିତା ମହାରଣା, ପୂଜାରାଣୀ ନାୟକ,ସନ୍ଧ୍ୟାରାଣୀ ବେହେରା,ଜ୍ୟୋସ୍ନାରାଣୀ ମହାନ୍ତି, ସସ୍ମିତା ବେହେରା, ପ୍ରଭାବତୀ ସାହୁ ପ୍ରମୁଖ ଆଇ ସି ଡି ଏସ କାର୍ଯ୍ୟାଳୟ ଓ ମିଶନ ଶକ୍ତି ଗେଟ ବନ୍ଦ କରି ଧାରଣା ରେ ବସିଥିଲେ । ଧାରଣାକାରୀ ମାନେ କର୍ମଚାରୀ ମାନ ଙ୍କୁ ଅଫିସ ମଧ୍ୟକୁ ନ ଛାଡିବାରୁ ରାଜକନିକା ଥାନା ପୋଲିସ ଏବଂ ବିଡ଼ିଓ ଦାୟିତ୍ୱ ରେ ଥିବା କନିକା ତହସିଲଦାର ଘଟଣା ସ୍ଥଳରେ ପହଂଚି ମହିଳା ମାନଙ୍କୁ ବୁଝା ସୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଥିଲେ ।

# ବରି ଅଞ୍ଚଳରେ ଚୋରଙ୍କ ଉପଦ୍ରବ

ରତ୍ନଗିରି,(ସବ୍ୟୁ) :ବରୀ ଅଂଚଳରେ କିଛି ଦିନ ହେବ ଚୋର ମାନଙ୍କ ପାଦୁର୍ଭାବ ବଢୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଗତ କାଲି ବିଳମ୍ବିତ ରାତିରେ ଚୋର ମାନେ ବରୀ ବଜାରର ଗୋଟିଏ ଷ୍ଟେସନାରୀ ଦୋକାନ ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି।ପରେ ଦୋକାନଟିକୁ ସମ୍ପୂର୍ଣ୍ଣ ଜାଳି ଦେବାକୁ ଚେଷ୍ଟା କରିଥିବା ବେଳେ କୌଣସି କାରଣରୁ ବିଫଳ ହୋଇଛନ୍ତି। ସେହିପରି ଅନ୍ୟ ଦୁଇଟି ଦୋକାନରୁ ଚୋରି କରିବା ନିମନ୍ତେ ଚାବିକୁ ପିଟି ପିଟି ଚେପା ହୋଇଥିଲେବି ଚାବି ଖୋଲି ପାରି ନାହାନ୍ତି। ଯାହାକୁ ନେଇ ଯାହାକୁ ନେଇ ବରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବରୀ ବଜାରରୁ ଏଭଳି ଚୋରି ଘଟଣା ବ୍ୟବସାୟୀ ମାନେ ଅସୁରକ୍ଷିତ ମନେ କରିଛନ୍ତି ।

# ପ୍ରକୃତ ଚାଷୀଙ୍କୁ ମିଳିନି ସରକାରୀ ଆଳୁ ବିହନ

ଧର୍ମଶାଳା,,(ସବ୍ୟୁ) :ଧର୍ମଶାଳା ବ୍ଲକରେ ମିଳୁ ନାହିଁ ସରକାରୀ ଆଳୁ ବିହନ ମିଳୁ ନଥିବା ନେଇ ଚଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଚଳିତ ଋତୁରେ ଧର୍ମଶାଳା ବ୍ଲକ ଅଂଚଳରେ ୯୩ ହେକ୍ଟର ଜମିରେ ଅଳୁ ଚାଷ କରିବାକୁ ଉଦ୍ୟାନ ବିଭାଗ ପକ୍ଷରୁ ଲକ୍ଷ ଧାର୍ଯ୍ୟ କରାଯାଇଛି । ଏଥିଲାଗି ଆଳୁ କରୁଥିବା ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ବିହନ ଯୋଗାଇ ଦେବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି । ହେକ୍ଟର ଜମି ପିଛା ୧୩ କ୍ୱିଂଟାଲ ଆଳୁର ଆବଶ୍ୟକତା ଥିବା ବେଳେ ୯୩ ହେକ୍ଟର ଜମି ପାଇଁ ୧୨୦୯ କ୍ୱିଂଟାଲ ବିହନର ଆବଶ୍ୟକତା ରହିଛି । ତେବେ ଆବଶ୍ୟକ ଆଳୁ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଯାଇଥିବା ବେଳେ ଅନେକ ପ୍ରକୃତ ଚାଷୀ ବିହନ ପାଇବାରୁ ବଂଚିତ ହୋଇଛନ୍ତି । କୃଷି ବିଭାଗ ପକ୍ଷରୁ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାନଯାଇ ଚାଷୀ ଓ ଅଣ ଚାଷୀଙ୍କୁ ବିହନ ବିକ୍ରି କରିଚାଲିଲେ । ଫଳରେ ପ୍ରକୃତ ଚାଷୀ ଆଳୁ ବିହନ ନପାଇ ଖୋଲା ବଜାରରୁଅଧିକ ମୁଲ୍ୟରେ ଆଳୁ ବିହନ କିଣି ଚାଷ କରୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ କୃଷକ ନେତା ବସନ୍ତ ପରିଡା କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଚାଷୀ ସଙ୍ଗଠନ ପକ୍ଷରୁ ଧର୍ମଶାଳା କୃଷି କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# କ୍ୟାମ୍ପ୍ କୋର୍ଟ ଖୋଲିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆକାଶ

ବ୍ୟାସନଗର, (ଜିପ୍ର ): ବ୍ୟାସନଗର ତହସିଲ, ଦାନଗଦୀ ତହସିଲ, ସୁକିନ୍ଦା ତହସିଲ ଅନ୍ତର୍ଗତ ୩୬ରାଜସ୍ୱ ଗ୍ରାମର ଫାଇନାଲ ସେଟେଲମେଂଟ୍ ପଟ୍ଟା ମିଳିନାହିଁ । ସେହି ପଟ୍ଟା କିପରି ଶୀଘ୍ର ଓ ସୁବିଧାରେ ମିଳିପାରିବ ସେଥିପାଇଁ ଯାଜପୁର ରୋଡ ଠାରେ ୩ ଦିନିଆ କ୍ୟାମ୍ପ୍ କୋର୍ଟ ଖୋଲି ତା'ର ସମାଧାନ ପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୁଜାରୀଙ୍କୁ ଚିଠି ଲେଖିଛନ୍ତି କୋରେଇର ବିଧାୟକ ଆକାଶ ଦାସନାୟକ । ବହୁତ ଦିନ ହେବ ସେଟେଲମେଂଟ୍ ହୋଇନଥିବାରୁ ବହୁତ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଡିସନାଲ୍ ସବ୍-କଲେକ୍ଟର ଯାଜପୁରଙ୍କ କୋର୍ଟରେ ବହୁତ କେସ୍ ପଡିରହିଛି । ଯାଜପୁର ଟାଉନ୍ ବାରମ୍ବାର ଯିବାଆସିବା କରି ଲୋକମାନେ ହଇରାଣ ହେଉଛନ୍ତି । ସେହିସବୁ କେସ୍କୁ ଯାଜପୁର ରୋଡ ଠାରେ କ୍ୟାମ୍ପ୍ କୋର୍ଟ ଖୋଲି ତା'ର ସମାଧାନ କରିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କୋରେଇ ବିଧାୟକ । ଯାଜପୁର ରୋଡ ଠାରେ କ୍ୟାମ୍ପ କୋର୍ଟ ଖୋଲିଲେ ଲୋକମାନେ ବହୁତ ଉପକୃତ ହେବେ ।

# ରାଷ୍ଟ୍ରୀୟ ପରୀକ୍ଷଣ ଅଜେନ୍ସି (ଏନଟିଏ) ଦ୍ୱାରା କୃତକାର୍ଯ୍ୟ ହେଲେ ଅଧ୍ୟାପକ



ସାଲେପୁର,(ସବ୍ୟୁ) :ରାଷ୍ଟ୍ରୀୟ ପରୀକ୍ଷ୍ୟଣ ଏଜେନ୍ସି ( ଏନ. ଟି. ଏ.) ଦ୍ୱାରା ପରିଚାଳିତ ସର୍ବଭାରତୀୟ ସ୍ତରରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷକ ପାତ୍ରତା ପରୀକ୍ଷାରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ତଥା କବି ଶେଖ ଅବ୍ରାର ଅହମ୍ମଦ ସଫଳତା ଅର୍ଜନ କରିଛନ୍ତି । ଏହି ପରୀକ୍ଷାରେ କୃତକାର୍ଯ୍ୟ ପରେ ବର୍ତ୍ତମାନ ଅଧ୍ୟାପକ ଅହମ୍ମଦ ଆୟୁର୍ବେଦିକ, ୟୁନାନି ଓ ବିଭନ୍ନ ମେଡିକାଲ କଲେଜରେ ଆସିଟାଣ୍ଟ ପ୍ରଫେସର ପଦରେ ଅଧିଷ୍ଠିତ ହୋଇପାରିବେ । ସର୍ବଭାରତୀୟ ସ୍ତରର ଏହି ପରୀକ୍ଷା ହାଇଦ୍ରାବାଦର ତେଲେଙ୍ଗାନାରେ ଆୟୋଜିତ ହୋଇଥିଲା ।ପ୍ରକାଶ ଥାଉ କି, ଅଧ୍ୟାପକ ଅହମ୍ମଦ ବର୍ତ୍ତମାନ ମହାରାଜା ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ବାରିପଦାରେ ପି. ଏଚ ଡି ପାଠ୍ୟକ୍ରମରେ ଗବେଷଣାରତ ।ତାଙ୍କର ଏହି ସଫଳତା ପାଇଁ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ସଂଗୀତା ମିଶ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବନବିହାରୀ ହାଇସ୍କୁଲର ୧୨୪ତମ ବାର୍ଷିକ ଉତ୍ସବ

କୁଜଙ୍ଗ,(ସବ୍ୟୁ): ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଭାବେ ବନବିହାରୀ ହାଇକୁଲ ସୁନାମ ଅର୍ଜନ କରିଛି । ଏହି ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ଦୃଷ୍ଟି ଦେବେ । ଉତ୍ତମ ଚରିତ୍ର ଗଠନ ଓ ଗୁରୁଙ୍କ ଆଶୀର୍ବାଦ ମିଳିଲେ ଛାତ୍ରଛାତ୍ରୀ ମାନେ ଜୀବନରେ ଲକ୍ଷ୍ୟପଥରେ ପହଂଚି ପାରିବେ । ଏଥିପାଇଁ ନିଜ ପିତା,ମାତାଙ୍କର ସେବା ଛାତ୍ରଛତ୍ରୀ ମାନେ ସେବା କରିବା ଆବଶ୍ୟକ । ଏହି ଦିନୁ ଭବିଷ୍ୟତରେ କଣ ହେବେସେଥିପାଇଁ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟ ସ୍ଥିର କରିବା ଉଚିତ ବୋଲି ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ତଥା ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଡାକ୍ତର ସମ୍ବିତ କୁମର ସାମଲ, ଉପସ୍ଥାପକ, ତଥା ନାଟ୍ୟକାର ଶରଣାରବିନ୍ଦ ଓଝା, ପ୍ରବଚିକା କଳ୍ପନା ତ୍ରିପାଠୀ, ନିଳାଦ୍ରୀ ବିହାରୀ ମହାଁ, ପିପିଏଲର ସିଜିଏମ୍ ଓମ ପ୍ରକାଶ ସାହୁ, କୁଜଙ୍ଗ ସରପଂଚ ବନ୍ଦିତା ଦାସ, ପଣ୍ଡିତ ଉପେନ୍ଦ୍ରନାଥ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ ଉନ୍ନତି କରିବା ପାଇଁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ । ପରିଚାଳନା କମିଟିର ସଭାପତି ପ୍ରବୀର କୁମାର ପଧାନ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଗୁନିବାଳା ମଲ୍ଲିକଙ୍କ ରଚିତ ନାଟକ ଛତ୍ରଛତ୍ରୀ ମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ମୋନାଲିଶା ଜେନା, ରମାକା' ନାଥ,ପ୍ରଣତୀ ସ୍ୱାଇଁ, ଶୁଭଜ୍ୟୋତି ମହାପାତ୍ର, ଲଲାଟେନ୍ଦୁ ବିଦ୍ୟାଧର ପାତ୍ର, ବିଶ୍ୱପ୍ରିୟା ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ବିନୋଦ ବିହାରୀ ମୁଦୁଲୀ ସଭା ସଂଯୋଜନାକରିଥିଲେ । ଛାତ୍ରୀ ମାନେ ସମବେତ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ପିତା ମିଶ୍ର,ଅମ୍ରିତା ରାଜଗୁରୁ, ଅର୍ପିତା ନନ୍ଦ, ସ୍ମୃ ପ୍ରତ୍ୟାଶା ପ୍ରଧାନଙ୍କ ସମେତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଗ୍ୟାସ୍ ପାଇପ ଲାଇନ ଶ୍ରମିକ ମୃତ୍ୟୁ ଘଟଣା
# ୩ ଅଟକ, ଏବେ ବି ମୁକୁଳା ପଡିଛି ଗ୍ୟାସ ଚାମ୍ବର

କୁଜଙ୍ଗ,(ସବ୍ୟୁ): ଗତକାଲି କଟକ-ପାରାଦୀପ ରାଜ୍ୟ ରାଜପଥର ପାର୍ଶ୍ୱରେ ବିପିସିଏଲ କମ୍ପାନୀ ଦ୍ୱାରା ବିଛାଯାଇଥିବା ରନ୍ଧନ ଗ୍ୟାସ୍ ପାଇପ ଲାଇନ ମରାମତୀ ଘଟଣାରେ ଗତକାଲି ପରିମଳ ଗାୟନ ନାମକ ଶ୍ରମିକର ମୃତ୍ୟୁ ବରଣ କରିବାଆଜିକୁ ୨୪ ଗଂଟାରୁ ଉର୍ଦ୍ଧ ସମ ବିଜି ଗଲାଣି । ମାତ୍ର ଏହି ଦୂର୍ଘଟଣା ଘଟିଥିବା ଭାଲବ ପଏଂଟ ଗ୍ୟାସ ଚାମ୍ବର ଏବେ ମଧ୍ୟ ମୁକୁଳା ପଡିଛି । ଏହି ମରାମତୀ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ଏବେ ମଧ୍ୟଏହି ଚାମ୍ବରକୁ ବନ୍ଦ କରିନଥିବିବାରୁ ଆଗକୁ ଅଧିକ ଅଘଟଣ ଘଟିବାନେଇ ସ୍ଥାନୀୟ ଅଂଚଳବାସୀ ଆଶଙ୍କା କରିଛନ୍ତି । ତେବେ ଏହି ଦୁର୍ଘଟଣାରେ କୁଜଙ୍ଗ ଥାନାରେ ଗତକାଲିଠାରୁ ତିନିଜଣ ଅଭିଯୁକ୍ତ ଅଟକ ରହିଛନ୍ତି ।

## ବସପୁର ଏମବିକେ ନିଯୁକ୍ତି ବାତିଲ ମାମଲା
# ୨୦ସପ୍ତାହ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୁନ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ମିଶନଶକ୍ତି ବିଭାଗରେ ଏମ୍ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପଦବୀ ନିଯୁକ୍ତିକୁ ନେଇ ବିବାଦ ଏବେବି ଲାଗି ରହିଛି। ପୂର୍ବରୁ ସଂପୃକ୍ତ ଏହି ତିନି ପଦବୀ ପୁରଣ ପ୍ରକ୍ରୀୟାକୁ ନେଇ ମିଶନଶକ୍ତି ବିଭାଗର ମନୋନୟନ କମିଟିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ବ୍ଲକ ଅଧିନସ୍ଥ ବସପୁର ପଂଚାୟତ ମନୋନିତ ହୋଇଥିବା ଏମବିକେ ପଦବୀକୁ ଜିଲ୍ଲାପାଳ ବାତିଲ କରିଥିଲେ । ତେବେ ବାତିଲ କରିବାପରେ ଏହି ପଦବୀ ୨ସପ୍ତାହ ମଧ୍ୟରେ ପୂରଣ କରିବାପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଥିବାବେଳେ ଇତି ମଧ୍ୟରେ ୨୦ସପ୍ତାହ ହେବାକୁ ଥିବାବେଳେ ଏହା ଏଯାଏଁ କାର୍ଯ୍ୟକାରୀ ହୋଇପାରିଲାନାହିଁ । ପ୍ରକାଶ ଯୋଗ୍ୟ ବସପୁର ପଂଚାୟତରେ ଏମବିକେ ପଦବୀ ପାଇଁ ଗତ ୨୦୨୩ ମସିହା ରେ ପାର୍ବତି ଲେଙ୍କା ମନୋନିତ ହୋଇଥିଲେ। ବିଭାଗୀୟ ନିର୍ଦ୍ଦେଶନାମାକୁ ଉଲଂଘନ କରି ମନୋନୟନ କମିଟି ପାର୍ବତିଙ୍କୁ ମନୋନୟନ କରିଥିବା ଏବଂ ସଂପୃକ୍ତ ପଂଚାୟତ ମହିଳା ମାହାସଂଘରେ ଯୋଗଦାନ ନକରି ବ୍ଲକ ମିଶନଶକ୍ତି ମହାସଂଘରେ ବିଳମ୍ବ ବେନିୟମ ଭାବେ ଯୋଗଦାନ କରିବାକୁ ଚ୍ୟାଲେଂଜ କରି ତାଙ୍କ ପ୍ରତିଦ୍ୱନ୍ଦିନୀ ଆବେଦବକାରୀ ଲୋପିତା ସେନ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଶୁଣାଣି କରି ନ୍ୟାୟାଳୟ ତୁରନ୍ତ ସଠିକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲା। ତେବେ ଜିଲ୍ଲାପାଳଙ୍କ ନ୍ୟାୟାଳୟରେ ମିସ କେଶ ନଂ-୪୩।୨୩ରେ ହୋଇଥିବା ମାମାଲାର ଶୁଣାଣି କରି ଜିଲ୍ଲାପାଳ ସମସ୍ତ ପକ୍ଷଙ୍କ ବୟାନ ନେବା ପରେ ଅକ୍ଟୋବର ୩ତାରିଖରେ ଉକ୍ତ ନିଯୁକ୍ତିକୁ ବାତିଲ କରିବା ସହିତ ଆଗାମୀ ୨ସପ୍ତାହ ମଧ୍ୟରେ ପୁନର୍ବାର ଏହି ପଦବୀ ପୁରଣ ପାଇଁ ପଦକ୍ଷେପ ନେବାକୁ ବିଡିଓ ଡେରାବିଶଙ୍କୁ ଚିଠି ନଂ.-୧୯୪୧(୩)। ୭-୧୦-୨୦୨୪ରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ବହୁଦିନ ବିତିଯାଇଥିଲେ ମଧ୍ୟ ବସପୁର ପଂଚାୟତର ଏହି ଏମବିକେ ପଦବୀ ପୁରଣ ପାଇଁ ଏଯାଏ ବିଜ୍ଞାପନ ନବାହାରିବା ଏବଂ ଏହି ପ୍ରକ୍ରୀୟା ଶେଷ ନହେବା ଯୋଗୁଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ବ୍ଲକ ମିଶନଶକ୍ତି ମହାସଂଘର ସମ୍ପାଦିକା ମନୋରମା ରାଉତଙ୍କୁ ପଚାରିବାରୁ ଖୁବ ଶିଘ୍ର ଏପ୍ରକ୍ରୀୟା ଶେଷ କରାଯିବ ବୋଲି ସେ କହିଛନ୍ତି।

# ସିଆଇଆଇ ଏମଏସଏମଇ କନେକ୍ଟ : ରାଜ୍ୟରେ ଏମଏସଏମଇ ଅଭିବୃଦ୍ଧିକୁ ନୂଆ ବୁଷ୍ଟର




ପାରାଦୀପ ,( ଜି. ପ୍ର ) :ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡିଶା ଚାପ୍ଟର ପକ୍ଷରୁ ପାରାଦୀପ ପୋର୍ଟ ଅଥୋରିଟି କ୍ୟାମ୍ପସର ବିଜୁ କନ୍ଭେନ୍‌ଶନ ସେଂଟରଠାରେ ସଫଳତାପୂର୍ବକ ସିଆଇଆଇ ଏମ୍ଏସ୍ଏମ୍ଇ କନେକ୍ଟ ୨୦୨୪ର ଆୟୋଜନ କରାଯାଇଛି । 'ଭେଣ୍ଡର କନେକ୍ଟ ସିରିଜ: ଏକ୍ସପାଣ୍ଡିଙ୍ଗ୍ ବିଜ୍ନେସ୍ ହରାଇଜୋନ୍ସ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଓଡିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ୍ ଶିଳ୍ପ ଓ ଏମ୍ଏସ୍ଏମ୍ଇଗୁଡିକ ମଧ୍ୟରେ ମଜବୁତ ସହଭାଗିତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଛି ।

କାର୍ଯ୍ୟକ୍ରମରେ ଓଡିଶାର ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଡିଶାର ଶିଳ୍ପ କ୍ଷେତ୍ରରେ ପାରାଦୀପର ରଣନୈତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେ ବିଶ୍ୱସ୍ତରୀୟ ବନ୍ଦର ସୁବିଧା ଓ ଉତ୍କୃଷ୍ଟ ସଂଯୋଗଗୁଡିକୁ ଆଲୋକପାତ କରିଥିଲେ ଯାହା ଓଡିଶାର ଆର୍ଥିକ ବିକାଶ ପାଇଁ ପାରାଦୀପକୁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ କରୁଛି । ସେ କହିଥିଲେ, ଆମ ରାଜ୍ୟ ଏମ୍ଏସ୍ଏମ୍ଇ ଓ ବୃହତ ଶିଳ୍ପଗୁଡିକ ମଧ୍ୟରେ ଦୃଢ ସହଯୋଗିତା ସ୍ଥାପନ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହା ଏକ ଗତିଶୀଳ ଓ ସଫଳ ଇଣ୍ଡଷ୍ଟ୍ରିଆଲ ଇକୋସିଷ୍ଟମ ସୁନିଶ୍ଚିତ କରିବ । ସେହିପରି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଡିଶାର ରପ୍ତାନୀ ଅର୍ଥନୀତି ପ୍ରତି ଏହି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ କହିଥିଲେ । ଏମ୍ଏସ୍ଏମ୍ଇ ରପ୍ତାନୀର ଓଡିଶାର ମୋଟ ରପ୍ତାନୀରେ ୪୫% ଯୋଗଦାନ ରହିଛି । ବରଗଡ, ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି ଓ ନବରଙ୍ଗପୁରଠାରେ ଫୁଡ୍ ପାର୍କର ସ୍ଥାପନା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି, ରାଜ୍ୟରେ ଏମ୍ଏସ୍ଏମ୍ଇଗୁଡିକ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି । ଓଡିଶା ଷ୍ଟାର୍ଟଅପ୍ ଗ୍ରୋଥ୍ ଫଣ୍ଡ୍ ମଧ୍ୟ ଏମ୍ଏସ୍ଏମ୍ଇ କ୍ଷେତ୍ର ମଧ୍ୟରେ ଷ୍ଟାର୍ଟଅପ୍ଗୁଡିକୁ ସମର୍ଥନ କରିବା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ମନ୍ତ୍ରୀ ଶ୍ରୀମଲ୍ଲିକ କହିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତକରିଥିଲେ ।ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା । ସିଆଇଆଇ ଓଡିଶା ଷ୍ଟେଟ୍ କାଉନ୍ସିଲର ଅଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ ।ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ଆଇଆରଟିଏସ ପିଏଲ ହରନାଧ କହିଛନ୍ତି ଯେ, ୨୦୧୯-୨୦ରେ ଏମଏସଏମଇଠାରୁ କ୍ରୟ ୨୬ ପ୍ରତିଶତ ଥିଲା, ଯାହା କି ସରକାରଙ୍କ ଦ୍ୱାରା ବାଧ୍ୟତାମୂଳକ ୨୫ ପ୍ରତିଶତ ଅଧିକ । ବର୍ତମାନ ଆମେ ଏମଏସଏମଇଠାରୁ ୭୪ ପ୍ରତିଶତ କିଣୁଛୁ , ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହି କ୍ଷେତ୍ରର ବିକାଶ ପାଇଁ ଆମର ଗୁରୁତ୍ୱ ଉପରେ ଯଥେଷ୍ଟ ବୃଦ୍ଧି ଦର୍ଶାଉଛି । ସେ ଏମଏସଏମଇଗୁଡ଼ିକୁ ପ୍ରତିଯୋଗିତାମୂଳକ ଏବଂ ଗୁଣାତ୍ମକ ସଚେତନ ହେବା ଏବଂ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶ କରିବାକୁ ଅନୁରୋଧ କରିଥିଲେ । ଜଗତସିଂହପୁର ଜିଲ୍ଲାପାଳ ଓ ଜେ.ସୋନାଲ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭିତିଭୂମି ଏବଂ ଯୋଗାଯୋଗ ବିକାଶ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ । ଇଣ୍ଡିଆନ ଅଏଲ କର୍ପୋରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌଶିକ ବାସୁ କହିଛନ୍ତି ଯେ, ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ଏଭଳି ପଦକ୍ଷେପ ମାଧ୍ୟମରେ ଏମଏସଏମଇକୁ ସମର୍ଥନ ଏବଂ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।ଜେଏସଡବ୍ଲୁ ବିପିଏସଏଲ ୱାର୍କସର ବାଣିଜ୍ୟ ମୁଖ୍ୟ ଗିରିଶ ନାଏକ ପାରାଦୀପ ଓ ଉତର ଓଡ଼ିଶା ଭଳି ଅଂଚଳରେ ଏମଏସଏମଇକୁ ସମର୍ଥନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ପାରାଦୀପ ଫସଫେଟ୍ସ ଲିମିଟେଡର ସିଏମଓ ତଥା ୟୁନିଟ୍ ମୁଖ୍ୟ ପଲାନିସ୍ୱାମୀ ଭେଲୁସାମୀ ମଧ୍ୟ ପାରାଦୀପକୁ ଏକ ଶିଳ୍ପ ଏବଂ ଏମଏସଏମଇ ହବ୍ ଭାବରେ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ଏମ୍ଏସ୍ଏମ୍ଇ ଓ ବୃହତ ଶିଳ୍ପଗୁଡିକ ମଧ୍ୟରେ ଏକ ମଜବୁତ ସହଭାଗିତା ବିକଶିତ କରିବା, ଓଡିଶାରେ ଅଭିବୃଦ୍ଧି, ଉଦ୍ଭାବନ ଓ ସ୍ଥାୟୀ ଆର୍ଥିକ ସମୃଦ୍ଧି ପାଇଁ ନୂତନ ମାର୍ଗ ସୃଷ୍ଟି କରିବା ପ୍ରତି ଏକ ଦୃଢ ପ୍ରତିବଦ୍ଧତା ସହିତ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରେ ମୁଖ୍ୟତଃ ପାରାଦୀପ ପୋର୍ଟ ଅଥରିଟି, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ବେଦାନ୍ତ ଲିମିଟେଡ୍, ଜେଏସଡବ୍ଲୁ, ଜେଏସଏଲ୍, ଏଏମ୍/ଏନ୍ଏସ୍ ଇଣ୍ଡିଆ, ଇଫକୋ, ଟିପିସିଓଡିଏଲ୍ ଏବଂ ପିପିଏଲ୍ ସହ ବଡ଼ ବଡ଼ କମ୍ପାନିଗୁଡ଼ିକ ସହ ବି୨ବି ବୈଠକ ହୋଇଥିଲା ।

# ସୁଶ୍ରୀ ଶୁଭଶ୍ରୀ ପକ୍ଷରୁ ବୃକ୍ଷରୋପଣ ଓ ପରିବେଶ ସଚେତନତା

ତିର୍ତ୍ତୋଲ,(ସବ୍ୟୁ) :ତିର୍ତ୍ତୋଲ ବ୍ଲକ ଶାଗବରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ବାତ୍ୟା ପ୍ରବଣ ଅଞ୍ଚଳ କିଆଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ପରିବେଶ ସଚେତନତା ସଭା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁ ଚରଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂସଦ ସମ୍ପାଦିକା ଡ଼ ବସନ୍ତ ମଞ୍ଜରୀ ଦାସ ବିଦ୍ୟାଳୟ ପରିସରରେ ଚାରା ରୋପଣ ପାଇଁ ପଚାଶଟି ଗୁଆ ଚାରା ଯୋଗାଇ ଦେବା ଦେବା ସହ ଏହି ଚାରା ଗୁଡିକର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ମକରଧ୍ୱଜ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ପ୍ରକୃତିବନ୍ଧୁ ପ୍ରଦ୍ୟୁମ୍ନ ରଥ, ସୁଚିନ୍ତା ସମ୍ପାଦକ ଶିବ ପ୍ରସାଦ ସାହୁ, ସମାଜସେବୀ ତପନ କୁମାର ସ୍ୱାଇଁ, ଆଞ୍ଚଳିକ ପୂଜ୍ୟ ପୂଜା ଅଧ୍ୟକ୍ଷ ଯଯାତି କେଶରୀ ସାମନ୍ତରାୟ ପ୍ରମୁଖ ପରିବେଶର ସୁରକ୍ଷା ସଂପର୍କରେ ଛାତ୍ର, ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ସଭାପତି ରମାକାନ୍ତ ସ୍ୱାଇଁ, ଚନ୍ଦନ କୁମାର ପରିଡା, ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟଶ୍ରୀ ଖଣ୍ଡୁଆଳ, ପାର୍ବତୀ ସୂତାର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭାଷା ହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ




କୋଣାର୍କ,(ସବ୍ୟୁ) : ମଣିଷର ଭା ପ୍ରକାଶର ପ୍ରମୁଖ ମାଧ୍ୟମ ହେଉଛି ଭାଷାଛ ଭାଷା ସାହିତ୍ୟର ପ୍ରାଣ।। ସାହିତ୍ୟ ଗୋଟିଏ ଜାତିର ଇତିହାସ, ପରମ୍ପରା ଓ ସଂସ୍କୃତିର ପ୍ରତିଫଳନ । ଓଡ଼ିଆ ଭାଷା ହିଁ ଓଡ଼ିଆ ଜାତିର ଅସ୍ମିତାର ପରିଚାୟକ ବୋଲି ବିଶିଷ୍ଟ ବିଦ୍ୱାନମାନେ କୋଣାର୍କ ଉତ୍ସବ ଅସରରେ ଆୟୋଜିତ 'କୋଣାର୍କ ସାହିତ୍ୟ ଆସର'ରେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଣାର୍କ ସାହିତ୍ୟ ଆସର -୨୦୨୪ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସିତା ପ୍ରଧାନ ମୁଖ୍ୟ ଅତିଥିରୂପେ ଯୋଗଦେଇ ଏହି ସାରସ୍ୱତ ଉତ୍ସବକୁ ଉଦଘାଟନ କରିଥିଲେ। ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ ମୁଖ୍ୟବକ୍ତା, ପ୍ରାଚୀ ସଂସ୍କୃତିର ଗବେଷକ ଡକ୍ଟର ତ୍ରିନାଥ ପଟ୍ଟନାୟକ ସମ୍ମାନନୀୟ ବକ୍ତା ଏଂ ସମ୍ମାନନୀୟ ଅତିଥିରୂପେ ନୃତ୍ୟ ବିଦୁଷୀ ଡକ୍ଟର ସୁଜାତା ମହାପାତ୍ର ଓ ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ ଯୋଗଦେଇ 'ଭାଷା ଓ ଅସ୍ମିତା' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ଆସରରେ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି। ଏହି ଅସରରେ ସାହିତ୍ୟ 'ଧରମା'ର ସପ୍ତମ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଚଳିତବର୍ଷ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ନୃତ୍ୟବିଦୁଷୀ ଡକ୍ଟର ସୁଜାତା ମହାପାତ୍ରଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀଙ୍କୁ ସାମ୍ବାଦିକ ସଂଗ୍ରାମ ସ୍ମୃତି ସମ୍ମାନ, ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କୁ ଲେଖକ ଲରାମ ମିଶ୍ର ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଗଗନ ବିହାରୀ ସ୍ୱାଇଁଙ୍କୁ ଅର୍କସ୍ୱର ସମ୍ମାନ, ଶିକ୍ଷୟିତ୍ରୀ ଲତିକା ମହାପାତ୍ରଙ୍କୁ ମା' ରୁକ୍ମିଣୀ ଦେୀ ସ୍ମୃତି ସମ୍ମାନ, ଡକ୍ଟର ସୁଚିତ୍ରା ରଥଙ୍କୁ ଅର୍କସୁଧା ସମ୍ମାନ ଓ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କୁ କୋଣାର୍କ ସୋ ସମ୍ମାନ ପ୍ରଦାନପୂର୍ବ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।। ଏହି ଅସରରେ କୋଣାର୍କ ଉତ୍ସବର ପ୍ରଚ୍ଛଦପଟରେ ରହି ପ୍ରଶଂସନୀୟ ସଂଗୀତ ଭୂମିକା ନିର୍ବାହ କରି ଆସୁଥିା ଓଡ଼ିଶା ସଂଗୀତ ନାଟକ ଏକାଡେ଼ମୀର କର୍ମଚାରୀ ଭାନୀ ଚରଣ ପଣ୍ଡା, ଭାବଗ୍ରାହୀ ସାହୁ ଓ ଦେବେନ୍ଦ୍ରନାଥ ମହାପାତ୍ରଙ୍କୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ଆଲୋଚନା, ପୁସ୍ତକ ଲୋକାର୍ପଣ ଓ ସାରସ୍ତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ଅଧ୍ୟାପିକା ଡକ୍ଟର ସରୋଜିନୀ ପାଣି। ଦ୍ୱିତୀୟ ଅଧିବେଶନରେ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତ ଓ ଗଳ୍ପ ପଠନ କାର୍ଯ୍ୟକ୍ରମରେ ଅତିଥିରୂପେ ଯୋଗ ଦେଇଥିଲେ କବି ରକ୍ଷକ ନାୟକ, କବି ଉମାକାନ୍ତ ମହାପାତ୍ର ଓ କବି ଭଗବାନ ସାହୁ। କବିମହେନ୍ଦ୍ର କୁମାର ଦାଶ ଓ କବୟିତ୍ରୀ କଳ୍ପନା ମିଶ୍ରଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କବି ଓ ଗାଳ୍ପିକ ସ୍ୱରଚିତ କବିତାଓ ଗଳ୍ପ ପାଠ କରିଥିଲେ।ସାରସ୍ୱତ ଆସର ପ୍ରାରମ୍ଭରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଗୋଟିପୁଅ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମାଜସେବୀ ରାମକୃଷ୍ଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ରଣପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରାଜସୁନାଖଳା ଠାରେ ୨୦୨୩-୨୫ ବର୍ଷର ଗୁରୁ ଛାତ୍ରଛାତ୍ରୀମାନଙ୍କ ସାମଗ୍ରୀକ ବିକାଶ ନିମନ୍ତେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୂଖ୍ୟ ଅତିଥି ଭାବେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡ. ଦାଶରଥି ବିଶ୍ୱାଳ, ମୂଖ୍ୟ ବକ୍ତା ବାବେ ରାଜସୁନାଖଳା ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରଧାପକ ଭାଗିରଥି ପାଢୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକପ୍ରଶିକ୍ଷକ ଗୋବିନ୍ଦ ନାୟକ ପ୍ରମୂଖ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରଶିକ୍ଷକ ପ୍ରଶିକ୍ଷିକା ତଥା ଗୁରୁ ଛାତ୍ରଛାତ୍ରୀବୃନ୍ଦ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂସ ଗ୍ରହଣ କରି ସାଫଲ୍ୟ ମଣ୍ଡିତ କରିଥିଲେ । ଅନୁଷ୍ଠାନରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ପ୍ରତିଯୋଗିତାରେ କୃତି ଗୁରୁଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ମନୋରଂଜନ ଦାଶ ମଂଚ ପରିଚାଳନା କରିଥିବା ବେଳେ ପ୍ରତାପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ । ମାନଓ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର, ଦୀପକ କୁମାର ପ୍ରଧାନ ଓ ବଟକୃଷ୍ଣ ସାହୁ ପ୍ରମୂଖ ପୁରସ୍କାର ବିତରଣ କରିଥିଲେ । ଶେଷରେ ଶିକ୍ଷକ ପ୍ରଶିକ୍ଷିକା ଅନିନ୍ଦିତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନକୁଳ ଓଝାଙ୍କ ପରଲୋକ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ତଥା ଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରସାହି ମୌଜାର ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ଓଝାଙ୍କ ଦ୍ୱିତୀୟ ପୁତ୍ର ନକୁଳଚନ୍ଦ୍ର ଓଝା(୭୭)ଙ୍କ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀଙ୍କ ସମେତ ତିନି ଭାଇ ଗୁଣନିଧି, ସୁମନ୍ତଚନ୍ଦ୍ର ଓ ଉମାକାନ୍ତ, ଦୁଇ ପୁତ୍ର ନିହାର ରଂଜନ ଓ ନିଖିଳ ରଂଜନ, ଏକମାତ୍ର କନା ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ସାଇଲୋ ଝାରପଡ଼ା ହାଇସ୍କୁଲରୁ ମାଟ୍ରିକ ପାସ କଲା ପରେ ରେଭେନ୍ସା କଲେଜରୁ ଉଚ୍ଚ ଶିକ୍ଷା ପ୍ରାପ୍ତ କରି ରାଜ ସରକାରଙ୍କ ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟ କରିଥିଲେ। ସେ ୨୦୦୮ମସିହାରେ ଅବସର ଗ୍ରହଣ କଲା ପରେ ବିଭିନ୍ନ ସାମାଜିକ କାର୍ଯରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ ବକ୍ତି ତାଙ୍କ ବାସଭବନକୁ ଆସି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ପୂର୍ବତନ ସାମରିକ କର୍ମଚାରୀ ସଙ୍ଘର ବାର୍ଷିକୋତ୍ସବ

କାକଟପୁର (ସବ୍ୟୁ) : କାକଟପୁର, ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ଉକୁଳେଇ ପୀଠରେ ଥିବା ପୂର୍ବତନ ସାମରିକ କର୍ମଚାରୀସଙ୍ଘର(୨୮)ତମବାର୍ଷିକୋତ୍ସବ ସଙ୍ଘ ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଷାଧ୍ୟକ୍ଷ ଦ୍ୱାରିକା ନାଥ ନାୟକ, ଅକ୍ଷୟ ଜେନା, ହୃଦାନନ୍ଦ ଦଳେଇ, ଅଭୟ କାନୁନଗୋ, ପ୍ରଫୁଲ୍ଲ ପରିଡ଼ା, ପ୍ରକାଶ ପାତ୍ର, ଅକ୍ଷୟ ମୁରୁଣୀ, କେଦାର ମୁରୁଣୀ,ଦୁର୍ଯ୍ୟୋଧନ ଦଳେଇ, ଶରତ ମହାନ୍ତି, ପ୍ରଭାକର ବଳ, ନକଡି ବେହୁରା, ରବିନ୍ଦ୍ର ଦାଶ, ନିହାର ମିଶ୍ର, କୈଳାଶ କାପ, ପ୍ରମୋଦ ମହାରଣା, ବିଚିତ୍ରା ନନ୍ଦ ପରିଡ଼ା, ଚକ୍ରଧର ଗୋଛାୟତ, ହୃଦାନନ୍ଦ ବସ୍ତିଆ ପ୍ରମୁଖ (୨୫୦) ରୁ ଉର୍ଦ୍ଧ ଅବସର ସାମରିକ କର୍ମଚାରୀ ପରିବାର ସହ ଯୋଗ ଦେଇଥିଲେ ।

## ଭଗବତ ବାସୁଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲିପାଟଣା ,(ସବ୍ୟୁ) : ବନମାଳୀପୁର ଦିୱାନପାଟଣା ବଡ଼ ମଠ ସାହିରେ ଭଗବତ ବାସୁଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପୂଜା, ହୋମ ଯଜ୍ଞ ଏବଂ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କର୍ତ୍ତା ଭାବେ କୈଳାଶ ଦାଶ ଏବଂ କର୍ତ୍ତି ଭାବେ ମାନସୀ ଦାଶ ଦାୟିତ୍ୱ ତୁଲାଇଥିଲେ। ସୁସଜ୍ଜିତ ବିମାନରେ ଭଗବତ ଗୋସେଇଁଙ୍କୁ ଗାଁ ପରୀକ୍ରମା କରାଯାଇଥିଲା। ଗ୍ରାମରେ ଏହି ଉପଲକ୍ଷେ ନାମ ସଂକୀର୍ତ୍ତନ କରାଯାଇଥିଲା ।

### ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

# ୭ ଶିକ୍ଷକଙ୍କ ବେତନ ବନ୍ଦ, ୬ଜଣଙ୍କୁ କାରଣ ଦର୍ଶାଅ ନୋଟିସ



ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଶନିବାର ସକାଳେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ କର୍ତବ୍ୟରତ କେତେକ ଶିକ୍ଷକ ବିଳମ୍ବରେ ବିଦ୍ୟାଳୟକୁ ଆସିବା ସହ କର୍ତବ୍ୟରେ କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଆସୁଥିବା ନେଇ ତାଙ୍କ ନଜରକୁ ଆସିଥିଲା । ଶନିବାର ସକାଳ ୬.୩୦ରୁ ୧୧ ଟ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡିକ ଖୋଲା ରହିବା ନେଇ ସରକାରୀ ନିୟମ ଥିଲେ ହେଁ କେତେକ ଶିକ୍ଷକ ଓ ଶିକ୍ଷୟତ୍ରୀ ସକାଳ ୭ଟା ପରେ ମଧ୍ୟ ବିଦ୍ୟାଳୟକୁ ଆସି ନଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଅବଗତ ହେବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭେଟି ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ଶିକ୍ଷାଦାନ ସଂପର୍କରେ ପଚାରି ବୁଝିଥିଲେ । ଖଣ୍ଡପଡା ବ୍ଲକ ଅଧିନ ରାଣୀପଡା ୟୁଜିଏମଇ ବିଦ୍ୟାଳୟର ୫ଜଣ ଶିକ୍ଷକ, ଗୁଣ୍ଡୁଣୀ ପଞ୍ଚାୟତ ଅଧିନ ରଘୁନାଥପୁର(ଖ) ପ୍ରାଥମିକ ବିଦ୍ୟାଳୟ, ରାଣୀଛେଳୀ ପ୍ରାଥମିକ ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ ଏହିପରି ୭ଜଣ ଶିକ୍ଷକଙ୍କର ଗୋଟିଏ ଦିନର ବେତନ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଥିବା ଜଣାପଡିଛି । ସେହିପରି ଶାଳଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ରାଣୀଛେଳୀ ପଞ୍ଚାୟତର ନଟବରପ୍ରସାଦ ପ୍ରାଥମିକ ବିଦ୍ୟାଳୟ, ବୋଦସା ୟୁଜିଏମଇ ବିଦ୍ୟାଳୟ, ମର୍ଦ୍ଦରାଜପୁର ପଞ୍ଚାୟତର ହରିଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟ, କଳପଙ୍ଗୀ ୟୁଜିଏମଇ ବିଦ୍ୟାଳୟର ୬ଜଣ ଶିକ୍ଷକଙ୍କୁ କର୍ତବ୍ୟରେ ଅବହେଳା ପ୍ରଦର୍ଶନ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି ।

# ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା

ଅସ୍ତରଙ୍ଗ ,(ସବ୍ୟୁ) :ଅସ୍ତରଙ୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ର ୨୮ ତମ ବାର୍ଷିକ କ୍ରୀଡା ଶନିବାର ଦିନ ଉଦଯାପିତ ହୋଇଛି। ଦୁଇ ଦିନ ଧରି ଭଣ୍ଡରପଦା କ୍ରୀଡା ପ୍ରାଙ୍ଗଣରେ ଏହି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ କ୍ରୀଡା ଉତ୍ସବ ରେ ୩୭୬ ଜଣ ଶିଶୁ ମୋଟ ୫୮ ଟି ବିଭାଗୀୟ କ୍ରୀଡା ରେ ଅଂଶଗ୍ରହଣ କରି ନିଜ ନିଜ ର କ୍ରୀଡା ଦକ୍ଷତା ପ୍ରତିପାଦନ କରିଛନ୍ତି ।ଏହି ଉଦଯାପନୀ ଉତ୍ସବ ରେ ବନ୍ତିଲୋ ଜନତା ଉଚ୍ଚବିଦ୍ୟାଳୟ ଶାରୀରିକ ଦକ୍ଷତା ଶିକ୍ଷକ ଲକ୍ଷ୍ମୀଧର ବେହେରା ଯୋଗ ଦେଇ କ୍ରୀଡା ସହିତ ଶାରୀରିକ ଦକ୍ଷତା ବିକାଶ ଆବଶ୍ୟକତା ଓ ଏହା ଦ୍ୱାରା ଛାତ୍ରଛାତ୍ରୀ ଙ୍କର ମାନସିକ, ଶାରୀରିକ ଓ ସାମାଜିକ ଦକ୍ଷତା ବୃଦ୍ଧି ପାଇବା ର ମୌଳିକ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ସଟପୁଟ, ଲଙ୍ଗଜମ୍ପ, ହାଇଜମ୍ପ, ଜବାଲିଂ ଥ୍ରୋ, ଦୌଡ଼ ଏହିଭଳି କ୍ରୀଡା ଅନୁଷ୍ଠିତ ହୋଇଛି, ଛାତ୍ରଛାତ୍ରୀ ମାନଙ୍କର ଚମତ୍କାର କ୍ରୀଡା କୌଶଳ ଉପସ୍ଥିତ ଅତିଥିଙ୍କ ସମେତ ଦର୍ଶକଙ୍କ ମନଙ୍କୁ ବେଶ ଆପ୍ରାହିତ କରିଥିଲା, ଅନ୍ୟମାନଙ୍କ ଭିତରେ ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡା ଓ ଶାରୀରିକ ଶିକ୍ଷା ପ୍ରମୁଖ ପ୍ରଦୀପ୍ତ ମିଶ୍ର ସଂଯୋଜନା କରିଥିଲେ,କ୍ରୀଡା ପରିଚାଳନାରେ ଆଚାର୍ଯ୍ୟ ଦିବାକର ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ରମେଶ ମୁଦୁଲୀ ଓ ରବୀନ୍ଦ୍ର ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଆଚାର୍ଯ୍ୟା ସୀତା ଓ ମମତା ଗୁରୁମା ନିଜ ଦାୟିତ୍ୱ ସୁଚାରୁ ରୂପେ କାର୍ଯ୍ୟକାରୀ କରିଥିଲେ । ବିଦ୍ୟାଳୟ ର ଅନ୍ୟ ଗୁରୁଜୀ ଗୁରୁମା ମାନେ କ୍ରୀଡା ଉତ୍ସବରେ ସ୍ୱତନ୍ତ୍ର ପରିଚାଳନା କରିବା ସହ ସହଯୋଗ ପ୍ରଦାନ କରିଥିଲେ,ବିଦ୍ୟାଳୟ ସଭାପତି ରମାନାଥ ପରିଡା ଓ ବିପିନ ବିହାରୀ ମହାନ୍ତି ଯୋଗ ଦେଇ ଚମ୍ପିୟାନ ମାନଙ୍କ ନାମକୁ ଘୋଷଣା କରିଥିବା ବେଳେ ଆଚାର୍ଯ୍ୟ ପ୍ରଦୀପ ବେହେରା ଧନ୍ୟବାଦ ପ୍ରଦାନ କରିଛନ୍ତି ।

# ମହାବୀର ବରିଷ୍ଠ ନାଗରିକ ମଞ୍ଚ ବାର୍ଷିକ ସମ୍ମିଳନୀ

ନିମାପଡା,(ସବ୍ୟୁ) : ନିମାପଡା ବ୍ଲକ ଅନ୍ତର୍ଗତ ଖେଲାର ହରିଶପୁର ସ୍ଥିତ ମହାବୀର ମନ୍ଦିର ପରିସରରେ ମହାବୀର ବରିଷ୍ଠ ନାଗରିକ ମଂଚର ପ୍ରଥମ ବାର୍ଷିକ ସମ୍ମିଳନୀ ଓ ପରିଚୟ ପତ୍ର ବଂଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିମାପଡା ଥାନା ଆଇଆଇସି ବାମଦେବ ସ୍ୱାଇଁ,ମୁଖ୍ୟବକ୍ତା ଭାବେ ମହାକାଶ ବିଜ୍ଞାନ ସଂସ୍ଥାର ଅବସରପ୍ରାପ୍ତ ବୈଜ୍ଞାନିକ ଗନ୍ଧର୍ବ ବେହେରା,ସମ୍ମାନୀତ ଅତିଥିଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ରବିନ୍ଦ୍ର ନାଥ ସ୍ୱାଇଁ,ମହାବୀର ବରିଷ୍ଠ ନାଗରିକ ମଂଚର ସଭାପତି ନରେନ୍ଦ୍ର ମୋହନ ପରିଡା,ସଂପାଦକ ରବି ନାରାୟଣ ଷଡଙ୍ଗୀ,ରାଜ କିଶୋର ସାମନ୍ତରାୟ,ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ । ବରିଷ୍ଠ ନାଗରିକ ମାନଙ୍କୁ ଚିହ୍ନଟ କରି ସରକାର ପରିଚୟ ପତ୍ର ଦେଉଛନ୍ତି । କୌଣସି ଅସୁବିଧାରେ ପଡିବା କିମ୍ବା ଅସମ୍ମାନୀତ ହେବା ଭଳି ଅଭିଯୋଗ ଆସେ ତେବେ ତ୍ୱରିତ ପଦକ୍ଷେପ ନେବା ପୁଲିସର କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ଆଇଆଇସି ଶ୍ରୀ ସ୍ୱାଇଁ କହିଥିଲେ । ବରିଷ୍ଠ ନାଗରିକ ମାନେ ହେଉଛନ୍ତି ସମାଜର ସମ୍ବଳ,ସମାଜକୁ ମାର୍ଗ ଦେଖାଇବା ବରିଷ୍ଠ ନାଗରିକ ମାନଙ୍କ କର୍ତ୍ତବ୍ୟ ରହିଛି ,ସରକାର ବରିଷ୍ଠ ନାଗରିକଙ୍କ ସୁବିଧାରେ ବଂଚିବା ଏବଂ ସେମାନଙ୍କ ଆତ୍ମ ସମ୍ମାନ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି ତଥାପି ଅନେକ ଦାବୀ ପୁରଣ କରିବାର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ନାଗରିକ ମାନେ ମତ ରଖିଥିଲେ । ଏହି ଅବସରରେ ୫୪ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ଆଇଆଇସି ଶ୍ରୀ ସ୍ୱାଇଁ ବଂଟନ କରିଥିଲେ । ଖେଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାର୍ଥୀ ମାନେ ହନୁମାନ ଚାଳିଶା ପାଠ ଏବଂ ସାମୁହିକ କଣ୍ଠ ସଂଗୀତ ଗାନ କରିଥିଲେ ।

# ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଘର କଲମଛାଡ଼ ଆନ୍ଦୋଳନ

ବାଲିଅନ୍ତା , (ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସୋରଣା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରିବା ପ୍ରତିବାଦରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଡାକରାରେ ଜିଲ୍ଲାର ବିଭିନ୍ନ ବ୍ଲକରେ କଲମଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ । ସଂଘର ରାଜ୍ୟ ସଭାପତି ସୁବାସ କର ଓ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ବାରିକଙ୍କ ନେତୃତ୍ୱରେ ଆଜି ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର, ବେଗୁନିଆ, ବୋଲଗଡ଼ ଆଦି ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ମାନେ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ସମ୍ପୃକ୍ତ ଅଧିକାରୀଙ୍କୁ ନ୍ୟାୟ ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ପ୍ରତ୍ୟାହାର ହେବନାହିଁ ବୋଲି ଚେତାବନୀ ଦେଇଛନ୍ତି ଅଧିକାରୀ ମାନେ । ପ୍ରକାଶଥାଉକି ଗତମାସ ୨୮ ତାରିଖରେ ସୋରଣା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରକାଶ କୁମାର ବେହେରାଙ୍କୁ ସେହି ପଞ୍ଚାୟତର ସରପଞ୍ଚ ଶେଷଦେବ ବେହେରା ଓ ତାଙ୍କ ସହଯୋଗୀ ଆକ୍ରମଣ କରିଥିଲେ । ଏନେଇ ଅଧିକାରୀ ଶ୍ରୀ ବେହେରା ଟାଙ୍ଗୀ ଥାନା ଅଧିକାରୀ , ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଥିଲେ ।ଅଧିକାରୀ ୩ ଦିନ ମଧ୍ୟରେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ କହିଥିଲେ ।ମାତ୍ର ଆଜି ପର୍ଯ୍ୟନ୍ତ ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏନେଇ ଅଧିକାରୀ ମାନେ ଧାରଣାରେ ବସିଥିଲେ ।ଆଗାମୀ ଦିନରେ ବରିଷ୍ଠ ଅଧିକାରୀ ମାନେ ଏହି ଘଟଣାକୁ ଦୃଷ୍ଟି ନ ଦିଅନ୍ତି ତେବେ ରାଜ୍ୟରେ ସମସ୍ତ ବ୍ଲକରେ କଲମଛାଡ଼ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କହିଛନ୍ତି।

# ୮୦ ଲିଟରର ମଦ ଜବତ, ୪ ଗିରଫ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ଗ୍ରାମରେ ଅବକାରୀ କର୍ମଚାରୀମାନେ ଚଢାଉ କରି ୮୦ ଲିଟର ଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାଯାଇଛି । ସଂପୃକ୍ତ ବ୍ୟକ୍ତି ମାନେ ହେଲେ ଖଣ୍ଡପଡା ମହିଳା ମହାବିଦ୍ୟାଳୟ ନିକଟସ୍ଥ ଶବରସାହିର ବସନ୍ତ ନାଏକ(୫୫)ଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ କଣ୍ଟିଲୋ ଅଂଚଳର ପବିତ୍ର ସେଠୀଙ୍କ ଠାରୁ ୨୪ ଲିଟର, ବେଣାଗାଡିଆ ଶବରସାହିର ମଧୁସୁଦନ ସାହୁ(୪୮)ଙ୍କ ଠାରୁ ୧୫ ଲିଟର ଓ ଖଳିସାହି ତେଲିସାହି ସନ୍ତୋଷ ବେହେରା(୫୫)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଏହିପରି ୮୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଖଣ୍ଡପଡ଼ା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ଠାରୁ ପ୍ରକାଶ। ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚଢାଉ ଅଭିଯାନରେ ଅବକାରୀ ଥାନା ପକ୍ଷରୁ ପ୍ରତ୍ୟୁଷ ରଂଜନ ଦେହୁରୀ, ମିତାରାଣୀ ନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# 'ପରକ୍ଷ' ରାଷ୍ଟ୍ରୀୟ ସର୍ବେକ୍ଷଣ ପରୀକ୍ଷା

ଫୁଲନଖରା, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଏନସିଇଆରଟି ଦ୍ୱାରା ପରିଚାଳିତ ବିଦାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ ନିମି ସମଗ୍ର ଦେଶରେ 'ପରକ୍ଷ ରାଷ୍ଟ୍ରୀୟ ସର୍ବେକ୍ଷଣ ପରୀକ୍ଷା-୨୦୨୪' ଅନୁଷ୍ଠିତ ହେଉଛି। ଏହି କ୍ରମରେ ବାରଙ୍ଗ ବ୍ଲକ ଉଷୁମା କ୍ଲଷ୍ଟର ଅ'ର୍ଗତ କୁରାଙ୍ଗଶାସନଠାରେ ଥିବା ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେ଼ମୀ ଏବଂ ଗଙ୍ଗେଶ୍ୱରସ୍ଥିତ ଶୁଦ୍ଧାନନ୍ଦ ବିଦାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ସ୍କୁଲ ପ୍ରଧାନ ପଣ୍ଡିତ ଘନଶାମ ମୁଦୁଲି ଓ ଶୁଦ୍ଧାନନ୍ଦ ବିଦାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣୟିନୀ ମହାପାତ୍ରଙ୍କ ତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷା ପିଲାମାନଙ୍କ ଶୈକ୍ଷିକ ଦକ୍ଷତା ସମ୍ପର୍କରେ ଅବଗତ ହୋଇ ତଦନୁଯାୟୀ ପରବର୍ତ୍ତୀ କାର୍ଯପନ୍ଥା ନିର୍ଦ୍ଧାରଣ କରିବା ରାଷ୍ଟ୍ରୀୟ ସର୍ବେକ୍ଷଣର ପ୍ରଧାନ ଲକ୍ଷ ବୋଲି ସିଆରସିସି ପ୍ରଦୀପକୁମାର ବାରିକ ସୂଚନା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ସମ୍ପୃକ୍ତ ବିଦାଳୟରେ କିଛି ଦିନ ହେଲା ପୂର୍ବ ପ୍ରସ୍ତୁତି ଚାଲିଥିଲା।

## ନିଆଁରେ ପୋଡ଼ି ମହିଳା ମୃତ

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ଥାନା ଅର୍ନ୍ତଗତ ସୋମଣା ଶାସନ ପଞ୍ଚାୟତ ପାଳସାହି ଗ୍ରାମରେ ଜଣେ ମହିଳା ନିଆଁରେ ପୋଡି ହୋଇ ମୃତ୍ୟୁ ବରଣ କରିଛନ୍ତି। ମୃତ ରାଜକିଶୋର ପାଳଙ୍କ ଝିଅ ରୋଜାଲିନ ସ୍ୱାଇଁ( ୩୫ ) ବୋଲି ଜଣା ପଡିଛି ।ଶନିବାର ଦିନ ସେ ରୋଷଇ କରୁଥିବା ବେଳେ ନିଆଁ ଲାଗିଥିବା କୁହାଯାଇଛି ।ତାଙ୍କ ଶରୀରର ୯୦ ପ୍ରତିଶତ ଜଳି ଯାଇଛି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ରୋଜାଲିନ ବିବହା କରିଥବବା ବେଳେ କୌଣସି କାରଣରୁ କିଛି ବର୍ଷ ହେଲା ସେ ବାପ ଘରେ ରହୁଥିଲେ ।

# ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଗଣିଆ,(ସବ୍ୟୁ) : ନୟାଗଡ ଜିଲ୍ଲା ଗଣିଆ ବ୍ଲକ ମା କଳାପାଟ ପୀଠ ପରିସରରେ ଗତ ୪ଦିନ ଧରି ଚାଲୁ ରହିଥିବା ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଓଢଣଷଷ୍ଠୀ ତିଥି ଅପରାହ୍ନରେ ପଞ୍ଚକୁଣ୍ଡିୟ ମହାଯଜ୍ଞ ପୂର୍ଣାହୂତୀ ସହ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ପଞ୍ଚ କୁଣ୍ଡୀୟ ମହାଯଜ୍ଞରେ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଘୃତାହୂତୀ ପୂର୍ବକ ପୂର୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। । ମହାଯଜ୍ଞ ସମୟରେ କାଉଟିଏ ଏହି ସ୍ଥାନରେ ଦେଖିବାକୁ ମିଳୁନଥିବା ବେଳେ ବାହାର ବୁଲା କୁକୁର ମଧ୍ୟ ଦେଖାଯାନ୍ତି ନାହିଁ । କେବେଳ ଏକ କଳା ଓ କସରା କୁକୁରଟିଏ ଏହି ମହାଯଜ୍ଞ ସମୟରେ ବୁଲୁଥିବା ଦେଖିବାକୁ ମିଳିଥାଏ ବୋଲି ଭକ୍ତ ଓ ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଥାଏ । ଏହି ଅବସରରେ ପ୍ରତ୍ୟୁଷରୁ ସୂର୍ଯ୍ୟନାରାୟଣ ପୂଜା, ଦ୍ୱାରପାଳ ପୂଜା, ଗୁରୁ ପୂଜା, ସାଧୁ ପୂଜନ କରାଯିବା ସହ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା । ବାବା ରାମଦାସଙ୍କ ସ୍ୱଲିଖିତ ମୟୁରଝଲକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ , ଆଗାମୀ ଦିନରେ ମଣିଭଦ୍ରା ପର୍ବତ ଶୀଖରେ ନୀଳ କଇଁ ପ୍ରସ୍ଫୁଟିତ ହେବା ସହ ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି । ସେହିପରି ମଣିଭଦ୍ରା ଠାରେ ପଞ୍ଚସଖାଙ୍କ ମିଳନ ,ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପନ ହେବ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜାଇଫୁଲମାଳିକାରେ ଉଲ୍ଲେଖ ରହିଅଛି । ଭଜନମଣ୍ଡପରେ ମହାଯଜ୍ଞରେ ଯୋଗଦେଇଥିବା ସାଧୁସନ୍ଥମାନଙ୍କୁ ନେଇ ମଧ୍ୟାହ୍ନରେ ସୁଧର୍ମା ସଭାର ଆୟୋଜନ କରାଯାଇଥିଲ । ସଭାସ୍ଥଳୀରେ ଉପସ୍ଥିତ ଶତାଧିକ ସାଧୁସନ୍ଥ, ଦିବ୍ୟାଙ୍ଗ, ଗରିବ ଓ ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ଲୁଗା , ଶୀତବସ୍ତ୍ର ସହ ଦକ୍ଷିଣା ପ୍ରଦାନ କରାଯାଇଥିଲା । ପରେ ସଭାସ୍ଥଳୀରୁ ବାବା ରାମଦାସଙ୍କର ପାଦୁକାକୁ ଭକ୍ତ ମସ୍ତକରେ ଧରି ଯଜ୍ଞମଣ୍ଡପକୁ ନେଇଯାଇଥିଲେ । ଏହା ପରେ ପଚଂକୁଣ୍ଡୀୟ ମହାଯଜ୍ଞର ପୂର୍ଣାହୂତି କାର୍ଯ୍ୟ ଆରମ୍ଭ ହୋଇଥିଲା । ମହାଯଜ୍ଞର ପୂର୍ଣାହୂତୀ କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥ ସାରଥୀ ମହାନ୍ତି, ଚଗଲି ବାବୁ, ମଟୁଂ ବାବୁ, ଧିରେନ୍ଦ୍ର ପାଣିଗ୍ରାହୀ, ଦେବ ସାମନ୍ତରା, ନିର୍ମଳ ପଟ୍ଟନାୟକ , ବାବଙ୍କ ପଟ୍ଟଶିଷ୍ୟ ଲଳିତ ନାରାୟଣ ଓ ଶୋଭନ ମହାକୁଡଙ୍କ ସମେତ ବହୁ ଶ୍ରଦ୍ଧାଳୁ ଆହୂତି ଅର୍ପଣ କରିଥିଲେ । ଏଠାରେ ଗତ ୪ଦିନ ଧରି ଅନୁଷ୍ଠିତ ହୋଇଥିବା ମହାଯଜ୍ଞରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କର ସମାଗମ ହେବା ସହ ବହୁ ଅସ୍ଥାୟୀ ଦୋକାନ ବଜାର, ଦୋକି ଖୋଲିଥିବା ଦେଖିବାକୁ ମିଳିଥିଲା । ସେହିପରି ଭୁବନେଶ୍ୱରସ୍ଥିତ ଓଁ ସତ୍ୟଶାନ୍ତି ସେବାଶ୍ରମ ମହାଯଜ୍ଞକୁ ପରିଚାଳନା କରୁଥିବା ବେଳେ ରାସଙ୍ଗ, ଛାମୁଣ୍ଡିଆ ପଞ୍ଚୟତର ବହୁ ଶ୍ରଦ୍ଧାଳୁଙ୍କ ସମେତ ମାଳତିପୁଟ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ସୂଚନା ଅଧିକାର କର୍ମଶାଳା



ନରସିଂହପୁର,(ସବ୍ୟୁ) : ଶନିବାର ନରସିଂହପୁର ପର୍ଯ୍ୟଟନ ବାଖ୍ୟାନ କେନ୍ଦ୍ର ନିକଟରେ ସୂଚନା ଅଧିକାର କର୍ମଶାଳା ଅନୁଷ୍ଠିତଯାଇଛି। ଏଥିରେ ଅନେକ ଆଇନିଯିବି, ସାମ୍ବାଦିକ, ଜନସାଧାରଣ ଉପସ୍ଥିତ ଥିଲେ।ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଏଥିରେ ଯୋଗଦେଇଥିଲେ।। ବ୍ଲକ ସୂଚନା ଅଧିକାର କର୍ମୀ ବିଷ୍ଣୁ ସେଠି ଙ୍କର ନେତୃତ୍ୱରେ କାର୍ଯ୍ୟକ୍ରମ ଶେଷ ହୋଇଛିଛ ୫୦ ରୁ ଉର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀ ଉପସ୍ଥିତ ଥିଲେ। ନରସିଂହପୁର ର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଏନଜିଓ ମାନେ କରୁଥିବା ଦୁର୍ନୀତି ନେଇ କିପରି ସୂଚନା ମିଳି ପାରିବ କିମ୍ବା ସୂଚନା ନଦେଲେ କିପରି କାର୍ଯ୍ୟାନୁଷ୍ଠାନ ନିଆଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଅଧିକାର କର୍ମୀ ପ୍ରତାପ ପିହାଣ, ଦୀପକ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଲୋକ ସାହିତ୍ୟରେ ରଜଦୋଳି ଗୀତ -୨

## ପ୍ରେମାନନ୍ଦ ପାଣିଗ୍ରାହୀ

ଆମ ଲୋକସାହିତ୍ୟରେ ରଜଦୋଳି ଗୀତକୁ କେତେ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି, ସେ ବିଷୟରେ ଆମେ ଗତ ସପ୍ତାହରେ ଏହିଠାରେ ଆଲୋଚନା କରିଥିଲେ । ଓଡ଼ିଆ ଜୀବନଚର୍ଯ୍ୟା ସହ ଲୋକଗୀତଗୁଡିକ କିପରି ଭାବରେ ଜଡିତ, ସେ ବିଷୟରେ ଅନେକ ଗୀତ ଉପରେ ଆଲୋକପାତ କରିଥିଲେ । କିଛି ଗୀତ ଗତ ସପ୍ତାହରେ ଏଠାରେ ଉପସ୍ଥାପନ କରାଯାଇଥିଲା । ସେହିକ୍ରମରେ-'ଶାଳ ଫୁଲ କେରି କେରି/ତୋତେ ନେଇଯିବି ଲୋ ମହନି କରି/ ମହନି କରି ଲୋ/ନଇ ବନ୍ଧ ଆରପାରି । ପୁଣି :- 'ଦୋଳି ଚାଲେ ସାଇଁ ସାଇଁ/ମଲ୍ଲୀଫୁଲ ଶେଯୁ ନେବି ଉଠାଇ/ନେବି ଉଠାଇ ଲୋ/ ଚମ୍ପାଫୁଲ ମନ୍ତୁରାଇ ।' ପୁଣି:- 'ଝାଣ୍ଟି ପିଟେ ଝାଇଁ ଝାଇଁ/ ତୁମ ଆମ ଭାବ ଯୁଗକୁ ଥିବ/ ଯୁଗକୁ ଥିବ ଲୋ/ ବଚନ ଭୁଲିବ ନାହିଁ ।'

ପରିବାରରେ ଭାଇର ସ୍ନେହ, ଶ୍ରଦ୍ଧା ଭଉଣୀକୁ ଗର୍ବିତ କରିଥାଏ । ଭାଇର ସମୃଦ୍ଧି ଦେଖିଲେ ଭଉଣୀ ଅଜସ୍ର ଆନନ୍ଦ ଲାଭ କରେ । ସାଙ୍ଗସାଥୀ ଗହଣରେ ଭାଇର ଗୌରବ ବର୍ଣ୍ଣନା କରି ସେ ଉଲ୍ଲସିତା ହୁଏ ।

ଦୋଳିରେ ବସି ଭଉଣୀ ତା ଭାଇ ଉଦ୍ଦେଶ୍ୟରେ ଗାଇଉଠେ :- 'ଦୋଳି ହୁଏ ରଟ ରଟ/ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ ସୁନା ମୁକୁଟ ଲୋ/ଦିଶୁଥାଏ ଝଟ ଝଟ ।' ପୁଣି :- 'ପଟା ଦୋଳି କେଁ କଲା/ମୋ ଭାଇ ମୁଣ୍ଡରେ କି ଫୁଲ ଥିଲା/ କି ଫୁଲ ଥିଲା ଲୋ/ ଦଶ ଦିଗ ମହକିଲା ।' ପୁଣି :- 'କଅଁଳା ବାଛୁରୀ କାନ/ ଶହେ ମଣିଷରେ ମୋ ଭାଇନା ଠିଆ/ଠିଆ ଲୋ/ ଦିଶନ୍ତି କୁଆଁରୀ ଜହ୍ନ ।' ପୁଣି :- 'ଦୋଳି ଚାଲେ ଧୀରେ ଧୀରେ/ଭାଇନାତ ମୋର ବାହା ହୋଇଯାଏ/ ବାହା ହୋଇଯାଏ ଲୋ/ ତେଲିଙ୍ଗି ବାଇଦ ସାରେ ।' ପୁଣି :-'ରଜଦୋଳି ଖେଳୁଥିଲି/ ଭାଇ ଡାକିଦେଲେ କନକ ବୋଲି/କନକ ବୋଲି ଲୋ/ ହାତ ଧୋଇ ଭାତ ଦେଲି ।'

ଦୋଳି ଖେଳରେ ତରୁଣୀମାନଙ୍କ ସହିତ ଯୋଗଦିଅନ୍ତି ନବବିବାହିତାମାନେ । ଦିଅର-ଭାଉଜର ସମ୍ପର୍କ, ନଣନ୍ଦ-ଭାଉଜର ସମ୍ପର୍କର ଦୃଶ୍ୟ ପରିଲକ୍ଷିତ ହୁଏ ଦୋଳିଗୀତରେ । ନୂଆଭାଉଜ ତାର ନଣନ୍ଦମାନଙ୍କ ସହ ମିଶି ଦୋଳି ଖେଳିବାବେଳେ ଦିଅରକୁ ଦେଖି ଥଟ୍ଟାରେ ଗାଏ :-'ଦୋଳି ଖେଳୁଥିଲି ବସି/ମଝିଆଁ ଦିଅର ଦେଲେ ତ ହସି/ଦେଲେ ତ ହସି ଲୋ/ଦୋଳିରୁ ପଡିଲି ଖସି ।'

ପୁଣି :- ' ନଈକି ମାରିଲି ଗିଲ ସଙ୍ଗାତୁଣୀ/ ନଈକି ମାରିଲି ଗିଲ/କି ରଙ୍ଗ ଦେଖାଉ ଦିଅର ଟୋକାରେ/ଭାଙ୍ଗିନାହିଁ ଦୁଧ ଗାଲ ।' ପୁଣି :- 'ଏ ଗୋଡ ଖସିଲା ସେ ଗୋଡ ଖସିଲା/ଟୋକା ଦିଅର ମୋ ଗମ୍ଭୀରି ଘରେ/ଗମ୍ଭୀରି ଘରେ ଲୋ/ ମୁରୁ ମୁରୁ ହସିଲା ।' ନୂଆ ଭାଉଜମାନଙ୍କୁ ଟାହି ଟାପରା କରି ନଣନ୍ଦମାନେ ଗାଇଥାନ୍ତି :- 'ଦୋଳି ପଟା କଟମଟ/ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ ସୁନା ମୁକୁଟ ଲୋ/ ଭାଉଜ ମନ ଉଚାଟ ।' ପୁଣି :- 'କଟମଟ ହୁଏ ଦୋଳି/ ଭାଉଜଙ୍କ ମନ ଯାଉଛି ଜଳି/ ଯାଉଛି ଜଳି ଲୋ/ଭାଇ ବିଦେଶୁ ନ ଅଇଲେ। ବୋଲି । ପୁଣି :- 'ଅଦିନ ମଲ୍ଲୀ ଫୁଟିଲା/ଭାଉଜକୁ ଦେଖି ଭାଇ ହସିଲା/ ଭାଇ ହସିଲା ଲୋ/ସପନ ପରି ଲାଗିଲା ।'

ଶ୍ୱଶୁର ଘରକୁ ଆସିଥିବା ନୂଆ ଭିଣୋଇକୁ ଦେଖି ଦୋଳି ଉପରେ ବସି ଶାଳୀ ଗୀତ ଗାଏ :- ' ଡେଇଁ ଡେଇଁ ଗଲା ବଣି/ନଦୀ ଆରପଟେ ଆସନ୍ତି ମୋ ଭାଇ/ଆସନ୍ତି ଭାଇ ଲୋ/ ଦିଶିଲାଣି କୁ କାନି ।'

ପୁଣି :- 'ଥାଳିଆରେ ମୁଗ ଜାଇ/କଳା ମୁଚୁ ମୁଚୁ ଭିଣୋଇ ଭାଇ/ଭିଣୋଇ ଭାଇ ଲୋ/ ଆସିଛି ପୁନେଇଁ ଖାଇ ।' ପୁଣି :- 'ଆଇଁସ ପାଛିଆ ତଳି/ ମୋ ନାନୀ କରିଛି ସରୁ ଚକୁଳି/ ସରୁ ଚକୁଳି ଲୋ/ଭିଣୋଇ ଦେଉଛି ଗିଳି ।' ଶାଶୁଘରକୁ ଯାଇଥିବା ଝିଅ ବାପଘରେ ରଜପାଳିବା ନିଆରା । ଶାଶୂଘରର ନୀତି ନିୟମ ଓ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଥିବା ବଧୂ ରଜମଉଜରେ ବାପଘରକୁ ଯିବାକୁ ମନ ବଳାଇଥାଏ ।

ପୁରୁଣା ସାଙ୍ଗମାନଙ୍କ ସହ ସାକ୍ଷାତର ସୁଯୋଗ ଖୋଜେ । ଭାବୋଚ୍ଛ୍ୱାସକୁ ପ୍ରକାଶ କରି ବାପା ଭାଇଙ୍କୁ ସ୍ମରଣ କରି ସେ ଗାଏ :- 'ରଜ ଏଇ ନାଗି ହେବ/ଆମ ଭାଇକି ପଠେଇ ଦେବ/ପଠେଇ ଦେବ ଗୋ/ରଜ ମାନି ନେଇଯିବ ।'

ପୁଣି :- 'ବାରମାସରେ ତ ତେର ପରବ/ ବାର ପରବକୁ ଛାଡିତ ଦେବ/ଛାଡିତ ଦେବ ଗୋ/ରଜ ପରବକୁ ମୋତେ ଆଣିବ ।' ପ୍ରବାସୀ ସ୍ୱାମୀଙ୍କ ପାଇଁ ଅପେକ୍ଷାରତା ଘରଣୀର ବିରହ ବେଦନା ପ୍ରସଙ୍ଗ ଅତି ମାର୍ମିକ । 'ଗୋଡରେ ଲେଖିଲି ହଂସ/ମୋତେ ଛାଡି ସ୍ୱାମୀ ଯିବେ ବିଦେଶ/ଯିବେ ବିଦେଶ ଗୋ/ସବୁ ହେବ ମୋର ବିଷ ।' ପୁଣି :- 'ଶୂନ୍ୟରେ ଉଡଇ ଶାରୀ/ଦୁଇ ଚାରିଦିନେ ଆସିବ ଫେରି/ଆସିବ ଫେରି ଗୋ/ ରହିଥିବୁ ଦେହ ଧରି ।' ରଜରେ ମସଲାଦିଆ ଖିଲିପାନର ମଉଜ ଅଲଗା ।

ରଜପାନରେ ପାଚିଲା ମିଠା ଗୋଟା ପାନରେ ସରୁ ଗୁଆ, ଭଜା ଧନିଆ, ପାନମଧୁରୀ, ଅଳେଇଚ, ଭଜାଗୁଆ, ଗୁଜୁରାତି, ଭଜା ନଡିଆ, ଚେରିଖଣ୍ଡ ପ୍ରଭୃତି ଚଉଷଠି ପ୍ରକାର ମସଲା ଦିଆଯାଇ ପାନ ଭଙ୍ଗାଯିବା ପରେ ଉପରେ ଗୋଟା ଲବଙ୍ଗ ମାରିଦିଆଯାଏ । ଏହାକୁ କୁମାରୀ ମାନେ ନିଜେ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ବାଣ୍ଟିଥାନ୍ତି । ପାନ ଖାଇବାରେ ରଜରେ କାହାକୁ ଆକଟ ନଥାଏ ।

ପାନ ଖାଇ ପାଟି ନାଲି କରି ରଜ ଦୋଳିରେ ବସି ଝିଅମାନେ ଗାଆନ୍ତି :- ନଈ ଆରପାରେ କେକେ ଯାଉଛ ଲୋ/ମୋ ଠାରୁ ଖବର ନିଅ/ ପାନ ବିଡି ବିଡି ଗୁଆ ବିଡି ବିଡି ବାପାଙ୍କ ଛାମୁରେ ଦିଅ/ବାପା ବସିଛନ୍ତି ଉଚ୍ଚ ପିଣ୍ଡାରେ ଲୋ/ଭଗାରୀ ବସିଛି ତଳେ/ପାନ ଖାଇ ପିକ ପକାଇ ଦେବେଲୋ/ପଡିବ ଭଗାରୀ ଶିରେ ।' ପୁଣି :- 'ନଈରେ ପୋତିଲି ଛୁରୀ/ ଛୁରୀ ଚାରିପାଖ ପାନମହୁରୀ/ପାନ ମହୁରୀ ଲୋ/ ବାପା ହେବେ ଚୌଧୁରୀ ।'

ଦୋଳି ଗୀତରେ କେବଳ ସୁଖର କଥା ନଥାଏ, ଥାଏ ନବବଧୂର ତେଲ ଲୁଣର ସଂସାର, ମନର ଭାବନା, ଅଭାବ, ଅନୁଭୂତି, ଶାଶୂଘର କଥା । ଶାଶୁଘରର ସମସ୍ତ କଷଣକୁ ସେ ବାପା ଭାଇଙ୍କୁ ମୁହଁ ଖୋଲି କହିନପାରିଲେ ବି ମନ ଭିତରେ ଗୁମୁରି ଉଠୁଥିବା କୋହ ଓ ବେଦନାକୁ ସହି ସାଙ୍ଗଙ୍କ ମେଳରେ ବଖାଣି ବସେ । ଗୀତ ମାଧ୍ୟମରେ ହୁଏ ତ ତାର ରୁଦ୍ଧ ଯନ୍ତ୍ରଣା କିଛି ପରିମାଣରେ ପ୍ରଶମିତ ହୁଏ ।

'ଢିଙ୍କିରେ କୁଟିଲି ଚଷୁ/ବଡଘର ବୋଲି ଦେଇଛ ନନା ହେ /ବଡ ଖନ୍ଦାଖାଇ ଶାଶୁ ।' ପୁଣି :- ' ଚଢେଇ ଚିରିଗୁଣୀ ପକ୍ଷୀ/ଆମେ ଦି ଭଉଣୀ ଜନମ ଦୁଃଖୀ ଲୋ/ନନା ନ ଆସିଲେ ଦେଖି ।' ପୁଣି :- ' ଢିଙ୍କିରେ କୁଟିଲି ଡାଳ/ତୋରାଣୀ କଂସାକେ ଲୁହ କଂସାଏ ଲୋ/ବୋଉ ଅଢେଇ ପହର ବେଳ ।' ପୁଣି :- 'ଦୋଳି ତଳ ଯାକ ପାଣି/ଶାଶୁ ଗାଳି ଦେଲେ ମରମ ହାଣି/ମରମ ହାଣିଲୋ/ ନଣନ୍ଦେଇ କାଳିକାଣ ।'

ପ୍ରାଚୀନ ଉତ୍କଳର ସାଧବ ପୁଅର ନୌବାଣିଜ୍ୟର ସମୃଦ୍ଧି ଦୋଳିଗୀତରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ଯଥା- 'ଦୋଳିରୁ ଖସିଲା ବତା/ବୋଇତରେ ଗଲେ ସାତ ଖୁଡୁତା/ଝିଆରି ଅମରମତା ।' ପୁଣି :- 'ଦୋଳିରୁ ଛିଡିଲା ଲଇ/ ବୋଇତରେ ଗଲେ ସପତ ଭାଇ/ସପତ ଭାଇ ଲୋ/ଜଣେ କାନ୍ଦେ ତଅପୋଇ ।'

ରଜ ଏକ ନିଆରା ପର୍ବ । ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ଉଗ୍ର ଆଧୁନିକତାର ପ୍ରଭାବରେ ତାର ସ୍ୱାତନ୍ତ୍ର୍ୟ ହରାଇ ବସିବାପରି ରଜ ଦୋଳି କ୍ରମଶଃ ଉଭେଇ ଗଲାଣି । ତା' ସାଙ୍ଗକୁ ଓଡ଼ିଆ ଚଳଣୀର ଛବି ରଜ ଗୀତ ଜନମାନସରୁ ଲିଭି ଗଲାଣି । ଆଧୁନିକତାର ଛାପ ଯୁବସମାଜକୁ ଗ୍ରାସ କରି ରଜପର୍ବକୁ ଫିକା କରିପକାଇଛି ତା' ସହିତ ଲୋପ ପାଇଯାଉଛି ଆମ ପ୍ରାଚୀନ ସଂସ୍କୃତି, ଭାବନା ଓ ଲୋକ ସାହିତ୍ୟ ।

ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

# ଓଡ଼ିଆ ନାଟକର ଆଦିସ୍ରଷ୍ଟା

## ଭାବଗ୍ରାହୀ ରାଉତ

ଓଡ଼ିଆ ନାଟ୍ୟ ଜଗତରେ ପ୍ରଥମ ଓଡ଼ିଆ ନାଟକର ଆଦିସ୍ରଷ୍ଟା ଭାବରେ ଜଗନ୍ମୋହନ ଲାଲ୍ ସୁପରଚିତ । ଏହି ପ୍ରବାଦପୁରୁଷ ପାଶ୍ଚାତ୍ୟ ଶିକ୍ଷାରେ ଦୀକ୍ଷିତ ହୋଇ ତାଙ୍କର ପ୍ରତ୍ୟେକ ସୃଷ୍ଟି ମଧ୍ୟରେ ଭବିଷ୍ୟତର ବାର୍ତ୍ତା ଓ ସତ୍ୟ ପ୍ରକଟିତ କରି ନିଜର ସ୍ୱତନ୍ତ୍ରତା ବଜାୟ ରଖି ବହୁମୁଖୀ ପ୍ରତିଭାର ପରିଚୟ ଦେଇଛନ୍ତି ।

ଆଉ ମଧ୍ୟ ନବଜାଗରଣର ବାର୍ତ୍ତା ଭାବେ ନୂତନ ଓଡ଼ିଶା ଗଠନ, ଓଡ଼ିଆ ଜାତି, ଭାଷା, ସାହତ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ବିକାଶରେ ତାଙ୍କ ଅବଦାନ ଥିଲା ଅତୁଳନୀୟ । ତତ୍କାଳୀନ ସମାଜରେ ପ୍ରଚଳିତ ଅଜ୍ଞତା ଓ ଅନ୍ଧବିଶ୍ୱାସ ବିରୋଧରେ ଆଜୀବନ ଅବିରତ ସଂଗ୍ରାମ କରି ଜନଜୀବନକୁ ପ୍ରଭାବିତ କରିବାରେ ସେ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱ । ତାଙ୍କର ସାହିତ୍ୟ ସୃଷ୍ଟିଗୁଡ଼ିକ ସାମାଜିକ ପରିବର୍ତ୍ତନର ବାର୍ତ୍ତା ବହନ କରୁଥିଲା । କେବଳ ନାଟ୍ୟକାର ନ ଥିଲେ, ମଞ୍ଚ ପ୍ରତିଷ୍ଠାରେ ସେ ମଧ୍ୟ ଥିଲେ ଓଡ଼ିଶାର ପ୍ରଥମ । ୧୮୭୫ରେ ପ୍ରତିଷ୍ଠା କଲେ ନିଜ ଗ୍ରାମରେ ନିଜର କୁଳଦେବତା ରାଧାକାନ୍ତଙ୍କ ନାମରେ ଓଡ଼ିଶାର ପ୍ରଥମ ରଙ୍ଗମଞ୍ଚ 'ରାଧାକାନ୍ତ ରଙ୍ଗମଞ୍ଚ'। ତେଣୁ ସେ ଥିଲେ ଏକାଧାରାରେ ନାଟ୍ୟକାର, ଅଭିନେତା, ମଞ୍ଚନିର୍ମାତା, ନିର୍ଦ୍ଦେଶକ, କବି, ଅନୁବାଦକ, ଐତିହାସିକ, ଜନପ୍ରତିନିଧି ଓ ସମାଜ ସଂସ୍କାରକ ।

ସେ ଜଣେ ଚେତନାଧର୍ମୀ, ସଂସ୍କାରବାଦୀ ସାରସ୍ୱତ ସ୍ରଷ୍ଟା ହୋଇଥିବାରୁ ତାଙ୍କ ରଚିତ ନାଟକରେ ତତ୍କାଳୀନ ସମାଜର ଚିତ୍ର ଦେଖିବାକୁ ମିଳେ । ତାଙ୍କର ସୃଷ୍ଟି ସମ୍ଭାରଗୁଡ଼ିକ ହେଲା- (୧) ଭ୍ରମ ଭଞ୍ଜନ (୧୮୬୮) (୨) ଓଡ଼ିଶା ବିଜୟ (୧୮୭୬) (୩) ବାବାଜୀ (୧୮୭୭) (୪) ସତୀ (୧୮୮୭) (୫) ପ୍ରୀତି (ପ୍ରହସନ), (୬) ବୃଦ୍ଧବିବାହ (ଅପ୍ରକାଶିତ) ।

ଉପରୋକ୍ତସାହିତ୍ୟ କୃତିଗୁଡ଼ିକର ଅନ୍ତଃସ୍ୱର ହେଉଛି ସାମାଜିକ ପରିବର୍ତ୍ତନ ।

୧୮୭୭ ମସିହାରେ ଓଡ଼ିଆ ସାହିତ୍ୟର ପ୍ରଥମ ସାମାଜିକ ନାଟକ 'ବାବାଜୀ' ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାକାନ୍ତ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ତତ୍କାଳୀନ ସାମାଜିକ ସ୍ଥିତିକୁ ଲକ୍ଷ୍ୟକରି ରଚନା କରିଥିଲେ ସତୀ, ପ୍ରୀତି ଓ ବୃଦ୍ଧ ବିବାହ । ବାବାଜୀ ନାଟକ ସମାଜର କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଥିଲାବେଳେ ସତୀ ତତ୍କାଳୀନ ସମାଜରେ ଶାସକ ଗୋଷ୍ଠୀଙ୍କ ଅନ୍ୟାୟ, ଅନୀତି ଓ ବ୍ୟଭିଚାର ବିରୁଦ୍ଧରେ, କିନ୍ତୁ ପ୍ରୀତି ନାଟକରେ ସାମାଜିକ ବୈଷମ୍ୟ ସତ୍ତ୍ୱେ ପ୍ରେମକୁ ଉଚ୍ଚ ଆସନ ଦେଇଛନ୍ତି ।

ଇଂରାଜୀ କବି ଥୋମାସ୍ ଫର୍ଣ୍ଣେଲ୍‌ଙ୍କ (୧୬୭୬-୧୭୨୮) ଏକ ଦୀର୍ଘ ଇଂରାଜୀ କବିତା ଦି ହର୍‌ମିଟ୍ କାବ୍ୟର ଭାବ ଅବଲମ୍ବନରେ ଓଡ଼ିଆ ଅନୁବାଦ ଥିଲା ଭ୍ରମଭଞ୍ଜନ । ଏହା ଛନ୍ଦ, ରାଗରାଗିଣୀ, ପଦସଂଯୋଜନା ସର୍ବୋପରି ଘଞ୍ଚ ଜଙ୍ଗଲ ମଧ୍ୟରେ ଜଣେ ଶୁକ୍ଳକେଶୀ ବୃଦ୍ଧ ସନ୍ୟାସୀଙ୍କ ଉପରେ ପର୍ଯ୍ୟବେଶିତ ।

ସେହି ସମୟରେ ଓଡ଼ିଆରେ ଓଡ଼ିଶାର ଇତିହାସ ରଚନା ହୋଇପାରି ନଥିଲା । ଏହାକୁ ଉପଲବ୍‌ଧି କରି ଜଗନ୍ମୋହନ ପ୍ରଖ୍ୟାତ୍ ଐତିହାସିକ ଟୟନବିଙ୍କ ଓଡ଼ିଶା ଇତିହାସ ଅବଲମ୍ବନରେ ରଚନା କଲେ ଓଡ଼ିଶା ବିଜୟ ନାମରେ ଓଡ଼ିଶାର ଇତିହାସ । ଏ ସମ୍ପର୍କରେ ଆଲୋଚକ ଡକ୍ଟର ହରିହର ପଣ୍ଡା କହନ୍ତି ଜଗନ୍ମୋହନ ଲାଲଙ୍କ ଓଡ଼ିଶା ବିଜୟ ବାସ୍ତବିକ୍ ଏକ ମାଇଲ୍ ଖୁଣ୍ଟି । ସାରସ୍ୱତ ସାଧନାରେ ସେ ନିଜକୁ ସୀମିତ ନରଖି ସମାଜସେବା ଓ ସଂସ୍କାରକ ଭାବରେ ଜୀବନକୁ ଉତ୍ସର୍ଗ କରିଥିଲେ । ସାମାଜିକ ପରିବର୍ତ୍ତନରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ଓ ପରିବେଶର ଉନ୍ନତି ପାଇଁ ସତତ୍ ଚେଷ୍ଟାକରି ଲୋକମାନଙ୍କ ନିକଟରେ ଆଦରଣୀୟ ହୋଇପାରିଥିଲେ । ଯାହାର ଫଳସ୍ୱରୂପ କଟକ ମୁନିସିପାଲିଟ୍‌ର କମିଶନର ଭାବେ ନିର୍ବାଚିତ ହୋଇଥିଲେ ।

ସମାଜର ସମସ୍ତ ବିରୋଧ ସତ୍ତ୍ୱେ ନିଜର ବିଧବା କନ୍ୟା ଲାବଣ୍ୟକୁ ପୁନଃ ବିବାହ ଦେଇ ଇତିହାସରେ ଏକ ସମାଜ ସଂସ୍କାରକ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସମାଜର ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପ୍ରଥିତଯଶା ପ୍ରତିଭାଧରଙ୍କ ଆବିର୍ଭାବ ହୁଏ ୧୮୩୮ ମସିହା ନଭେମ୍ବର ମାସ ୨୫ତାରିଖରେ ପ୍ରଖ୍ୟାତ୍ ଲାଲ୍ ପରିବାରରେ ନବମ ବଂଶଧରଭାବରେ କଟକ ଜିଲ୍ଲା ମାହାଙ୍ଗା ଥାନା ନିକଟସ୍ଥ ପଦନଦାସପୁରରେ ।

ଆଜିର ସମାଜ ତାଙ୍କର ମୃତ୍ୟୁପରେ ବିଗତ ଦିନର ସୃଷ୍ଟି ସମ୍ଭାରଗୁଡ଼ିକୁ ପ୍ରଶଂସା କରିବା ସହ ପ୍ରତିଭାକୁ ସମ୍ମାନ ଜଣାଉଅଛି । ଆଧୁନିକ ଓଡ଼ିଆ ନାଟକର ଆଦ୍ୟ ପ୍ରବର୍ତ୍ତକ ଜଗନ୍ମୋହନ ଲାଲ ଓଡ଼ିଆ ଜାତିର ହୃଦୟରେ ଅମୂଲ୍ୟ ସମ୍ପଦ ରୂପେ ସାଇତା ହୋଇ ରହିଥିବେ ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବଞ୍ଚିରହିଥିବ ।

ମୋ-୯୬୬୮୦୭୬୦୨୪

# ଜଣେ ବାପାଙ୍କ ଶେଷ ଇଚ୍ଛା

## ସୁଦର୍ଶନ ମହାପାତ୍ର

ଗଳ୍ପ

ବୃଦ୍ଧାଶ୍ରମରୁ ହଠାତ୍ ଫୋନ୍ କଲ ପାଇ ପ୍ରଥମେ ଘାବିରେଇ ଗଲେ ମୁକେଶ ବାବୁ । ବାପାଙ୍କୁ ସେଠି ରହିବାର ଏତେ ବର୍ଷ ଭିତରେ ତାଙ୍କ ପାଖକୁ ଫୋନ୍ ଆସିବା ଏଇ ପ୍ରଥମ । ହଁ, ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ବାପା ନିଜେ ହିଁ ଫୋନ୍ କରିଥାନ୍ତି ପ୍ରତିବର୍ଷ ।

ବୃଦ୍ଧାଶ୍ରମରେ ବାପାଙ୍କୁ ରଖିବାର ଢେର ଦିନ ହୋଇ ଗଲାଣି । ଏମିତି କିନ୍ତୁ ମଝିରେ ମଝିରେ ଯାଇଁ ମୁକେଶ ବାବୁ ବାପାଙ୍କୁ ଦେଖି ଆସନ୍ତି ।

ଭଲମନ୍ଦ କଥା ବୁଝି ଆସନ୍ତି । ଶ୍ୱଶୁରଙ୍କ ପାଇଁ ଏ ବୃଦ୍ଧାଶ୍ରମ ବୋହୂ ନୀତା ଆସି ଠିକ୍ କରିଯିବା ପରେ ଆଉ କେବେ ଆସି ତାଙ୍କୁ ଦେଖା ନ କରିଲେ ବି ନିଜର ବ୍ୟସ୍ତ କାର୍ଯ୍ୟକ୍ରମରୁ ସମୟ ବାହାର କରି ପ୍ରତିମାସରେ ପଇସା ପୈଠ କରିଦେବାକୁ ଭୁଲନ୍ତି ନାହିଁ । ସେତିକି ଦାୟିତ୍ୱ ତୁଲାଇବାକୁ ସେ ନିଜ ଆଡୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ।

ପ୍ରତିଥର ଭେଟ ବେଳେ ଅସୁବିଧା କିଛି ଅଛି କି ? କ'ଣ ଦରକାର? ବୋଲି ବାପାଙ୍କୁ ପଚାରି ବୁଝି ପୁତ୍ରର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି ମୁକେଶ ବାବୁ ।

- ଆପଣଙ୍କ ବାପାଙ୍କ ଅବସ୍ଥା କ୍ରମଶଃ ଖରାପ ଆଡକୁ ଯାଉଛି । ସେ ଆପଣଙ୍କୁ କ'ଣ କହିବାକୁ ଚାହୁଁଛନ୍ତି । ଏମିତି ଏକ ଖବର ବୃଦ୍ଧାଶ୍ରମର ପରିଚାଳକଙ୍କ ଠାରୁ ପାଇ ମୁକେଶ ବାବୁ ତୁରନ୍ତ ସେଠି ପହଞ୍ଚିଲେ ।

ବାପା ଶଯ୍ୟାଶାୟୀ । ନିମୀଳିତ ଦୁଇ ଆଖି । 'ବାପା' ଶବ୍ଦ ଉଚ୍ଚାରଣରେ ଆଖି ଖୋଲିଲେ ବୃଦ୍ଧ ।

- କ'ଣ କହିବାକୁ ଚାହୁଁଛନ୍ତି ? କ'ଣ ଅସୁବିଧା ହେଉଛି?

- ଏଇ ବୃଦ୍ଧାଶ୍ରମରେ ପାରିବୁ ତ କେତୋଟି ଫ୍ୟାନ ଲଗେଇ ଦେବୁ । ଏଇଠି ଅତିଶୟ ଗରମ ଯୋଗୁଁ ମୁଁ ଠିକ୍ କରି ଶୋଇ ପାରୁନଥିଲି । ଆଉ ଗୋଟିଏ ଜଳ ବିଶୋଧନ ଯନ୍ତ୍ର ଲଗାଇ ଦେଲେ ଭଲ ହେବ ।

ଖରାପ ପାଣି ପିଇ ମୋ ପେଟ ବାରମ୍ବାର ଖରାପ ହେବାରୁ ପ୍ରାୟ ସମୟ ମୁଁ ଯନ୍ତ୍ରଣା ଭୋଗୁଥିଲି । ଖାଲି ମୁଁ ନୁହେଁ, ପ୍ରାୟ ଅନ୍ତେବାସୀ ମୋ ଭଳି କଷ୍ଟ ଭୋଗୁଛନ୍ତି ।

ବାପାଙ୍କ କଥାରେ ପୁଅ ହତଚକିତ ହୋଇଗଲା ।

- ହେଲେ ଏଠି ଏତେ ସବୁ ଅସୁବିଧା କଥା ଆଗରୁ କାହିଁକି କହୁ ନ ଥିଲ ବାପା ? ମୁଁ ତ ସବୁଥର ପଚାରେ ତୁମକୁ ସୁବିଧା ଅସୁବିଧା ବିଷୟରେ ।

- ବୃଦ୍ଧାଶ୍ରମରେ ଯେଉଁମାନେ ରହନ୍ତି, ସେମାନେ ନିଜ ଘରର ସୁବିଧା ଖୋଜିବା ନିର୍ବୋଧତା ଛଡ଼ା ଆଉ କ'ଣ ହୋଇପାରେ ? ମୁଁ ତ ସବୁତକ କଷ୍ଟ ସହିବାକୁ ବାଧ ହୋଇଛି ।

କିନ୍ତୁ ମୁଁ ଚାହୁଁ ନାହିଁ ମୋ ଅନ୍ତେ ତୋ ପୁଅ ଯେତେବେଳେ ତୋତେ ଏଇଠି ଆଣି ରଖିବ, ତୁ ମୋ ଭଳି କଷ୍ଟ ସହ ବୋଲି । ସେଇଥିପାଇଁ ମୁଁ ଚିନ୍ତିତ ଏବଂ ମୋର ଶେଷ ଇଚ୍ଛା ପୂରଣ କରାଇବାକୁ ତୋତେ ଡକାଇଛି ।

ବୃଦ୍ଧଙ୍କର ଆଖି ପୂର୍ବବତ୍ ନିମୀଳିତ ହୋଇ ଆସିଲା ବେଳକୁ ମୁକେଶ ବାବୁ ଅସହାୟ ହୋଇ ପଡୁଥିଲେ । ତାଙ୍କ ଆଖି ଧୀରେ ଧୀରେ ଲୋତକାପ୍ଲୁତ ହୋଇଉଠୁଥିଲା...।

କୁଞ୍ଜବିହାରୀ ଲେନ,କଟକ
ମୋ-୯୪୩୮୧୭୫୫୪୨

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# କବିତା



## ଆସ ଅଭୟ ଦାୟିନୀ...

### ରାମଚନ୍ଦ୍ର ବେହେରା

ପୁଣ୍ୟ ମାର୍ଗଶିର ମାଣବସା ଅଛି
ମା'ଗୋ କମଳ ଲୋଚନୀ
ଝୋଟି ଚିତା ପରେ ପାଦ ଥାପି ଥାପି
ଆସ ଅଭୟ ଦାୟିନୀ ।
ତୁମ ସ୍ନେହ ବୋଳା ପଦୁଅଁ ଫୁଲର
ଝୋଟି ଆଙ୍କିଛି ଶ୍ରଦ୍ଧାରେ
ସ୍ୱଚ୍ଛତା ପରଖି ଆସ ମୋର ପୁରେ
ଡାକୁଛି ମୁହିଁ ଆତୁରେ ।
ନୂଆ ବେତ ମାଣ ଶୁକ୍ଳ ଧାନବେଣୀ
ଶ୍ରଦ୍ଧାରେ ଆଣିଛି ମୁହିଁ
ଚନ୍ଦନ ସିନ୍ଦୂର ପାଟ କପଡାରେ
ତୁମକୁ ଦେବି ସଜେଇ ।
ଗୁଆ ଓ କଦଳୀ ଆଖୁ ମୂଳା ଆଦି
ରଖିବି ତୁମରି ପାଶେ
ଗେଣ୍ଡୁ ପଦୁଅଁର ମାଳ ପିନ୍ଧାଇବି
ଚମକିବ ବଧୂ ବେଶେ ।
ସମର୍ପଣ ଭାବ ହୃଦୟରେ ଭରି
ଆଶାର ପ୍ରଦୀପ ଜାଳି
ସୁଖ ଶାନ୍ତି ପାଇଁ ପୂଜିବି ତୁମକୁ
ବିନମ୍ର ପ୍ରଣତି ଢାଳି ।
ମଣ୍ଡା ପିଠା ଖିରି ଭୋଗ ଲଗାଇ ମୁଁ
କରିବି ତୁମ ଆଳତୀ
ଧୂପ ନୈବେଦ୍ୟରେ ବନ୍ଦନା କରିବି
ମାନି ତୁମ ପୂଜା ରୀତି ।
ମଧ୍ୟାହ୍ନ ବିଧିର ଅନ୍ତ ହେଲା ପରେ
ଗାଇବି ତୁମ ପୁରାଣ
ଶଙ୍ଖ ହୁଳହୁଳି ଉଚ୍ଛୁଳି ପଡିବ
ଭକ୍ତିରେ ଭରିବ ପ୍ରାଣ ।
ତୁମ ପାଦ ସ୍ପର୍ଶେ ହସୁ ମୋ କୁଟୀର
ଏତିକି ବିନତୀ ମୋର
ଧନ ଐଶ୍ୱର୍ଯ୍ୟର ଲୋଡାନାହିଁ ମାତ
ଦିଅ ଉତ୍ତମ ବିଚାର ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଏଇ ମଗୁଶିର ...

### ମହେନ୍ଦ୍ର କୁମାର ଘଡ଼େଇ

କଥା ଥିଲା ଆମ ଏଇ ମଗୁଶିର
ବଜାଇବ ଶାହାନାଇ
ସବାରୀ ଉଠାଇ ମୋ' ଘର ଦୁଆର
ଏରୁଣ୍ଡି ଦେବ ସେ ଡେଇଁ ।
କାମନା ନଈର ଭରା ଜୁଆରକୁ
ପ୍ରଶମିତ ଶୀତ ଛୁଆଁ
ନୂଆ ନୀଡ଼ ତଳେ ନୂଆ ଠିକଣାର
ପ୍ରୀତି ଫୁଲ ଦିଆନିଆ ।
ସ୍ୱପ୍ନସମ୍ଭବା ସେ ଫୁଲର ରେଣୁରେ
ଖୁସିର ଖବର ଦେଇ
କଥା ଥିଲା ଆମ ...।।
ବହଳ ଶିଶିର ତାରକସି ଫୁଲେ
ଫୁଟାଇଲା ଅଶ୍ରୁ ଧରି
କଥା ଫରୁଆଟି ସ୍ମୃତି ପାଲଟିଲା
ବେଦନାକୁ ସାଥୀ କରି
କାଳ ଗରଭରେ ସାଇତା ସୁହାଗ
ଶୂନ୍ୟବାସୀ ହେଲା କାହିଁ ।
କଥା ଥିଲା ଆମ ...।।

କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା,ପିଠାପଡ଼ା,
ନିଶ୍ଚିନ୍ତକୋଇଲି, କଟକ,
ମୋ- ୯୪୩୭୭୪୦୫୬୬

## ମାଣବସା ଗୁରୁବାର

### ନଳିନୀ ଦାଶ

ମାର୍ଗଶୀର ମାସ ହେଲା ପରବେଶ
ମାଣବସା ଗୁରୁବାର
ହସି ଉଠିଲାଣି ଗାଆଁଠୁ ସହର
ପୂଜାହୁଏ ଲକ୍ଷ୍ମୀଙ୍କର ।
ପ୍ରତିଘରେ ହୁଏ ମାଆଙ୍କର ପୂଜା
ଶୁଦ୍ଧଚିତ୍ତେ ଓଡ଼ିଆଣୀ
ଘର ଦୁଆରକୁ ଗୋବରରେ ଲିପି
ମାଆଙ୍କୁ କରେ ବରଣୀ ।
ଅଁଳା ହଳଦୀକୁ ଲଗାଇ ନାରୀଏ
ଅନ୍ଧାରୁ ଗାଧୁଆ ସାରି
ଶୁକ୍ଳବସ୍ତ୍ର ପିନ୍ଧି ମାଣକୁ ବସାନ୍ତି
ମନରେ ଆନନ୍ଦ ଭରି ।
ଖଟୁଳି ଉପରେ ଝୋଟି ଚିତା ଦେଇ
ଲକ୍ଷ୍ମୀ ମାଆଙ୍କୁ ବସାଇ
ଧାନ ମେଣ୍ଟି ଥୋଇ ମାଣକୁ ଭରଇ
ବିବିଧ ଫୁଲେ ସଜେଇ ।
କଣ୍ଟେଇ ଅଁଳା ଓ ଡାଳ ମୂଳା ଆଖୁ
ଗେଣ୍ଡୁଫୁଲ ମାଳ ଦେଇ
ଧୂପ ଦୀପ ଝୁଣା ଅଗୁର ବାସରେ
ଘର ମହକି ଉଠଇ ।
ହାତେ ନାନା ଦ୍ରବ୍ୟ ରାନ୍ଧି ପୂଜିଥାନ୍ତି
ଚକୁଳି ଚିତୋଉ ଖିରି
ଆରିସା କାକରା ମଣ୍ଡା ଅଟକାଳି
ବାସନାରେ ଯାଏ ଭରି ।
ଗୁରୁବାର ଦିନ ଘର କମ୍ପେ ଶଙ୍ଖ
ହୁଳହୁଳି ଶବଦରେ
ଭକତି ଚିତ୍ତରେ ପୂଜିଲେ ମାଆଙ୍କୁ
ଆସିଥାନ୍ତି ପ୍ରତି ପୂରେ ।
ସୋରିଷ ଫୁଲରେ ମାଆର ସରାଗ
ପାଟ ଓଢଣୀକୁ ଟାଣି
ପୂର୍ଣ୍ଣକୁମ୍ଭ ଥୋଇ କଦଳୀ ପତ୍ରରେ
ଭୋଗ ବାଢ଼ନ୍ତି ଗୃହିଣୀ ।
ଲକ୍ଷ୍ମୀ ପୁରାଣକୁ ପଢନ୍ତି ଘରର
ମଙ୍ଗଳ କାମନା କରି
ଲକ୍ଷ୍ମୀ ଠାକୁରାଣୀ ସନ୍ତୁଷ୍ଟ ହୁଅନ୍ତି
ଭରେ ଶାନ୍ତି ସୁଖ ଶିରୀ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

## ଓଟିପି

### ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜିକାଲି
ପ୍ରତ୍ୟକ ଟ୍ରାଞ୍ଜେକସନ୍‌ରେ
ଓଟିପି ଦରକାର ।
ତାକୁ ଠିକ୍ ରୂପେ
ଉପଯୋଗ କରିପାରିଲେ
ସବୁକିଛି ସ୍ୱାଭାବିକ୍ ।
କୁହାଯାଇଅଛି
କେବେ କାହାକୁ
ଓଟିପି ନମ୍ବର
କହିବ ନାହିଁ ।
ଏହା ବି ସତ !
ତେବେ...
ଆମ ଜୀବନରେ ବି
କେବେ କେବେ
ଓଟିପି ଆସିଯାଏ
ଅର୍ଥାତ୍
ନିଜ ସ୍ୱାଭିମାନର
ଅଧିକାର ହେତୁ
ସ୍ୱୟଂ ନିର୍ଣ୍ଣୟ ନେବେ ତ
ଜୀବନ ସୁରକ୍ଷିତ
ଯଦି ଏହି ବିକଳ୍ପ
ଅନ୍ୟ କାହାକୁ ଦେଇଦେବେ
ତାହେଲେ ହୁଏତ
ଜୀବନ ମାତ୍ର
କାଠକଣ୍ଢେଇ
ହୋଇ ରହିଯାଏ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ...

ନିର୍ମାଣ ଓ ନବୀକରଣ ପ୍ରସ୍ତାବକୁ ସରକାର ଅନୁମୋଦନ କରିଥିଲେ । ଡାକ୍ତରଖାନା କୋଠା ନିର୍ମାଣରେ ମନ୍ଥର ଗତି ହେତୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବୃଦ୍ଧି ଏବଂ ଉନ୍ନତି ବିଳମ୍ବିତ ହୋଇଥିଲା । ୨ରୁ ୫ ବର୍ଷ ମଧ୍ୟରେ ଅନୁମୋଦିତ ପ୍ରକଳ୍ପ ୧୬୫.୯୫ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବି ସମ୍ପୂର୍ଣ୍ଣ ହୋଇପାରିନଥିଲା । ଡାକ୍ତରଖାନା କର୍ମଚାରୀଙ୍କ ରହିବା ଲାଗି ଥିବା ଘର ଆଦୌ ଯଥେଷ୍ଟ ନଥିଲା । ଯାହା ସେମାନଙ୍କୁ ଡାକ୍ତରଖାନା ବାହାରେ ରହିବାକୁ ବାଧ୍ୟ କରୁଥିଲା । ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଅନୁଯାୟୀ ୯୧, ୩୯୨ ଡାକ୍ତରଖାନା ଶର୍ଯ୍ୟା ଆବଶ୍ୟକତା ଥିବା ବେଳେ ରାଜ୍ୟରେ କେବଳ ୭୨,୭୬୭ ଶର୍ଯ୍ୟା ଥିଲା । ଯାହା ହସ୍ପିଟାଲ କାର୍ଯ୍ୟକୁ ଗୁରୁତର ପ୍ରଭାବିତ କରିଥିଲା । ଡାକ୍ତରଙ୍କ କ୍ୟାରଡରେ ଖାଲିଥିବା ପଦବୀ ୪୦% ଡିଏଚ୍ଏସ୍‌ରେ ଥିବା ବେଳେ ସିଏଚ୍‌ସିରେ ୫୮% ଥିଲା । ଗ୍ରାମାଞ୍ଚଳରେ ଥିବା ପିଏଚ୍‌ସି ଗୁଡିକରେ ୨୮% ଏମ୍‌ବିବିଏସ୍ ଡାକ୍ତରଙ୍କ ଅଭାବ ଥିଲା । ମଞ୍ଜୁରୀ ପ୍ରାପ୍ତ ପଦବୀର ୫୮% ଥିବା ହେତୁ ସିଏଚ୍‌ସି ଗୁଡିକରେ ବିଶେଷଜ୍ଞ ଉପଲବ୍ଧ ମଧ୍ୟ ଅଭାବ ଦେଖିବାକୁ ମିଳିଥିଲା । ବିଶେଷଜ୍ଞ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ରୋଗୀମାନଙ୍କୁ ଓପିଡି ସେବା ଯୋଗାଇବାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ପର୍ଯ୍ୟାପ୍ତ ନଥିଲା । ସେହିଭଳି ଓପିଡି ରୋଗୀଙ୍କ ବସିବା ଓ ଶୌଚାଳୟ ଗୁଡିକ ମୌଳିକ ପର୍ଯ୍ୟାପ୍ତ ନଥିଲା । ବିଏଚ୍ଏସ୍ ଓ ଏନ୍‌ସିଏଚ୍ ଗୁଡିକରେ ଆଇପିଡି ୱାର୍ଡରେ କେନ୍ଦ୍ରୀୟ ଅମ୍ଳଜାନ ଯୋଗାଣ ଅଭାବ ଥିଲା । ଜରୁରୀକାଳୀନ ସେବାରେ ଏକ ଗୁରୁତର ଅଭାବ ରହିଥିଲା । ୭ଟି ପରୀକ୍ଷାର ଯାଞ୍ଚ ବିଏଚ୍ଏସ୍ ମଧ୍ୟରୁ କୌଣସି ଟିରେ ମୋବାଇଲ ଏକ୍ସରେ / ଲାବ୍ରୋଟୋରୀ ସେବା, ଓଟି ସୁବିଧା ଜରୁରୀକାଳୀନ ଶର୍ଯ୍ୟା ଏବଂ ପୃଥକ ମାନବ ସମ୍ବଳ ସହିତ ଜରୁରୀକାଳୀନ ସେବା ଉପଲବ୍ଧି ନଥିଲା । ସିଏଚ୍‌ସି ଗୁଡିକରେ ରକ୍ତ ସଂରକ୍ଷଣ ୟୁନିଟ୍ ଗୁଡିକ ଅଭାବ ରହିଥିଲା । ସେହିଭଳି ଜାତୀୟ ହାର ୨୪.୯ ତୁଳନାରେ ରାଜ୍ୟର ନବଜାତକଙ୍କ ମୃତ୍ୟୁହାର ୨୭ ଥିଲା । ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ଆବଶ୍ୟକୀୟ ଔଷଧ ଓ ଚିକିତ୍ସା ଉପଯୋଗୀ ସାମଗ୍ରୀର ୫୩% କମ ଯୋଗାଣ ହୋଇଥିଲା । ଡିଏଚଏସ୍ ଗୁଡିକରେ ଆଇପିଏଚଏସ୍‌ମାନଙ୍କ ତୁଳନାରେ ଯନ୍ତ୍ରପାତିର ଅଭାବ ୪୭%ରୁ ୫୭% ରହିଥିଲା । ସିଏଚ୍‌ସି ଏବଂ ପିଏଚ୍‌ଗୁଡିକରେ ମଧ୍ୟ ଅତ୍ୟାବଶ୍ୟକୀୟ ଉପକରଣ ଅଭାବ ଦେଖାଦେଇଥିଲା ।

## ମଧ୍ୟାହ୍ନ...

ଆସିଥିବା ବେଳେ ରନ୍ଧା ଯାଇଥିବା ମଧ୍ୟାହ୍ନ ଭୋଜନ ଖାଇଥିଲେ। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ବହୁ ଛାତ୍ରଛାତ୍ରୀଙ୍କ ମୁଣ୍ଡ ବୁଲାଇବା ସହ ଲଗାତାର ବାନ୍ତି କରିଥିଲେ। ଏହା ଜାଣିପାରି ଅଭିଭାବକ ଓ ଗ୍ରାମବାସୀମାନେ ସ୍କୁଲରେ ପହଞ୍ଚି ଶିକ୍ଷକ ଓ ପାଚିକାମାନେ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ କରି ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ ନିଜେ ଅଭିଭାବକମାନେ ଆମ୍ବୁଲାନ୍ସ ଓ ଘରୋଇ ଗାଡ଼ିରେ ୨୦ରୁ ଉର୍ଦ୍ଧ୍ୱ ଗୁରୁତର ଛାତ୍ରଛାତ୍ରୀଙ୍କୁ ଟିଟିଲାଗଡ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ପ୍ରଶାସନ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ଗୁରୁତରଙ୍କୁ ମେଡ଼ିକାଲ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ମୁରିବାହାଲ ସିଏଚସିରୁ ମଧ୍ୟ ଏକ ମେଡ଼ିକାଲ ଟିମ୍ ସ୍କୁଲରେ ପହଞ୍ଚି ୧୪ ଜଣ ଅସୁସ୍ଥ ଅନୁଭବ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା କରିଥିଲେ ।

ଏ ସମ୍ପର୍କରେ ଡେଙ୍ଗପଦର ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମହାଦୀପଙ୍କୁ ପଚାରିବାରୁ ଛାତ୍ରଛାତ୍ରୀ ଅସୁସ୍ଥ ଅନୁଭବ କରିବା ପରେ ପାଚିକାଙ୍କୁ ପଚାରିବାରୁ ସେ ଅଣ୍ଡା ତରକାରୀରେ ହଳଦୀ ବଦଳରେ ସର୍ଫ ପାଉଡର ପକାଇଦେଇଥିବା ସ୍ୱୀକାର କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଖବର ପାଇ ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରି ଓ ମୁରିବାହାଲ ତହସିଲଦାର ଜଗଦୀଶ କର୍ଦ୍ଦାମି ମେଡିକାଲ ପହଞ୍ଚି ଛାତ୍ରଛାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ। ମେଡିକାଲରେ ଏଡିଏମଓ ଡ . ପ୍ରଦୀପ୍ତ କୁମାର ନାୟକ ଓ ଶିଶୁରୋଗ ବିଶେଷଜ୍ଞ ଡ. ଗୋପବନ୍ଧୁ ସାହୁ ଛାତ୍ରଛାତ୍ରୀଙ୍କ ଚିକିତ୍ସା କରିଥିବା ବେଳେ ଟିଟିଲାଗଡ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମଧ୍ୟ ଉପସ୍ଥିତ ଥିଲେ। ଖବର ପାଇ ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଢ଼ିହାରୀ,ଥାନା ଆଇଆଇସି ସିପୋରା ସରାୟ ଲୁଗୁନ,ଏଇବିଓ , ସିଆରସିସି ଲକ୍ଷପତି ହରପାଲ ପ୍ରମୁଖ ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ସହ ଉତ୍ୟକ୍ତ ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପାଚିକା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଗୁରୁତର ପରିସ୍ଥିତି ଉପୁଜିଥିବା ଅଭିଭାବକ ତଥା ଆଇନଜିବୀ ରଏବାରୁ ପୁଟେଲ ଅଭିଯୋଗ କରିଛନ୍ତି। ଖବର ଲେଖା ସୁଦ୍ଧା ମୁରିବାହାଲ ଥାନା ପୁଲିସ ସ୍କୁଲରେ ଉପସ୍ଥିତ ଥିବା ବେଳେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ଜଣାପଡିଛି ।

## ବିଜେଡି...

ସ୍ଲୋଗାନବାଜି କରିଥିଲେ ।

ଶୂନ୍ୟକାଳରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ କହିଥିଲେ, ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବା ପାଇଁ ସରକାର ଆଇନ ଆଣିଛନ୍ତି । ସେ ଆଇନ ଯଦି ଆଗରୁ ଆଣିଥାନ୍ତେ ଦୋଷୀ ଦଣ୍ଡ ପାଇଥାନ୍ତେ । କେଉଁ ସାଧବ ପୁଅ ବଣିକ, ବାଣୀକ ରହି ଚାକିରୀ ଏବଂ ନିଯୁକ୍ତି ପତ୍ର ବାଣ୍ଟୁ ଥିଲେ ଏବଂ ଟଙ୍କା ଆଣି ପାର୍ଟିକୁ ଦେଉଥିଲେ । ଏବେ ମାନନ୍ତୁ ୨୫ ନା ୩୦ ନା ୪୦ ଲକ୍ଷ କେତେ ନେଉଥିଲେ? ସେମାନଙ୍କ ନୈତିକତା ଅଧିକାର ନାହିଁ ପ୍ରଶ୍ନକାଳ ଓ ଶୂନ୍ୟକାଳ ବନ୍ଦ କରିବାକୁ । ବିଧାନସଭାରେ କଳା ଅକ୍ଷରରେ ଏହା ଲେଖା ହୋଇ ରହିଗଲା । ବିଭ୍ରାଟ ସୃଷ୍ଟି କରିବା କେତେଦୂର ଠିକ ବୋଲି ସେ ପ୍ରଶ୍ନ କରିଥିଲେ । ଗୃହକୁ ସ୍ୱାଭାବିକକୁ ଆଣିବାକୁ ବାଚସ୍ପତି ବାରମ୍ବାର ବିଧାୟକଙ୍କୁ ସିଟକୁ ଯିବାକୁ ଅନୁରୋଧ କରିଥିଲେ । ଯେହେତୁ ଗୃହ ସ୍ୱାଭାବିକକୁ ଫେରିଲା ନାହିଁ, ବାଧ୍ୟ ହୋଇ ବାଚସ୍ପତି ଗୃହକୁ ୧୧.୩୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଆଦାନୀ ପ୍ରସଙ୍ଗ ଉଠାଇଲେ କଂଗ୍ରେସ ସଦସ୍ୟ । ଆଦାନୀ ଲାଞ୍ଚ ଦେବା ପ୍ରସଙ୍ଗରେ ନିଜ ସିଟରେ ଛିଡ଼ା ହୋଇ କଂଗ୍ରେସ ସଦସ୍ୟ ପ୍ରତିବାଦ କରିଛନ୍ତି । ପୋଷ୍ଟର ଦେଖାଇ ପ୍ରତିବାଦ କରିବା ସହ ପଏଣ୍ଟ ଅଫ ଅର୍ଡରରେ କହିବାକୁ ଅନୁମତି ମାଗିଥିଲେ । ଏପଟେ ଗୃହରେ ସିଏଜି ରିପୋର୍ଟ ଉପସ୍ଥାପିତ ହେଇଥିଲା । ଶେଷରେ ଗୃହ କାର୍ଯ୍ୟ ସୋମବାର ପୂର୍ବାହ୍ନ ୧୦.୩୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କଲେ ବାଚସ୍ପତି ।

## ପଞ୍ଜୀକୃତ...

ଓ ସେଗୁଡିକ ପୁନର୍ବାର ବୈଧ କରାଯାଇନଥିଲା । ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ୪ ଉନ୍ନୟନ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟ ବାବଦରେ କାର୍ଯ୍ୟନିର୍ବାହୀଙ୍କ ଠାରୁ ଆଦାୟ କରିଥିବା ୧୩.୫୭ କୋଟି ଟଙ୍କାର ସେସ ଜମା କରିନଥିଲେ । ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ୨୮୭୫.୮୫ କୋଟି ଟଙ୍କାର ଉପଲବ୍ଧ ରାଶି ମଧ୍ୟରୁ ବୋର୍ଡ ମାତ୍ର ୮୦% ଅଥବା ୨୩୦୧.୨୯ କୋଟି ଟଙ୍କା ବିନିଯୋଗ କରିଥିଲେ । ମୋଟ୍ ବିନିଯୋଗ ମଧ୍ୟରୁ ୨୮.୦୯ କୋଟି ପ୍ରଶାସନିକ ବ୍ୟୟ ଥିଲା । ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠି ବିନିଯୋଗର ଅଗ୍ରଗତି କିମ୍ବା ଯୋଜନା କାର୍ଯ୍ୟନ୍ୱୟନ ଅଗ୍ରଗତିର ପର୍ଯ୍ୟବେକ୍ଷଣ ବୋର୍ଡ ଦ୍ୱାରା କରାଯାଉନଥିଲା । ୨୦୧୪-୧୫ ଆର୍ଥିକ ବର୍ଷରୁ ବୋର୍ଡର ବାର୍ଷିକ ହିସାବପତ୍ର ବାକି ରହିଥିବା ଆୟକର ରିଟନ ଦାଖଲ କରାଯାଉନଥିବା ଇତ୍ୟାଦି ହେତୁ ସେସ୍ ପାଣ୍ଠିର ପରିଚାଳନା ଦୁର୍ବଳ ଥିଲା । ବୋର୍ଡ ଆଭ୍ୟନ୍ତରୀଣ ବୋର୍ଡର ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା ବୋଲି ଉଲ୍ଲେଖ କରାଯାଇଛି ।

## ବସ୍...

ତାମସା ନଦୀ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ୩ ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିଲା। ଲୋକଙ୍କର ଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ମାଲକାନଗିରି-ପଡ଼ିଆ ରାସ୍ତାରେ ଯାତାୟତ ପ୍ରଭାବିତ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଅନ୍ୟପଟେ ତିନି ଜଣଙ୍କର ମୃତ୍ୟୁ ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ବସକୁ ଅଟକ ରଖିଥିବାରୁ ଯାତ୍ରୀମାନଙ୍କର ନିଜର ଗନ୍ତବ୍ୟସ୍ଥଳକୁ ପହଞ୍ଚିବାରେ ଅସୁବିଧା ହୋଇଥିଲା ।

## ଏଭଳି...

ସୃଷ୍ଟି କରୁଥିବା ନେଇ ଅଭିଯୋଗ କରୁଥିଲେ । ସେ ମଧ୍ୟ ତାଙ୍କ ବକ୍ତବରେ ଆମେରିକାରେ ସୂଚାଇଥିଲେ । ଆମେରିକାର ଏକ କୋର୍ଟ ଗୌତମ ଆଦାନୀ ଓ ତାଙ୍କ ପୁତୁରାଙ୍କୁ ଲାଞ୍ଚ ଦେବା ଅଭିଯୋଗ ନେଇ ମତ ରଖିଛନ୍ତି । ଏଠାରେ କଂଗ୍ରେସ ଏହାକୁ ପ୍ରସଙ୍ଗ କରିଛି । ତେଣୁ ବିଜେପି ଏହି ପ୍ରସଙ୍ଗରେ ଓସିସିଆର୍‌ପି ସହ ରାହୁଲଙ୍କୁ ଯୋଡି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିଲା । ବିଜେପି ମୁଖପାତ୍ର ରାହୁଲଙ୍କୁ ଦେଶଦ୍ରୋହୀ କହିବା ସହ ଆମେରିକାର କିଛି ସଂସ୍ଥା ଏବଂ ସୋରସଙ୍କ ମଧ୍ୟରେ ଭାରତକୁ ଅସ୍ଥିର କରିବା ପାଇଁ ଏକ ବିପଜ୍ଜନକ ତ୍ରିଭୁଜ ତିଆରି ହୋଇଛି ବୋଲି କହିଥିଲେ । ସେହିଭଳି ବିଜେପି ସାଂସଦ ନିଶୀକାନ୍ତ ଦୁବେ ମଧ୍ୟ ବିଦେଶୀ ଶକ୍ତି ସହ ମିଶି ଭାରତର ସଫଳତାକୁ ଲାଇନ୍‌ଚ୍ୟୁତ କରିବା ପାଇଁ କଂଗ୍ରେସ ଷଡଯନ୍ତ୍ର କରିଛି ବୋଲି ଅଭିଯୋଗ କରିଥିଲେ । ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀ ମଧ୍ୟ ଅନୁରୂପ ପ୍ରସଙ୍ଗ ଉଠାଇ ଆମେରିକା ଓ କଂଗ୍ରେସକୁ ଘେରିଥିଲେ । ଆଜି ଆମେରିକା ପକ୍ଷରୁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ପୋଲିସ ଏନ୍‌କାଉଣ୍ଟରରେ ସଞ୍ଜୀବ କରାଳୀ ଆହତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୁମଲେଇ ରୋଡ଼ ଠାରେ ଏନ୍‌କାଉଣ୍ଟରରେ ପୋଲିସ ଦ୍ୱାରା ୱାଣ୍ଟେଡ ଅପରାଧୀ ସଞ୍ଜୀବ କରାଳୀ ଆହତ ହୋଇଛି। ତା'ର ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଛି ଏବଂ ତାକୁ ବୁର୍ଲା ଭିମସାର ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ପୋଲିସ ଉପରକୁ ଗୁଳି ଚଳାଇବାରୁ ପାଲଟା ଗୁଳି ଚାଳନା କରାଗଲା ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ସମ୍ବଲପୁର ଜିଲ୍ଲା ଚାରମାଲ ଥାନା ଅଞ୍ଚଳରେ ଗତ ମାସ ୨୨ ତାରିଖ ଏକ ଡକାୟତି ହୋଇଥିଲା। ଦୁଇଟି ଗାଡ଼ିରେ ଦୁର୍ବୃତ୍ତମାନେ ଜାତୀୟ ରାଜପଥ ସଂଖ୍ୟା ୫୫ର ଗ୍ରୀଡ଼ ନିର୍ମାଣସ୍ଥଳୀରେ ପହଞ୍ଚିଥିଲେ। ଏହି ଗ୍ୟାଙ୍ଗ୍ ଗ୍ରୀଡ଼ର ସୁରକ୍ଷା କର୍ମଚାରୀ ଏବଂ ୮ ଜଣ ଶ୍ରମିକଙ୍କୁ ବାନ୍ଧି ଦେଇ ଏକ କୋଠରୀରେ ବନ୍ଦ କରିବା ଉତ୍ତାରୁ ଆତଙ୍କରାଜ ସହିତ ନିର୍ମାଣ ସାମଗ୍ରୀ ନେଇ ପଳାୟନ କରିଥିଲେ। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ସାରିଛି ଏବଂ ଚୋରି ସାମଗ୍ରୀର ୮୦ ପ୍ରତିଶତ ସମ୍ପତ୍ତି କୋଲକାତାରୁ ଉଦ୍ଧାର କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ହରେଶ ଚନ୍ଦ୍ର ପାଣ୍ଡେ କହିଛନ୍ତି। ପୋଲିସ ଅଧିକାରୀଙ୍କ ଅନୁଯାୟୀ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ସଞ୍ଜୀବ ଫେରାର୍ ଥିଲା। ଶନିବାର ଜିଲ୍ଲାର ରେଙ୍ଗାଲି ଥାନା ଇଲାକାରେ ସେ ଉପସ୍ଥିତ ଥିବା ପୁଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ପୋଲିସ ତାକୁ ଧରିବା ପାଇଁ ଅଭିଯାନ ଆରମ୍ଭ କରିଥିଲା । ଅପରାହ୍ନ ୩ଟା ସମୟରେ ରମ୍ଭେଲା ଛକ ଠାରେ ତାକୁ ଅଟକାଇବା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ସେ ପୋଲିସ ଉପରକୁ ଗୁଳି ଚଳାଇଥିଲା। ଏହାର ଜବାବ୍‌ରେ ପୋଲିସ ପକ୍ଷରୁ ମଧ୍ୟ ଗୁଳି କରାଯାଇଥିଲା ବୋଲି କୁହାଯାଇଛି। ପରେ ତାକୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ସେ ବିପଦମୁକ୍ତ ଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ଯୁବତୀଙ୍କୁ ନିଶା ବଟିକା ଖୁଆଇ ଦୁଷ୍କର୍ମ : ବାବା ଗିରଫ

ରେଢ଼ାଖୋଲ,(ସବ୍ୟୁ): ନିଜକୁ ଜଣେ ବାବାର ପରିଚୟ ଦେଇ ସେ ରେଢ଼ାଖୋଲ ଅଞ୍ଚଳରେ ରହି ଆସୁଥିଲେ । ହେଲେ ବାବା ବିଶ୍ୱାସ ଜନ୍ମାଇ ଜଣେ ଅବିବାହିତା ଝିଅକୁ ଦୁଷ୍କର୍ମ କରି ଗିରଫ ହୋଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ,ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବୈଷ୍ଣୋବ ଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହଲା ଆଶ୍ରମରେ ନିଶା ବଟିକା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ଆସିବା ପରେ ବାବାଙ୍କୁ ଗିରଫ କରିଛି ପୋଲିସ । ଯୁବତୀଙ୍କ ଦେହ ବାରମ୍ବାର ଖରାପ ହେବା ସହ ଏସିଡିଟି ଥିବାରୁ ଚିକିତ୍ସା ପାଇଁ ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତ ବୈଷ୍ଣୋବ ଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହଲାଙ୍କ ଆଶ୍ରମକୁ ଯାଇଥିଲେ । ସେଠାରେ ବାବାଙ୍କ ସହ କଥାବାର୍ତ୍ତା ହେବା ପରେ ବାବା କିଛି ଔଷଧ ଯୁବତୀଙ୍କୁ ଖାଇବାକୁ ଦେଇଥିଲେ । ପ୍ରାୟ ଏକ ମାସ ପରେ ପୁଣିଥରେ ଆସି ଔଷଧ ନେବାକୁ କହିଥିଲେ । ହେଲେ ଯୁବତୀ ଜଣଙ୍କ ବାବାଙ୍କ କଥା ଅନୁଯାୟୀ ଆସି ପାରି ନ ଥିଲେ । ଗତ ଗୁରୁବାର ସକାଳେ ଯୁବତୀ ଜଣକ ତାଙ୍କ ସମ୍ପର୍କୀୟ ଜଣକୁ ରେଢ଼ାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ।ରେଢ଼ାଖୋଲ ଆସିଥିବାରୁ ବାବାଙ୍କୁ ଫୋନ କରି ନିଜ ପାଇଁ ଔଷଧ ଦେବାକୁ କହିଥିଲେ ଏବଂ ବାବା ଯୁବତୀଙ୍କୁ ବୈଷ୍ଣବ ଝୁଲି ଆଶ୍ରମକୁ ଆସି ଔଷଧ ନେଇଯିବା ପାଇଁ କହିଥିଲେ । ଯୁବତୀ ଜଣକ ବାବାଙ୍କ କଥା ଅନୁସାରେ ଆଶ୍ରମରେ ପହଞ୍ଚିଥିଲେ । ବାବା ତାଙ୍କୁ ୪ ଟି ବଟିକା ଖାଇବାକୁ ଦେଇଥିଲେ । ବଟିକା ଖାଇବାପରେ ଯୁବତୀ ଜଣଙ୍କ ଅଚେତ ହୋଇଯାଇଥିଲେ । ଅଚେତ ଅବସ୍ଥାରେ ଯୁବତୀଙ୍କୁ ବାବା ଦୁଷ୍କର୍ମ କରିଥିଲେ । ପରେ ଯୁବତୀଙ୍କ ଚେତା ଫେରିବାରୁ ତାଙ୍କୁ ଏକ ଅଟୋରେ ବସାଇଦେଇଥିଲେ । ହେଲେ ଯୁବତୀ ଜଣଙ୍କ ରକ୍ତ ଜୁଡୁବୁଡୁ ହୋଇ ମୁର୍ମୁଷୁ ଅବସ୍ଥାରେ ମେଡିକାଲ ଛକରେ ପଡିରହିଥିଲେ । ଖବରପାଇ ମେଡିକାଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରିଥିଲେ । ସେପଟେ ଯୁବତୀଙ୍କ ପରିବାର ଲୋକ ଖବର ପାଇ ରେଢ଼ାଖୋଲ ଆସି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ପାଇବା ପରେ ପୋଲିସ ଶୁକ୍ରବାର ବାବା ପ୍ରଫୁଲ୍ଲ ମହଲାକୁ ଆଶ୍ରମରୁ ଗିରଫ କରି ତଦନ୍ତ କରୁଥିବା ସୂଚନା ମିଳିଛି ।



ପୂର୍ବରୁ ବାବା ନାକଟିଦେଉଳ ବ୍ଲକ କୁଞ୍ଜବନ ମଠରେ ଦୀର୍ଘ ବର୍ଷ ରହି ଆସୁଥିଲେ ହେଲେ ସେଠାରେ ବାବା ଲୋକ ମାନଙ୍କ ସହ ଝାମେଲା କରିବାରୁ ସେଠାରୁ ତଡା ଖାଇଥିଲେ । ଏମିତି ସେ ବୌଦ୍ଧ, ସୋନପୁର ଜିଲ୍ଲାରୁ କେତେକ ମଠରେ ଥାଇ ତଡା ଖାଇଥିବା ଅନୁସନ୍ଧାନରୁ ଜଣା ପଡିଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ରେଢ଼ାଖୋଲ ଥାନାଧିକାରୀ ସବିତା ବାଳା ସେଠି ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି ।

ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯୁବତୀ ଜଣଙ୍କ ରକ୍ତ ଜୁଡୁବୁଡୁ ହୋଇ ମୁର୍ମୁଷ ଅବସ୍ଥାରେ ଯୁବତୀ ମେଡିକାଲ ଛକରେ ପଡିରହିଥିଲେ। ଖବରପାଇ ମେଡିକାଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରିଥିଲେ । ଯୁବତୀଙ୍କ ପରିବାର ଲୋକେ ରେଢ଼ାଖୋଲ ଥାନାରେ ବାବାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ବାବା ପ୍ରଫୁଲ୍ଲ ମହଲାଙ୍କୁ ଆଶ୍ରମରୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ବାବାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ୯ ଦଫା ଦାବି ପୂରଣ ଲାଗି ମିନିଟ୍ରକ୍ ମାଲିକ ସଂଘର ସରକାରଙ୍କୁ ଚିଠି

ଭୁବନେଶ୍ୱର (ସବ୍ୟୁ) : ଜନ ସାଧାରଣଙ୍କୁ ସେବା ଯୋଗାଇ ଆସୁଥିବା ଅଲ୍ ଓଡିଶା ମିନି ଟ୍ରକ ଆସୋସିଏସନ୍ ବିବିଧ ପ୍ରସଙ୍ଗରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ପ୍ରୋତ୍ସାହନରେ ଏହାର ସମାଧାନର ବାଟ ବାହାରିବ ବୋଲି ସଂଘ ପକ୍ଷରୁ ଆଶା କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା । ଏଥିରେ ସଂଘର ସଧାରଣ ସମ୍ପାଦକ ସୁଶାନ୍ତ ରଣା କହିଲେ ସଂଘ ୯ଟି ବିନ୍ଦୁରେ ଅସୁବିଧାର ସମ୍ମୁଖୀନ ହେଉଛି । ବିଶେଷ କରି ଘରୋଇ ଫାଇନସ କମ୍ପାନୀର ଦୌରାତ୍ମ୍ୟ ବିନା ନୋଟିସରେ ବେଆଇନ ଭାବେ ରାସ୍ତା ଘାଟରେ ଗାଡିକୁ ଅଟକାଇ ଡ୍ରାଇଭରକୁ ମାରଧର କରି ଗାଡିକୁ ଛଡାଇ ନେଉଛନ୍ତି । ଫାଇନସ କମ୍ପାନୀ ଆଇନ ଅନୁଯାୟୀ ଗାଡି ସିଜ କରନ୍ତୁ ।

ଗାଡି ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଇଲେ ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ଦିଆଯାଉ : ଆଜିକା ସମୟରେ ଗାଡି ବାହାରିବା ବେଳେ ମାଲିକ ବାରମ୍ବାର ଡ୍ରାଇଭରଙ୍କୁ ତାଗିଦ କରିଥାଏ ମଦ୍ୟପାନ କରି ଗାଡି ନଚଳାଇବାକୁ । ଏହା ସତ୍ତ୍ୱେ ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଇଲେ ଡ୍ରାଇଭରକୁ ଛାଡି ଗାଡିକୁ ସିଜ କରାଯାଉଛି । ମାଲିକ କୋର୍ଟ ଯାଇ ଗାଡି ଆଣିବା ସମୟରେ ଶାରୀରିକ, ଆର୍ଥିକ, ମାନସିକ ଦଣ୍ଡ ଭୋଗୁଛନ୍ତି ।

**NOTICE**

By virtue of an affidavit sworn before the Executive Magistrate, Talcher dated. 03.12.2024, I, Gobinda Behera, S/O-Bhagirathi Behera, permanent resident of Vill/PO-Gurujang, PS-Talcher, Dist.-Angul, Odisha, Pin-759100 declare that, I have changed my daughter's name from Smryti Behera to Laxmipriya Behera. Henceforth, She shall be known as Laxmipriya Behera for all purposes.

Sd/- Gobinda Behera

**NOTICE**

By virtue of an affidavit No-45 sworn before Executive Magistrate Bhubaneswar, Dated 7th December 2024 I, PRAMOD KUMAR ROUTRAY, ADDRESS-AT-CHHEDA, PO-ADASPUR, PS-OLATAPUR, DIST-CUTTACK, ODISHA, PIN-754011, declare that I have changed my daughter's name from PRAJNA ROUTRAY to PRAGNYA ROUTRAY. Henceforth, she shall be known as PRAGNYA ROUTRAY for all purposes.

Sd/- PRAMOD KUMAR ROUTRAY

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, BALANGIR.**
Email. ID - eephbgr@yahoo.co.in, Ph. No - (06652 - 234647)

C-1207

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 29 2024-25 Dt. 07.12.2024**

| | | |
|---|---|---|
| 01. | Number of the Works | : 01 Nos. |
| 02. | Estimated Cost | : Rs. 250.47 Lakhs |
| 03. | Period of Completion | : 02 (Two) Calendar Months |
| 04. | Date & Time of availability of bid document in the portal | : From 11.00 AM of dt. 13.12.2024 to 5.00 PM of dt. 27.12.2024 |
| 05. | Last date / time of receipt of bids in the portal | : 5 PM of dt. 27.12.2024 |
| 06. | Date & Time of opening of bids | : At 11.30 AM of dt. 30.12.2024 |
| 07. | Name and Address of the Officer Inviting Bid | : Superintending Engineer, P.H. Division, Balangir, At- Tulsinagar, Dist- Balangir-767001 |

**Further details can be seen from the website http://tenders.ori.nic.in or www.tendtrsorissa.gov.in**

**Sd/- Superintending Engineer**
**P.H.Division, Balangir**

OIPR : 13005/11/0023/2425

**OFFICE OF THE CHIEF CONSTRUCTION ENGINEER, DHENKANAL(R&B) CIRCLE, DHENKANAL**
**Corrigendum to bid identification No. C.C.E. DKL (R&B) 12/2024-25**
**Letter No. 2410 / Dtd.05.12.2024**

**B-741 :** The Bids invited vide Bid Identification No. C.C.E. DKL (R&B) 12/2024-25 vide letter No.2352 dt. 29.11.2024 has been modified are as follows.

The Bid document for the above notice will **be** available in the website; **www.tendersodisha.gov.in** from **Dt. 13.12.2024 to 5.00 PM of Dt.27.12.2024** for online bidding and shall be opened at **11.00 AM on Dt.30.12.2024.**

All other terms and conditions of the above tender call notice will remain unchanged

**Sd/- Chief Construction Engineer**
**Dhenkanal (R&B) Circle, Dhenkanal**

OIPR : 34132/11/0023/2425

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**E-PROCUREMENT NOTICE** E.Mail -rw_sundargarh@yahoo.co.in

O-788

**BID IDENTIFICATION NO. ONLINE-SESNG-17 of 2024-25**

| | | |
|---|---|---|
| 1. | Name of the Work | :- Road Works |
| 2. | Total No. of works | :- 3 nos Road |
| 3. | Estimated cost | :- From Rs. 16.54 Lakhs to Rs.33.61 Lakhs |
| 4. | Class of contractor | :- 'B', 'C & "D" |
| 5. | Period of completion | :- 01 calendar months |
| 6. | Type of Tender | :- Single Cover |
| 7. | Other details | :- |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer Rural Works Division, Sundargarh | Online-SESNG-17 of 2024-25 | 10.12.2024 10.00 A.M. | 18.12.2024 6.00 P.M. |

Further details can be seen from the website **www.tendersorissa.gov.in**

**Sd/- Superintending Engiener**
**Rural Works Division Sundargarh**

OIPR : 25046/11/0022/2425

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Road works**

O-792

**Bid Identification No: EERWJYP – Online -07/2024-25**

Letter No. 7089 Date: 04.12.2024

| | | |
|---|---|---|
| 01. | Name of the work | : Road works |
| 02. | Total Number of works | : 04 (Four) Nos. |
| 03. | Approximate Estimated cost | : Rs. 8.40 Lakhs to Rs. 31.93 lakhs (approximately) |
| 04. | Class of Contractor | : "D", "C" & "B" Class |
| 05. | Period of Completion | : within 2 Months |
| 06. | Other Details | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/ 07/RWD-JYP/ 2024/25 | Sl No.04 | 10.12.2024 at 11.00 A.M. | 17.12.2024 upto 5.00 P.M. | 16.12.2024 at 01.30 P.M. | 18.12.2024 at 10.00 A.M. |

**Further details can be seen from the website www.tendersodisha.gov.in/nicgep/app**
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

**Addl. Chief Engineer,**
**Rural Works Division: Jeypore.**

OIPR : 25160/11/0008/2425

**OFFICE OF THE PANCHAYAT SAMITI, BISOI**
**At/P.o.- Bisoi,Dist.- Mayurbhanj, Odisha, Pin-757033**
**E-Mail: ori-bisoi@nic.in**
**Advt. No. 01/PSB/2024 Dt: 05/12/2024**

**Tender Call Notice**

**i-348 :** Sealed tenders (Percentage rate) are invited from the interested "B & C" Class Contractors registered with the Govt, for execution of Civil work under Panchayat Samiti.Bisoi, Mayurbhanj. The eligible criteria and the details of the tender documents which can be downloaded from the website **www.mayurbhanj.odisha.gov.in.** Interested bidders fulfilling the eligibility criteria may submit their proposals to the O/o: BDO Bisoi. Proposal(s) complete in all respect should reach the undersigned on or before **27.12.2024 up-to 05.00 PM** through Regd. & Speed post and the same will be opened **on 31.12.2024 at 11.00 A.M.** in the Conference Hall of the Panchayat Samiti, Bisoi. The undersigned reserves the right to reject any or all the tender(s) without assigning any reason thereof.

**Sd/-**
**Block Development Officer,**
**Bisoi Mayurbhanj**

OIPR : 19280/11/0001/2425

**GOVT. OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
**"e" Procurement Notice for Road Works**
**Identification No Online NCB - 06/2024-25.**
Tel. 06766-258094(O)
Mail: eerwl_kjr@yahoo.com

O-784

| | | |
|---|---|---|
| 1. | Name of the Work | : **05** Nos. Road Work |
| 2. | Total Number of Work | : 05 Nos. |
| 3. | Estimated Cost | : Rs. 10.17 Lakhs to Rs. 40.04 Lakhs |
| 4. | Class of Contractor | : D,C&B Class |
| 5. | Period of Completion | : As per annexure of e-Procurement Notice No.06 of 2024-25. |
| 6. | Other Details | : |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender in O/o S.E., R.W. Division-I, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Superintending Engineer, Rural Works Division-I, Keonjhar** | **Road Online NCB No.06** | **Dt. 10.12.2024 at 11.00 A.M.** | **Dt.19.12.2024 upto 5.00 P.M.** | **Dt. 18.12.2024 upto 5.00 P.M.** | **Dt. 20.12.2024 at 11.00 A.M.** |

Further details can be seen from the website **www.tendersorissa.gov.in.**

**Sd/- Additional Chief Engineer**
**R.W. Division-I, Keonjhar**

OIPR : 25110/11/0007/2425

**Office of the CDM & PHO-Cum-DMD, Jagatsinghpur**
**DISTRICT PROGRAMME MANAGEMENT AND SUPPORT UNIT**
**NATIONAL HEALTH MISSION**
**Advt. No. 02/Nirmal/2024 dated 06/12/2024**
**Expression of interest for empanelment of Outsourcing Agency**

**E-566 :** Sealed proposals are invited from interested eligible bidders for empanelment of Outsourcing Agency for Housekeeping services and Security Services under NIRMAL at Govt. Health Institutions of Jagatsinghpur District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website: **www.jagatsinghpur.nic.in.**

Interested bidders fulfilling the eligibility criteria may submit their proposal (s) separately (with EMD & documents as set forth in this RFP). The details of proposal(s)complete in all respect & super scribed with **Expression of interest for empanelment of Outsourcing Agency for Housekeeping services/ Security Services under NIRMAL.** However the bidders have to submit their proposals to the office of the CDM&PHO. Jagatsinghpur. Proposals complete in all respect should reach the office of the CDM&PHO. Jagatsinghpur on or before 27-12-24 till 3.00 P.M. through Speed post / Regd. Post / courier only. Incomplete application in any form is liable for rejection. The Authority reserves the right to reject any or all the proposals without assigning any reason thereof.

**Sd/- CDM & PHO-Cum-DMD.**
**Jagatsinghpur**

OIPR : 10043/11/0010/2425

**OFFICE OF THE COLLECTOR & DISTRICT MAGISTRATE:PURI**
**(Social Welfare Section)**
**No. 4193 / SW, dated 04.12.2024**

**TENDER CALL NOTICE**

**g-118 :** Sealed tenders are invited form intending agencies for printing of 145000 nos. packaging material (approximately) and delivery of the same at 12 ICDS Project of the district for the period of one year from the finalization of tender process. The tender documents should reach in the office of the District Social Welfare Officer, Puri by Registered post or Speed Post by **05** PM on. 19.12.2024 and the tender will be opened at. .11.30 AM on 20.12.2024 in the office chamber of the undersigned in presence of Tender Committee constituted for the purpose and the tenderers or their authorized representatives. The tender papers received after due date and time will not be entertained. The undersigned will not be responsible for postal delay.

The details regarding sample, colour/ specification of the packaging material should be of exact specifications as per the samples available in **https;//puri.odisha.gov.in/.** The selected agency has to supply the packaging material to all the 12 ICDS Project offices of the District at his own cost. The agency has to supply the samples of packaging material as per specification detailed in terms and conditions in tender meeting to be held on **20.12.2024**. The detail tender papers and terms and conditions can be downloaded from the district website **https://puri.odisha.gov.in/** or can be seen in the tender notice displayed in the notice board of DSWO, Puri. In no case these packaging material should be redesigned or modified.

The firms/ agencies can purchase the tender paper on payment of Rs.3,000.00 (Rupees three thousand) only in cash as non-refundable cost of tender paper from the office of DSWO, Puri and has to enclose the original MR with tender paper. The firms/ agencies submitting tender paper by downloading from website have to enclose a non-refundable Bank Draft amounting to Rs.3,000 /- (Rupees three thousand) only as non-refundable cost of Tender Paper including VAT in favour of DSWO, Puri payable at SBI Main Branch, Puri failing which the tender paper will be rejected. An amount of Rs.1.00 Lakh (Rupees One lakh) only as EMD has to be paid by the tenderers in favour of DSWO, Puri payable at SBI Main Branch (under pledged to DSWO, Puri). The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.

The decision of the tender committee regarding acceptance / rejection of tender without assigning any reason thereon is binding.

**Sd/- Collector, Puri**

OIPR : 24014/11/0008/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ନରେନ୍ଦ୍ର ମୋଦି ଅଧ୍ୟୟନ କେନ୍ଦ୍ର ଅଧକ୍ଷ ହେଲେ ବିଶ୍ୱଭୂଷଣ

ଭୁବନେଶ୍ୱର, (ସବ୍ୟୁ): ଦେଶର ବିକାଶ ଓ ତାସହିତ ଜଡ଼ିତ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଗବେଷଣା କରିବା ପାଇଁ ସେଣ୍ଟର ଫର ନରେନ୍ଦ୍ର ମୋଦି ଷ୍ଟଡିଜ (ସିଏନଏମଏସ) ନାମରେ ଏକ ଆନ୍ତର୍ଜାତିକ କେନ୍ଦ୍ର ନୂଆଦିଲ୍ଲୀରେ ଖୋଲା ଯାଇଛି। ଏହି କେନ୍ଦ୍ରର ପରାମର୍ଶଦାତା ପରିଷଦର ଅଧକ୍ଷ ଭାବେ ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଜସିମ ମହମ୍ମଦ କହିଛନ୍ତି ଯେ ଏହି ଆନ୍ତର୍ଜାତିକ ଗବେଷଣା କେନ୍ଦ୍ର ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି । ଏଥିରେ ବିଭିନ୍ନ କ୍ଷେତ୍ରର ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଯୋଡ଼ିହୋଇଛନ୍ତି। ସେମାନେ ବିଭିନ୍ନ ସମୟରେ ସରକାରୀ ଯୋଜନାଗୁଡ଼ିକ ସଂପର୍କରେ ଅନୁଧାନ କରିବା ସହିତ ଦେଶର ବିକାଶ ପାଇଁ ଅଧିକ କଣ କରିହେବ ସେ ସଂକ୍ରାନ୍ତରେ ବିଚାର ବିମର୍ଷ କରି କେନ୍ଦ୍ର ସରକାରଙ୍କୁ ମଧ ପରାମର୍ଶ ଓ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ଜଣେ ଖ୍ୟାତନାମା ଓକିଲ, ଅଗ୍ରଣୀ ବ୍ୟବସ୍ଥାପକ, ମନ୍ତ୍ରୀ ଏବଂ ରାଜ୍ୟପାଳ ଭାବେ ଶ୍ରୀ ହରିଚନ୍ଦନ କାର୍ଯ୍ୟ



କରିଛନ୍ତି। ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ଇତିହାସ ଓ ଗ୍ରାମୋତଥାନ ସଂକ୍ରାନ୍ତରେ ତାଙ୍କର ଅଭିଜ୍ଞତା ରହିଛି। ଏହାଛଡ଼ା ଜଣେ ରାଜନେତା ଓ ପ୍ରଶାସକ ହିସାବରେ ତାଙ୍କର ଯେଉଁ ଅନୁଭବ ରହିଛି ତାହାର ଉପଯୋଗ ଜାତୀୟ ସ୍ତରରେ କରିବା ଲାଗି ଶ୍ରୀ ହରିଚନ୍ଦନଙ୍କୁ ସିଏନଏମଏସର ପରାମର୍ଶଦାତା ପରିଷଦ ଅଧକ୍ଷ ଭାବେ ଚୟନ କରାଯାଇଛି।

ପ୍ରଫେସର ମହମ୍ମଦ କହିଛନ୍ତିଯେ ଦେଶର ବିକାଶ ସହିତ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ରହଣ କରୁଥିବା ଭୂମିକାକୁ ଆଗେଇ ନେବା କ୍ଷେତ୍ରରେ ସିଏନଏମଏସର ପ୍ରମୁଖ ଯୋଗଦାନ ରହିଛି। ଖୁବଶୀଘ୍ର ଆଲିଗଡ଼ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସଂସ୍ଥାର ପରାମର୍ଶଦାତା ପରିଷଦ ବୈଠକରେ ଶ୍ରୀ ହରିଚନ୍ଦନ ଅଧକ୍ଷତା କରିବେ ବୋଲି ସମ୍ମତି ପ୍ରଦାନ କରିଥିବା ପ୍ରଫେସର ମହମ୍ମଦ ସୂଚାଇଛନ୍ତି। ଏଠାରେ ଉଲ୍ଲେଖନୀୟ ଜନସଂଘରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ହରିଚନ୍ଦନ ଏକାଧିକବାର ରାଜ୍ୟର ମନ୍ତ୍ରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ସଫଳତାର ସହ ସମ୍ଭାଳିଛନ୍ତି। ୧୯୮୦ ମସିହାରେ ଭାରତୀୟ ଜନତା ପାର୍ଟି ଗଢ଼ାଯିବା ବେଳେ ସେ ଏହାର ପ୍ରଥମ ରାଜ୍ୟ ସଭାପତି ରହିଥିଲେ। ଓଡ଼ିଶାରେ ବିଜେପି ସଂଗଠନ ବଢ଼ାଇବା ପାଇଁ ସେ ଯେଉଁ ମୂଳଦୁଆ ପକାଇଥିଲେ ତାହା ଉପରେ ଏବେର ରାଜ୍ୟ ବିଜେପି ସରକାର ପ୍ରତିଷ୍ଠା ହୋଇଛି। ଏବେ ମଧ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ସମେତ ବିଜେପିର କେନ୍ଦ୍ର କାର୍ଯ୍ୟାଳୟ ଏବଂ ବରିଷ୍ଠ ନେତାମାନେ ବିଭିନ୍ନ ଜାତୀୟ ପ୍ରସଂଗ ଓ ରାଜ୍ୟ ପ୍ରସଂଗରେ ଶ୍ରୀ ହରିଚନ୍ଦନଙ୍କ ସହ ପରାମର୍ଶ କରିଥାନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ବେଳେ ତାଙ୍କ ସହ ଶ୍ରୀ ହରିଚନ୍ଦନଙ୍କ ମଧ ସ୍ୱତନ୍ତ୍ର ସାକ୍ଷାତକାର ହୋଇଥିଲା। ସିଏନଏମଏସ ପରାମର୍ଶଦାତା ପରିଷଦ ଅଧକ୍ଷ ଦାୟିତ୍ୱ ଶ୍ରୀ ହରିଚନ୍ଦନ ଗ୍ରହଣ କରିଥିବାରୁ ବହୁ ଦଳୀୟ ନେତା ଏବଂ ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ସୃଷ୍ଟି କରୁଛି ଚାମ୍ପିଅନ୍

ଭୁବନେଶ୍ୱର (ସବ୍ୟୁ): ୨୦୨୪ ନଭେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଆଲିଗଡ଼ଠାରେ ଅନୁଷ୍ଠିତ ଜୁନିୟର ଜାତୀୟ ଖୋ ଖୋ ଚମ୍ପିଅନଶିପ୍-୨୦୨୪ରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍ ପିସି)ର ୧୧ ଜଣ ଆଥଲେଟ୍ ଓଡ଼ିଶାର ପ୍ରତିନିଧି କରିଥିଲେ । ଏହି ପ୍ରତିଯୋଗିତାରେ ଉଭୟ ଓଡ଼ିଶାର ବାଳକ ଓ ବାଳିକା ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ରନର୍ସଅପ୍ ହୋଇଥିଲେ । ଖୋ ଖୋ ପ୍ରତିଭାଙ୍କୁ ରାଜ୍ୟରେ ବିକଶିତ କରିବା ଏବଂ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳ କରାଇବାରେ ସହାୟତା କରିବା ଦିଗରେ ଏହି କେନ୍ଦ୍ରର ପ୍ରତିବଦ୍ଧତାର ଏହା ଏକ ଉଦାହରଣ ଓଡ଼ିଶା ବାଳକ ଦଳରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋହାଇ ପରଫର୍ମାନ୍ସ ସେଣ୍ଟରର ସୁନୀଲ ପାତ୍ର, କୁନା ବେହେରା ଓ ଯଶୱନ୍ତ ଯାଦବ ସାମିଲ ଥିବା ବେଳେ ଓଡ଼ିଶା ବାଳିକା ଦଳରେ ଅର୍ଚ୍ଚନା



ପ୍ରଧାନ, ହରପ୍ରିୟା ଭୂୟାଁ, ସବିତା ମୁର୍ମୁ, ବାସନ୍ତୀ ନାଗ, ଲିସାରାଣୀ ରାଇତା, ଆଶିକା କୁଜୁର, କେ.ରାମ୍ୟା ଓ ଶୁଭଶ୍ରୀ ମଲ୍ଲିକ ସାମିଲ ଥିଲେଏହି ଆଥଲେଟ୍ ମାନେ ନିଜ ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କର ନିଷ୍ଠା ଏବଂ କଠିନ ପରିଶ୍ରମକୁ ପ୍ରତିପାଦିତ କରିଥିଲେ ।

ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ଆକର୍ଷଣ ଲିସାରାଣୀ ରାଇତାଙ୍କ ପ୍ରଦର୍ଶନ ଥିଲା, ଯାହା ତାଙ୍କୁ ସମ୍ମାନଜନକ ବେଷ୍ଟ ଆଟାକର ଆୱାର୍ଡ଼ ପ୍ରଦାନ କରିଥିଲା । ଏହି ପୁରସ୍କାର ଜିତିବା ପରେ ୧୪ ବର୍ଷୀୟା ଲିସାରାଣୀକହିଛନ୍ତି ଯେ ଜାତୀୟ ସ୍ତରରେ ମାନ୍ୟତା ପାଇଏକ ସ୍ୱପ୍ନ ସତ ହେବା ଭଳି ଅନୁଭବ ହେଉଛି । ଏହା ମୋର କୋଚ୍, ମୋ ସାଥୀ ଖେଳାଳି, ମୋ ପରିବାର ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆରୁ ପାଇଥିବା ସମର୍ଥନକୁ ଦର୍ଶାଉଛି । ମୁଁ ଆଶା କରୁଛି ଯେ, ଏହି ସଫଳତାମୋତେ ଆଗକୁ ବଢ଼ିବାରେ ସହାୟତା କରିବା ସହିତ ମୋତେ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ପ୍ରୋତ୍ସାହିତ କରିବ । ନିଜ ତାଲିମ ଓ ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ ଲିସାରାଣୀ ୨୦୨୪ ଜୁନ୍ ମାସରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ଯୋଗ ଦେଇଥିଲେ । ଓଡ଼ିଶା ସରକାର ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍ ପିସି)ର ଭିତ୍ତିଭୂମି ସୃଷ୍ଟି ଓ ରକ୍ଷଣାବେକ୍ଷଣ କରୁଥିବା ବେଳେଏଏମ୍/ଏନ୍ଏସ୍ ଇଣ୍ଡିଆ ଏଚ୍ ପିସି ପରିଚାଳନା ଓ ଖୋ ଖୋ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ଦାୟିତ୍ୱ ନିର୍ବାହ କରୁଛି । ଏହା ସହିତଏହି କେନ୍ଦ୍ର ଖୋ ଖୋ କ୍ରୀଡ଼ାପାଇଁ ପ୍ରଶିକ୍ଷକମାନଙ୍କର ବିକାଶ ସହିତସେମାନଙ୍କୁ ସାର୍ଟିଫିକେଟ୍ସଧ ପ୍ରଦାନ କରୁଛି । ଓଡ଼ିଶାର ଖୋ ଖୋ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଏହି କ୍ରୀଡ଼ାରେ ପ୍ରତିଷ୍ଠିତକରିବା ଏହି କେନ୍ଦ୍ର ର ମୂଳ ଲକ୍ଷ୍ୟ ।

# ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳନ

ଜଟଣୀ(ସବ୍ୟୁ): ଭାରତ ରତ୍ନ ବାବା ସାହେବ ଭିମରାଓ ଆମ୍ବେଦକରଙ୍କର ମୃତ୍ୟୁବାର୍ଷିକୀ ଅବସରରେ, ଖୋର୍ଦ୍ଧାରୋଡ଼ ମଣ୍ଡଳ ଦ୍ୱାରା ମଣ୍ଡଳ କାର୍ଯ୍ୟାଳୟରେ, ମହାପରିନିର୍ବାଣ ଦିବସ ପାଳନ କରାଯାଇଛି । ଏହି ଅବସରରେ, ଏଚ୍.ଏସ୍. ବାଜୱା, ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରେଳ କର୍ମଚାରୀ ମାନେ ବାବାସାହେବ ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଭାରତୀୟ ସମ୍ବିଧାନର ପିତା ଡକ୍ଟର ବି.ଆର୍ ଆମ୍ବେଦକରଙ୍କୁ ସ୍ମରଣ କରିବାର ଦିନ, ଯିଏ ଦେଶର ଅନ୍ୟତମ ସମାଜ ସଂସ୍କାରକ ଥିଲେ । ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରୋଡ଼ କାର୍ମିକ ଅଧିକାରୀ ଆରଏନ୍ଏ ପରିଡ଼ା ପରିଚାଳନା କରିଥିଲେ ।

# ୩ ମାସରେ ଏମ୍ସ ଭୁବନେଶ୍ୱରରେ ୩୧ ଏଚ୍ଆଇଭି ପଜିଟିଭ୍ ଚିହ୍ନଟ

## ୮୫୩୮ ବ୍ୟକ୍ତିଙ୍କୁ ପରାମର୍ଶ ସେବା ପ୍ରଦାନ



ଭୁବନେଶ୍ୱର, (ସବ୍ୟୁ): ଗତ ତିନିମାସ ମଧ୍ୟରେ, ଏମ୍ସ ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ କାଉନସେଲିଂ ଆଣ୍ଡ ଟେଷ୍ଟିଂ ସେଣ୍ଟର (ଆଇସିଟିସି) ୮୫୧୮ ଜଣ ବ୍ୟକ୍ତିଙ୍କର ଏଚ୍.ଆଇ.ଭି ପରୀକ୍ଷା କରାଯାଇଛିଛ ସେମାନଙ୍କ ମଧ୍ୟରୁ ୩୧ ଜଣ ଏଚ୍.ଆଇ.ଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୨୭ ଜଣଙ୍କୁ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି (ଏଆର୍ଟି) କେନ୍ଦ୍ରକୁ ପଠାଯାଇଛି । ଏହି ସମୟ ଅବଧି ମଧ୍ୟରେ ୮୫୩୮ ଜଣଙ୍କୁ ମୁକ୍ତ ପରାମର୍ଶ ସେବା ପ୍ରଦାନ କରାଯାଇଛି । ଉପରୋକ୍ତ ପ୍ରକ୍ରିୟା ଏଚ୍.ଆଇ.ଭି. ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପ୍ରତିରୋଧ, ନିରାକରଣ ଏବଂ ଯତ୍ନ ପାଇଁ ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ବୋଲି ଏହି ଜାତୀୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ, ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେନତନା ସୃଷ୍ଟି ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ଏବଂ ଟ୍ରାନ୍ସଫ୍ୟୁଜନ୍ ଏବଂ ବ୍ଲଡ ବ୍ୟାଙ୍କ ବିଭାଗ ଦ୍ୱାରା, ଓଡ଼ିଶା ରାଜ୍ୟ ଏଡସ୍ ସୋସାଇଟି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶେଷଜ୍ଞ ଏଡ୍ସକୁ ନେଇ ଉପାଦେୟ ସୂଚନା ପ୍ରଦାନ କରିଥିଲେ ।

ଏହି ଅବସରରେ ମାଗଣା ଏଚ୍.ଆଇ.ଭି ପରୀକ୍ଷା ଶିବିର ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ ଅୟୋଜିତ ହୋଇଥିଲା । ଏହି ଶିବିରରେ ୪୫ ଜଣ ବ୍ୟକ୍ତି ଏଚ୍ଆଇଭି ପରୀକ୍ଷା କରାଇଥିଲେ । ଭାରତରେ ଏଚଆଇଭି ସର୍ଭିଲାନ୍ସ ପାଇଁ ଆଠଟି ଆଞ୍ଚଳିକ ପ୍ରତିଷ୍ଠାନ ମଧ୍ୟରୁ ଏମ୍ସ ଭୁବନେଶ୍ୱର ଅନ୍ୟତମ । ଏହି ଜାତୀୟ ଅନୁଷ୍ଠାନର ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟରେ ଏଡ୍ସ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି । ଆସନ୍ତା ବର୍ଷ ଜାନୁୟାରୀରେ ୧୯ତମ ରାଉଣ୍ଡ ଏଚ୍.ଆଇ.ଭି ସେଣ୍ଟିନେଲ ସର୍ଭିଲାନ୍ସ ଆୟୋଜନ ହେବ । ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଏଚ୍.ଆଇ.ଭି ମହାମାରୀ ଥିବାବେଳେ ପ୍ରାୟ ୨୪.୬୭ ଲକ୍ଷ ଲୋକ ଏଚ୍.ଆଇ.ଭି ରେ ବାସ କରୁଛନ୍ତି । ଦେଶ ଏଆର୍ଟି (୬୮ ପ୍ରତିଶତ)କଭରେଜରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛିଛ ୫୨,୦୦୦ ପିଏଲ୍ ଏଚ୍ଆଇଭି ସହିତ ଓଡ଼ିଶାରେ ଏଚ୍.ଆଇ.ଭି ପ୍ରାଦୁର୍ଭାବ ହାର ୦.୧୪ ପ୍ରତିଶତ ରହିଛିଛ ଏଆର୍ଟି କଭରେଜ୍ ୪୯ ପ୍ରତିଶତ ରହିଛି । ଏହି ପରିସଂଖ୍ୟାନ ଏଚ୍.ଆଇ.ଭି ସଂକ୍ରମିତ ଲୋକଙ୍କ ନିରନ୍ତର ନିରାକରଣ, ଚିକିତ୍ସା ଏବଂ ଯତ୍ନ ନିଶ୍ଚିତ କରିବାକୁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦର୍ଶାଏ । ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ବିନୋଦ କୁମାର ପାତ୍ରୋ, ଡ. ଅନୁପମ ଦେ, ଡ. ବିଜୟିନୀ ବେହେରା, ଡ. ବିନୋଦ କୁମାର ବେହେରା, ଡ. ଅରବିନ୍ଦ କୁମାର ସିଂ, ଡ. ଅଂଶୁମାନ ସାହୁ, ଡ. ଧ୍ରିତିମାନ ଏବଂ କେଏନପି ପ୍ଲସ୍‌ର ପ୍ରଭାସିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଟିଏ ୨୩ ଲକ୍ଷ ଠକେଇ, ପିଏନ୍‌ବି ପୂର୍ବ ମ୍ୟାନେଜର ଗିରଫ

ଭୁବନେଶ୍ୱର, (ସବ୍ୟୁ) : କୋଟିଏ ୨୩ ଲକ୍ଷ ୧୨ହଜାର ୨୩୬ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ପିଏନ୍‌ବି (ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ)ର ପୂର୍ବ ମ୍ୟାନେଜର ବିନୟ ଶଙ୍କରଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣିଛି ।

ବାଲେଶ୍ୱର ପିଏନ୍‌ବିର ଚିଫ୍ ମ୍ୟାନେଜର ମ୍ରିଣାଲକାନ୍ତି ମହାନ୍ତି ଇଓଡବ୍ଲୁରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା । ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଅଭିଯୁକ୍ତ ବିନୟ ଶଙ୍କର ବାଲେଶ୍ୱରର ଏକ ପିଏନ୍‌ବି ଶାଖାରେ ମ୍ୟାନେଜର ଭାବେ କାମ କରୁଥିଲେ । ଅଡିଟ୍ ପରେ ଜଣାପଡ଼ିଥିଲା ଯେ ସେ ବିଭିନ୍ନ ପର୍ଯ୍ୟାୟରେ କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜର ବିଭିନ୍ନ ଆକାଉଣ୍ଟକୁ କୋଟିଏ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବେଆଇନ ଭାବେ ପିଏନ୍‌ବି ଆକାଉଣ୍ଟରୁ ପଠାଇଛନ୍ତି । ସେହି ଟଙ୍କା ବେଆଇନ ଭାବେ ସମ୍ପୃକ୍ତ ସଂସ୍ଥାକୁ ଦେଇଥିବାରୁ ଚିଫ୍ ମ୍ୟାନେଜର ତାଙ୍କୁ ତାହା ପରିଶୋଧ କରିବାକୁ ସମୟ ଦେଇଥିଲେ । ସମୟ ଭିତରେ ତାହା ସେ ପରିଶୋଧ କଲେ ନାହିଁ । ଯାହାଫଳରେ ବାଧହୋଇ ଇଓଡବ୍ଲୁରେ ଏତଲା କରିଥିଲେ ଚିଫ୍ ମ୍ୟାନେଜର। ଏତଲାକୁ ଆଧାର କରି ଇଓଡବ୍ଲୁ ତଦନ୍ତକାରୀ ଟିମ୍ ପଶ୍ଚିମବଙ୍ଗରୁ ବିନୟ ଶଙ୍କରଙ୍କୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣି ବାଲେଶ୍ୱରର ନିର୍ଦ୍ଧାରିତ କୋର୍ଟରେ ହାଜର କରାଇଥିଲା । ପୂର୍ବ ମ୍ୟାନେଜର ବିନୟ ଗିରଫ ହୋଇଥିଲେ ମଧ ଏହି ମାମଲାର ତଦନ୍ତ ଜାରି ରହିଛି । ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇପାରନ୍ତି ବୋଲି ଇଓଡବ୍ଲୁର ଜଣେ ଅଫିସର କହିଛନ୍ତି ।

# ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଦ୍ୱାଦଶ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର (ସବ୍ୟୁ): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ତାହାର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ପାଳନ କରିଛି । ଉତ୍ସବରେ ୨୦୨୪ ବ୍ୟାଚର ୨,୭୩୮ ଶିକ୍ଷାର୍ଥୀ ଓ ପୂର୍ବବର୍ତ୍ତୀ ବ୍ୟାଚର ୧୩୮ ଶିକ୍ଷାର୍ଥୀଙ୍କୁ ସମେତ ୪୭ ଜଣ ଗବେଷକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧିରେ ସମ୍ମାନୀତ କରାଯାଇଛି । ଏହି ଉତ୍ସବର ରାଜ୍ୟପାଳ ରଘୁବର ଦାସ ଅଧକ୍ଷତା କରିଥିଲେ । ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ମାନନୀୟ ନ୍ୟାୟଧୀଶ ସନ୍ଦୀପ ମେହତା, ସମାରୋହରେ ସମ୍ମାନିତ ଅତିଥି ଭାବେ ଆଇଏସଆରଓ-ର ସଚିବ ଓ ଅଧକ୍ଷ ଡ଼ଃ ଶ୍ରୀଧର ପଣିକ୍କର ସୋମନାଥ ଯୋଗ ଦେଇଥିଲେ ।

ତାଙ୍କ ଉଦ୍‌ବୋଧନରେ ଡ଼ଃ ଶ୍ରୀଧର ପଣିକ୍କର ସୋମନାଥ ସ୍ନାତକମାନଙ୍କୁ ନୂତନତ୍ୱ ଅଂଗୀକାର କରି ସମାଜର ମଙ୍ଗଳରେ ଆଧୁନିକ ପ୍ରଯୁକ୍ତି ଲାଭକର କରିବାକୁ ପ୍ରେରିତ କରିଥିଲେ । ଉପକୁଳପତି ଡ଼ଃ ସୁପ୍ରିୟା ପଟ୍ଟନାୟକ ସ୍ନାତକମାନଙ୍କର କଠିନ ପ୍ରୟାସ ଏବଂ ଦୃଢ଼ସଂକଳ୍ପକୁ ପ୍ରଶଂସା କରିଲେ । ସେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଉନ୍ନୟନ ପ୍ରତି ଅଟଳ ପ୍ରତିବଦ୍ଧତା ଏବଂ ନୂତନ ଶିକ୍ଷା ଓ ବୃତ୍ତିମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ଧ ଅବାହିତ ଜାତିସମୂହଙ୍କୁ ସଶକ୍ତ କରିବାକୁ ଏହାର ଲକ୍ଷ୍ୟ ଉପରେ ଆଲୋକ ପାତ କରିଲେ । ପ୍ରତିଷ୍ଠିତ ସମ୍ମାନଗୁଡ଼ିକ ମଧ୍ୟରୁ, ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ବାଚକଙ୍କ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯାଇଥିଲା, ଯାହାକି ତାଙ୍କର ଫାର୍ମାସି ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ କୃତି ପ୍ରତି ପ୍ରଶଂସା । ସୁବର୍ଣ୍ଣ ପ୍ରମାଣିକଙ୍କୁଧୀରେନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ଏବଂ ଅମିଶା କର ଅଧିକାର କରିଥିଲେପିଟର ରେନଓ୍ୱିକ୍ ସ୍ମୃତି ସ୍ୱର୍ଣ୍ଣ ପଦକ ।

ଏହି ବ୍ୟକ୍ତିଗତ ସମ୍ମାନ ବ୍ୟତୀତ, ୧୯ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ଏବଂ ୪୯ଙ୍କୁ ମାନପତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରୋ କୁଳପତି ବିଶ୍ୱଜିତ ମିଶ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ । ଆଜିର ଏହି ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର , ଉପସଭାପତି ପ୍ରଫେସର ଡି.ଏନ ରାଓ , ରେଜିଷ୍ଟ୍ରାର ପ୍ରଫେସର ଅନୀତା ପାତ୍ର ବିଶ୍ୱବିଦ୍ୟାଳୟର ଅଧାପକ ଅଧାପିକା ଓ ଛାତ୍ର ଛାତ୍ରୀ ଗଣ ଯୋଗ ଦେଇଥିଲେ ।

## ଭୁବନେଶ୍ୱରରୁ ଲୁଟ୍, ବାଂଲାଦେଶରେ ବିକ୍ରି

# ତିନ୍ ପାହାଡ଼ି ଗ୍ୟାଙ୍ଗ୍‌ର ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରୁ ଲୁଟ୍ କରି ବାଂଲାଦେଶରେ ବିକ୍ରି କରୁଥିବା ଝାଡ଼ଖଣ୍ଡ ତିନ୍ ପାହାଡ଼ି ଗ୍ୟାଙ୍ଗ୍‌ର ୩ ଜଣ ସଦସ୍ୟଙ୍କୁ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ୧୭ଟି ମୋବାଇଲ ଫୋନ ଜବତ ହୋଇଥିବା ପୋଲିସ କହିଛି ।

ଗିରଫ ତିନିଜଣ ହେଲେ ଝାଡ଼ଖଣ୍ଡ ତିନ୍ ପାହାଡ଼ି ଗ୍ୟାଙ୍ଗ୍‌ର ବିକାଶ ଶର୍ମା (୨୬), ରାମପ୍ରସାଦ ସୋନି (୨୬) ଓ ପ୍ରଦୀପ କୁମାର (୨୬) । ଏମାନେ ଝାଡ଼ଖଣ୍ଡରୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଆସି ଲୁଟ୍‌ପାଟ କରନ୍ତି । ଗହଳି ସ୍ଥାନ କିମ୍ବା ଏକୁଟିଆ ଯାଉଥିବା ଲୋକଙ୍କଠାରୁ ମୋବାଇଲ ଓ ସୁନା ଚେନ୍ ପ୍ରଭୃତି ଲୁଟ୍‌ପାଟ କରନ୍ତି । ଦୁଇ/ତିନି ଦିନ ରହି ରେଳଷ୍ଟେସନରେ ରାତ୍ରି ଯାପନ କରନ୍ତି । ଲୁଟ୍‌ପାଟ କାମ ସରିବା ପରେ ଦଲାଲ ନିର୍ଦ୍ଦେଶରେ ଫେରିଯାଇ ଝାଡ଼ଖଣ୍ଡରେ ତାକୁ ଲୁଟ୍ ସମ୍ପତ୍ତି ଦେଇଥାନ୍ତି । ଦଲାଲ କୋଲକାତା ବାଟେ ବାଂଲାଦେଶ ଯାଇ ଲୁଟ୍ ସମ୍ପତ୍ତିକୁ ବିକ୍ରି କରିଥାଏ । ଏହିପରି ଗିରଫ ତିନିଜଣ ବହୁବାର ଭୁବନେଶ୍ୱର ଆସି ଲୁଟ୍ କରି ମୋବାଇଲ ଓ ସୁନା ଚେନ୍ ପ୍ରଭୃତି ନେଇଥିବା ପୋଲିସରେ କହିଛନ୍ତି । ଗିରଫ ତିନିଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାର ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଏମ୍‌ପିଏସ୍ ତକ୍ଷ୍ୟଶିଳାର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ମଡ଼େଲ ପବ୍ଲିକ ସ୍କୁଲ, ତକ୍ଷ୍ୟଶିଳାର ବାର୍ଷିକ ଉତ୍ସବ ତ୍ୱିଷା ୨୦୨୪ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଲିପ୍ସିତା ମହାନ୍ତି ସମସ୍ତ ବ୍ୟକ୍ତିବିଶେଷଙ୍କ ଆଗମନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏକ ଶିଶୁର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶକୁ ପୂରଣ କରିବା ପାଇଁ ବିଦ୍ୟାଳୟର ନିରନ୍ତର ଉଦ୍ୟମ ସହିତ ଘର କିପରି ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ତାହାର ମୂଲ୍ୟାଙ୍କନ କରିଥିଲେ । ଶିକ୍ଷାବିତ୍ ତଥା ସହ-ପାଠ୍ୟକ୍ରମ ଇଭେଣ୍ଟରେ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ଉପରେ ସେ ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ ଯାହା ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲା । ବିଦ୍ୟାଳୟର ଅଧକ୍ଷ ତୁଟୁଲ କିଶୋର ଦାସ ଏବଂ ନିର୍ଦ୍ଦେଶିକା ସିକତା ଦାସଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବିଦ୍ୟାଳୟ ସଙ୍ଗୀତ ଗାନ ପରେ ବେଦ ଜପ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଦ୍ୟାଳୟ ଗ୍ରୁପ ଦ୍ୱାରା ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ଯାହା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଭଲ ଲାଗିଥିଲା । ଚତୁର୍ବେଦ ଭଳି ଦକ୍ଷିଣ ଭାରତୀୟ ନୃତ୍ୟ ଏବଂ ଢ଼େମସା ଆଦିବାସୀ ନୃତ୍ୟର ଝଲକ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିଲା । ଇଂରାଜୀ ନାଟକ ଆଲାଦ୍ଦିନର କ୍ୱେଷ୍ଟ ୨.୦ ନାଟକ ଦର୍ଶକଙ୍କ ମନ ଜିଣିଥିଲା । ତକ୍ଷ୍ୟଶିଳା ପରିବାରର ନୂତନ ଗାୟକମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଏବଂ କଓ୍ୱାଲୀର ଆକର୍ଷଣୀୟ ରହିଥିଲା ।

# କାନାରା ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ) ଦେଶର ଅଗ୍ରଣୀ ରାଷ୍ଟ୍ରାୟନ୍ତ ବ୍ୟାଙ୍କଗୁଡିକ ମଧ୍ୟରୁ କାନାରା ବ୍ୟାଙ୍କ ହେଉଛି ଅନ୍ୟତମ ଯେଉଁଥିରେ ଦେଶ ତଥା




ରାଜ୍ୟର ଏକ ବୃହନ୍ନ ନେଟ୍‌ୱର୍କ ରହିଛି। ରାଜ୍ୟରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡିକୁ ସଶକ୍ତ କରିବା ପାଇଁ କାନାରା ବ୍ୟାଙ୍କ ପ୍ରତିବଦ୍ଧ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସ୍ଥାୟୀ ଅଭିବୃଦ୍ଧି ଉପରେ ପ୍ରାଧାନ୍ୟ ଦେଇ କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ସହ ଯୋଡି ହେବା ତଥା ବ୍ୟାଙ୍କିଙ୍ଗ୍ ସମସ୍ୟାର ସମାଧାନ କରିବା ନିମନ୍ତେ ଏକ ବୃହତ୍ତ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଚଳିତ ମାସ ୦୬ ତାରିଖରେ ବରଗଡ, ବାଲେଶ୍ୱର, ବ୍ରହ୍ମପୁର ଏବଂ କଟକଠାରେ ଅନୁଷ୍ଠିତ ହୋଇଥିବା ସହ ଏଥିରେ ମଣ୍ଡଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ରୀୟ ମୁଖ୍ୟ ମାନେ ଯୋଗ ଦେଇଥିଲେ। ସେହିପରି ଚଳିତ ମାସ ୦୭ ତାରିଖରେ ଏହା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଏବଂ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ଉପସ୍ଥିତରେ ପୁରୀ ଓ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି । ବ୍ୟାଙ୍କର ମୁଖ୍ୟ ପଦକ୍ଷେପଭିତ୍ତିକ କାର୍ଯ୍ୟକ୍ରମଗୁଡିକ: ମଧ୍ୟରେ ଏମ୍‌ଏସ୍‌ଏମ୍‌ଇକୁ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ୍ ଉତ୍ପାଦ ଏବଂ ସେବା, ଋଣ, ଜମା ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସମାଧାନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ପାଇଁ କର୍ମଶାଳା ଆୟୋଜିତ କରିବା । ସରକାରୀ ଯୋଜନା ଓ ସବ୍‌ସିଡି ଉପରେ ଏମ୍‌ଏସ୍‌ଏମ୍‌ଇଗୁଡିକର ଅଭିବୃଦ୍ଧି ପାଇଁ ସଚେତନତା ସୃଷ୍ଟି କରାଇବା । ଅଧିକ ସୂଚନା ଓ ସହାୟତା ପାଇଁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କୁ କାନାରା ବ୍ୟାଙ୍କର ନିକଟତମ ଶାଖା ପରିଦର୍ଶନ କରିବାକୁ ଆମନ୍ତ୍ରିତ କରିବା ଆଦି ଅନ୍ତର୍ଭୁକ୍ତ ।

## ରୁପା ତାରକସୀ ହବ୍ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

କଟକ (ସବ୍ୟୁ): ରୁପା ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ତଥା ତାରକସୀ ଶିଳ୍ପର ଉନ୍ନତିକରଣ ନିମନ୍ତେ କଟକରେ ହେବ ତାରକସୀର ଅତ୍ୟାଧୁନିକ ହବ ବା କମନ୍ ଫାସିଲିଟି ସେଂଟର ଅଫ ଏକ୍ସେଲେନ୍ସ ଫର ତାରକସୀ । ଏଥିପାଇଁ ଆଜି କଟକ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ତାରକସୀ ଉତ୍କର୍ଷ କେନ୍ଦ୍ରରେ କାରିଗରମାନଙ୍କ ପାଇଁ ନୂତନ ଜ୍ଞାନକୌଶଳର ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିବ । ଏଥିସହିତ ତାରକସୀ ସାମଗ୍ରୀ ପ୍ରଦର୍ଶନୀ, ଏହାର ବିକ୍ରୀ ତଥା ରପ୍ତାନୀ, ବିନା ଶୁଳ୍କରେ କିପରି ରୁପା କ୍ରୟ କରାଯାଇପାରିବ, ତାରକସୀ ସାମଗ୍ରୀ ତିଆରି ସମୟରେ ଏହାର ନର୍ମାଣ ମୂଲ୍ୟ ବା ମେକିଙ୍ଗ ଚାର୍ଜ କିପରି ହ୍ରାସ କରାଯାଇପାରିବ ତଥା ମାନ ନିର୍ଦ୍ଧାରଣ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପେଟାନାଳଠାରେ ୭ହଜାର ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରମଲକାରଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏନ୍ଟ୍ରପ୍ରେନରସିପ ପାର୍କର ସିଇଓ ଡକ୍ଟର ଶୁଭଙ୍କର ପତି ଏବଂ ସହାୟକ ନିର୍ଦ୍ଦେଶକ ଶିଳ୍ପ, ଡିଆଇସି, ଶ୍ରୀମତୀ ନମିତା ମିଶ୍ର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ ।

# ବିଜେଡ଼ି ଶ୍ରମିକଙ୍କ ହକ୍ ପାଇଁ ସର୍ବଦା ଲଢ଼େଇ କରିଛି : ନବୀନ



ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳ ଶ୍ରମିକ ସାମୁଖ୍ୟର ସଭା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କହିଛନ୍ତି ଶ୍ରମିକମାନେ ହେଉଛନ୍ତି ଗୋଟିଏ ରାଷ୍ଟ୍ରର ସବୁଠାରୁ ବଡ ଶକ୍ତି । ଆପଣମାନଙ୍କର ତ୍ୟାଗ ଓ ପରିଶ୍ରମ ଦେଶକୁ ସମୃଦ୍ଧ କରିଥାଏ । ବିକାଶ ଓ ସମୃଦ୍ଧିର ପ୍ରତି କ୍ଷେତ୍ରରେ ଆପଣମାନଙ୍କର, ଆମର ଶ୍ରମିକ ଭାଇ ଭଉଣୀ ମାନଙ୍କର ବିଶେଷ ଅବଦାନ ରହିଛି । ଆପଣମାନଙ୍କର ଏହି ଅବଦାନକୁ ମୁଁ ସମ୍ମାନ ଜଣାଉଛି । ବିଜୁ ବାବୁ ଶ୍ରମିକ ମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି କରି ୧୯୯୦ ରେ ଇତିହାସ ସୃଷ୍ଟି କରିଥିଲେ । ବିଜୁ ଜନତା ଦଳ ସରକାର ସମୟରେ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ନିର୍ମାଣ ଶ୍ରମିକଙ୍କଠାରୁ ଆରମ୍ଭ କରି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ କ୍ଷେତ୍ରରେ ଆମ ସରକାର ନୂଆ ଯୁଗ ଆରମ୍ଭ କରିଥିଲା । ବିଜୁ ଜନତା ଦଳ ସବୁବେଳେ ଆପଣମାନଙ୍କର ହକ୍ ପାଇଁ ଲଢେଇ କରି ଆସିଛି ଓ କରି ଚାଲିବ । ଆପଣମାନେ ଖୁସିରେ ରହିଲେ, ଭଲରେ ରହିଲେ ମୁଁ ସବୁଠାରୁ ବେଶୀ ଖୁସି ହେବି । ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ଅଛି ଓ ରହିଥିବି ଏବଂ ଶେଷ ପର୍ଯ୍ୟନ୍ତ ଆପଣମାନଙ୍କ କଲ୍ୟାଣ ପାଇଁ କାମ କରି ଚାଲିବି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ବାଂଲାଦେଶରେ ଥମୁନି ହିଂସା

# ଜାଳି ଦେଲେ ଇସ୍କନ ମନ୍ଦିର



**ଢ଼ାକା:** ବାଂଲାଦେଶରେ ଥମୁନି ହିଂସା । ହିନ୍ଦୁଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି । ଅନେକ ହିନ୍ଦୁ ମନ୍ଦିରକୁ ମୌଳବାଦୀମାନେ ଟାର୍ଗେଟ କରୁଛନ୍ତି । ଏହାରି ଭିତରେ ଇସ୍କନ ମନ୍ଦିରରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ । ଇସ୍କନ ମନ୍ଦିରରେ ଥିବା ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତିକୁ ମଧ୍ୟ ପୋଡି ଦେଇଛନ୍ତି । ମନ୍ଦିରରେ ରଖାଯାଇଥିବା ଅବଶିଷ୍ଟ ଜିନିଷଗୁଡ଼ିକ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି । ଏଥିସହ ମନ୍ଦିର ଉପରେ ଆକ୍ରମଣ କରି ଭଙ୍ଗାରୁଜା କରାଯାଇଛି । ନାମହଟ୍ଟା ଇସ୍କନ ମନ୍ଦିରରେ ନିଆଁ ଲାଗିବା ଯୋଗୁ ଏହା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି ।

ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ଶାସନ କାଳରେ, ବାଂଲାଦେଶରେ ସଂଖ୍ୟାଲଘୁ, ବିଶେଷ କରି ହିନ୍ଦୁମାନଙ୍କ ଉପରେ କ୍ରମାଗତ ଆକ୍ରମଣ ଚାଲିଛି । ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ହିଂସା ଘଟଣାକୁ ଭାରତର ଲଗାତର ବିରୋଧ ବିବାରେ ଲାଗିଛି । ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ପରେ ବାଂଲାଦେଶର ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି । ହିନ୍ଦୁ ସମ୍ପ୍ରଦାୟ ଉପରେ ମୌଳିକବାଦୀଙ୍କ ଆକ୍ରମଣ ବିବାରେ ପାଇଛି । ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶରେ ମିଳିତ ଜାତିସଂଘ ଶାନ୍ତି ମିଶନ ନିୟୋଜିତ କରିବାକୁ ଅନୁରୋଧ କରିଥିଲେ । କହିରଖୁ ଯେ, ନଭେମ୍ବର ୨୫ ତାରିଖରେ ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟ କୃଷ୍ଣ ଦାସଙ୍କୁ ବାଂଲାଦେଶର ସ୍ଥିତ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା । ଅକ୍ଟୋବର ୩୧ ତାରିଖରେ ଜଣେ ରାଜନେତାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଥିଲା ।

## ସିରିଆରେ ଗୃହଯୁଦ୍ଧ

# ଭାରତୀୟଙ୍କୁ ଦେଶଛାଡ ନିର୍ଦ୍ଦେଶ



**ଦାମାସକସ୍:** ତୁରନ୍ତ ସିରିଆ ଛାଡ଼ । ସରିଆରେ ବଢୁଥିବା ଗୃହଯୁଦ୍ଧକୁ ଦୃଷ୍ଟିରେ ରଖି ରାତି ଅଧିଆ ଭାରତୀୟଙ୍କ ପାଇଁ ଏଭଳି କିଛି ଆଡଭାଇଜରୀ ଜାରି କରିଛି ବିଦେଶ ମନ୍ତ୍ରଣାଳୟ । ଭାରତୀୟ ନାଗରିକଙ୍କୁ ସିରିଆ ଛାଡିବାକୁ କହିବା ସହ ସିରିଆ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ଦେଇଛନ୍ତି । ସେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ସିରିଆର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ସିରିଆ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି । ଯେଉଁ ଭାରତୀୟମାନେ ସିରିଆ ଛାଡି ପାରୁନାହାନ୍ତି ସେମାନେ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଦୂତାବାସର ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ୯୬୩ ୯୯୩୩୮୫୯୭୩ ଜାରି କରାଯାଇଛି । ଏଥିସହ ଇମେଲ id hoc.damascusmea.gov.inକୁ ମେଲ୍ କରିବାକୁ ଅନୁରୋଧ କରାଯାଇଛି । ସିରିଆରେ ସପ୍ତାହେ ହେବ ଲାଗି ରହିଛି ଗୃହଯୁଦ୍ଧ । ହୟାତ ତହରିର ଅଲ ଶାମ ବିଦ୍ରୋହୀ ଯୁଦ୍ଧ ଆରମ୍ଭ କରିଛନ୍ତି । ଏଥିରେ ପାଖାପାଖି ୩ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି । ସିରିଆରେ ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ସତ୍ତାରୁ ହଟାଇ କବଜା କରିବାକୁ ଚାହୁଁଛି ହୟାତ । ବିଦ୍ରୋହୀ ଗୋଷ୍ଠୀ ହୟାତ ତହରିର ଅଲ ଶାମ, ଦେଶର ଦୁଇଟି ପ୍ରମୁଖ ସହର ଅଲପ୍ପୋ ଓ ହମା ଉପରେ କବଜା କରି ନେଇଛନ୍ତି । ଏବେ ହୋମ୍ସ ସହର କବଜା କରିବାକୁ ଲକ୍ଷ୍ୟ ରଖିଛନ୍ତି । ସିରିଆ ସେନା ବିଦ୍ରୋହୀଙ୍କୁ ଅଟକାଇବାକୁ ଚେଷ୍ଟା ଚଳାଇଛି । ଏଥିରେ ଭୟଙ୍କର ହିଂସା ଦେଖିବାକୁ ମିଳିଛି । ବିଦ୍ରୋହୀ ଦଳ ହୟାତ ତହରିର ଅଲ ଶାମ ମୁଖ୍ୟ ଅବୁ ମହମ୍ମଦ ଅଲ୍-ଜୋଲାନି, ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ଗାଦିଚ୍ୟୁତ କରି ଶାସନ କ୍ଷମତା ହାତେଇବାକୁ ଚାହୁଁଛନ୍ତି ।

## ୧୨ରେ ପୂଜାସ୍ଥଳ ମାମଲାର ଶୁଣାଣି

**ନୂଆଦିଲ୍ଲୀ:** ପୂଜାସ୍ଥଳ ଆଇନ ଅନୁଯାୟୀ ଆସିଥିବା ଯାଚିକା ଗୁଡିକର ଶୁଣାଣି ଲାଗି ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଛନ୍ତି । ଡିସେମ୍ବର ୧୨ରେ ଏହି ଯାଚିକା ଗୁଡିକର ଶୁଣାଣି କରାଯିବ । ପ୍ରଧାନବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ସଞ୍ଜୟ କୁମାର ଓ କେଭି ବିଶ୍ୱନାଥନ ସଦସ୍ୟ ଅଛନ୍ତି ।

ଏହି ଆଇନଟି ୧୯୪୭ ଅଗଷ୍ଟ ୧୫ରେ ଘୋଷଣା ହୋଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ, ସ୍ଥିତାବସ୍ଥା ବଜାୟ ରହିବ । କୌଣସି ବିବାଦୀୟ



ସ୍ଥଳ ବା ଧାର୍ମିକ ସ୍ଥଳ ଗୁଡିକର ଅବରୋଧ ଏହା ପୂର୍ବରୁ ଯାହା ହୋଇଥିବ ତାହା ସ୍ଥିତାବସ୍ଥା ରହିବ । ଏହି ଆଇନ ଅନୁଯାୟୀ ସ୍ଥିତାବସ୍ଥା ବଜାୟ ରଖିବାକୁ କୁହାଯାଇଥିଲା । ତେବେ ଏହି ଆଇନକୁ ଆଧାର କରି ଏହା ସମୀକ୍ଷା ପାଇଁ ଅନେକ ମାମଲା ଦାୟର କରାଯାଇଥିଲା । ଅନେକ ଆବେଦନକାରୀ ଏହି ଆଇନକୁ ଧର୍ମ ନିରପକ୍ଷ ନୀତିର ଉଲ୍ଲଘଂନ ଦର୍ଶାଇଥିଲେ । ଫଳରେ ଅନେକ ହିନ୍ଦୁତ୍ୱବାଦୀ ସେମାନଙ୍କ ଅଭିଯୋଗକୁ ଉଠାଇ ପାରିନଥିଲେ । ଆବେଦନକାରୀ ତଥା ବିଜେପି ନେତା ଅଶ୍ୱିନୀ କୁମାର ଉପାଧ୍ୟାୟ ଓ ଅନ୍ୟମାନେ କହିଛନ୍ତି ଯେ, ପୂଜାସ୍ଥଳ ଆଇନ ଧର୍ମନୀରପେକ୍ଷତାକୁ ଠିକ୍ ସଠିକ ସମ୍ମାନ ଦେଉନଥିବା ବେଳେ ଧାର୍ମିକ ଅଧିକାର ସାବ୍ୟସ୍ତ କରାଯାଉନାହିଁ ।

# ଭାରତୀୟ ସେନାରେ ଆଷ୍ଟ୍ରେରିଆ ଏରୋସ୍ପେସର ଡ୍ରୋନ

**ନୂଆଦିଲ୍ଲୀ:** ଆଷ୍ଟେରିଆ ଏରୋସ୍ପେସ୍ ଭାରତୀୟ ସେନାକୁ ଏଟି-୧୫ ଭର୍ଟିକାଲ୍ ଟେକ୍ ଅଫ୍ ଏବଂ ଲ୍ୟାଣ୍ଡିଂ ଡ୍ରୋନ୍ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି । ଭାରତରେ ଡ୍ରୋନ୍ ପାଇଁ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ ଚୁକ୍ତି ଥିଲା, ଯାହା ଆଷ୍ଟେରିଆ ସଂପୂର୍ଣ୍ଣ କରିଛି । ଏହା ସହ ଦେଶ ସୁରକ୍ଷା ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ଦିଗରେ ଏକ ପାଦ ଆଗକୁ ବଢିଛି । ଏହି ଡ୍ରୋନଗୁଡିକ ଆଭ୍ୟନ୍ତରୀଣ ସୁରକ୍ଷାରେ ସାହାଯ୍ୟ କରିବା ସହିତ ସୀମାବର୍ତ୍ତୀ ଅଞ୍ଚଳରେ ଆକାଶରେ ସେନାର ଆଖି ଭଳି ସେନାର ସାମର୍ଥ୍ୟକୁ ଯଥେଷ୍ଟ ବୃଦ୍ଧି କରିବାରେ ସକ୍ଷମ ହେବେ । ଏହି ଅବସରରେ ଆଷ୍ଟେରିଆ ଏରୋସ୍ପେସର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ନୀଲ ମେହେଟ୍ଟା କହିଛନ୍ତି ଯେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସ୍ୱଦେଶୀ ଭାବରେ ବିକଶିତ ଏଟି-୧୫ ସର୍ଭେଲାନ୍ସ ଡ୍ରୋନଗୁଡିକୁ ହସ୍ତାନ୍ତର କରି ଆମେ ପ୍ରତିରକ୍ଷା ଆବଶ୍ୟକତାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ଦର୍ଶାଇଛୁ । ଏହି 'ମ୍ୟାନ୍ ପୋର୍ଟେବଲ୍' ଡ୍ରୋନର



ଅନେକ ବିଶେଷତା ରହିଛି । ଏହି ଡ୍ରୋନ୍ ଉଚ୍ଚ ପାର୍ବତୀୟ ଅଞ୍ଚଳରେ ମଧ୍ୟ କାମ କରିପାରିବ । ରାତି ହେଉ କି ଦିନ - ଏହାର ଉଚ୍ଚ ରେଜୋଲୁସନ କ୍ୟାମେରା ସ୍ୱଚ୍ଛ ଚିତ୍ର ଦେଖାଇବାରେ ସମର୍ଥ । ଦେଶର ତୋପଗୁଡିକୁ ସଠିକ୍ ଭାବରେ ଲକ୍ଷ୍ୟ ଧାର୍ଯ୍ୟ କରିବାରେ ଏହି ଡ୍ରୋନ୍ ସମ୍ପୂର୍ଣ୍ଣ ସହାୟତା କରିବ । ସେଥିପାଇଁ ଦେଶର ସୀମା ସୁରକ୍ଷିତ ରଖିବାରେ ଏଟି-୧୫ ଡ୍ରୋନ୍ ଦେଶର ସେନା ପାଇଁ ବେଶ ଉପଯୋଗୀ ହୋଇପାରିବ । ଆଷ୍ଟେରିଆ ଏଟି-୧୫ ଡ୍ରୋନର ଏକ ମିଶ୍ରିତ ୱିଙ୍ଗ ଡିଜାଇନ୍ ଅଛି ଯାହା ଉଚ୍ଚ ବେଗରେ ଉଡ଼ିବାରେ ସାହାଯ୍ୟ କରିଥାଏ ଏବଂ ପ୍ରବଳ ପବନରେ ମଧ୍ୟ ଏହି ଡ୍ରୋନ୍ଗୁଡ଼ିକ ଭୂମିଠାରୁ ୬,୦୦୦ ମିଟର ଉଚ୍ଚତାରେ କୌଣସି ଅସୁବିଧା ବିନା କାର୍ଯ୍ୟ କରିପାରିବ । ଏହି ଡ୍ରୋନଗୁଡିକ ଛୋଟ ସ୍ଥାନରୁ ମଧ୍ୟ ଉଡ଼ାଣ କରାଯାଇପାରିବ କାରଣ ଏହା ଭୂଲମ୍ବ (ଭର୍ଟିକାଲ) ଭାବରେ ଉଡାଣ ଏବଂ ଅବତରଣ କରିଥାଏ ।

ଏଟି-୧୫ ର ଉଡ଼ାଣ ସମୟ ହେଉଛି ୧୨୦ ମିନିଟ୍ ଏବଂ ଭିଜୁଆଲ୍ ରେଞ୍ଜ୍ ୨୦ କିଲୋମିଟର ରହିଛି । ଏହାର ଅର୍ଥ ଏହା ଶତ୍ରୁର କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିପାରିବ । ଏହି ଡ୍ରୋନରେ ଇଓ-ଆଇଆର ପେଲୋଡ୍ ସଜ୍ଜିତ ହୋଇଛି ଯାହା ଜୁମ୍ କରି ଜିନିଷଗୁଡିକୁ ଅଧିକ ସ୍ୱଷ୍ଟ ଭାବରେ ଦେଖାଇପାରେ, ତେଣୁ ଏଥିରୁ ଉତ୍ତମ ତଥ୍ୟ ଓ ଇଣ୍ଟେଲିଜେନ୍ସ ପ୍ରାପ୍ତ ହୋଇପାରିବ । ଏହା ହାଲୁକା, ଶକ୍ତିଶାଳୀ ଏବଂ 'ମ୍ୟାନ୍ ପୋର୍ଟେବଲ୍' ଅଟେ, ଅର୍ଥାତ୍ ଏହାକୁ ଯେକୌଣସି ସ୍ଥାନକୁ ନେବା ପାଇଁ କୌଣସି ମେସିନର ଆବଶ୍ୟକତା ନାହିଁ ।

## ଦିଲ୍ଲୀରେ ସହିଦ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ

**ନୂଆଦିଲ୍ଲୀ:** ସ୍ୱାଧିନତା ସଂଗ୍ରାମର ଅଦିତ୍ୟ ଯୋଦ୍ଧା ଜୟ ରାଜଗୁରୁଙ୍କ ପୂର୍ଣ୍ଣ ବଳିଦାନ ଦିବସ ନୂଆଦିଲ୍ଲୀର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜୟ ରାଜଗୁରୁଙ୍କ ସ୍ମୃତିରେ ଜୟ ରାଜଗୁରୁ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ବଳିଦାନ ଦିବସରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି, ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ପାଦକ ରବିନ୍ଦ୍ର ପ୍ରଧାନ, କଳା ଐତିହାସିକ ଦିଲ୍ଲୀପ କୁମାର ତ୍ରିପାଠୀ, କବି ବିରଜା ମହାପାତ୍ର ବକ୍ତା ଉପରେ ଯୋଗଦେଇଥିଲେ । ଜୟ ରାଜଗୁରୁଙ୍କ ନେତୃତ୍ୱରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୦୩ରେ ଇଂରେଜମାନଙ୍କ ବିରୋଧରେ ଯେଉଁ ଆରମ୍ଭ ହୋଇଥିଲା ତାହା ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଉଚିତ ବୋଲି ମୁଖ୍ୟ ଅତିଥି କହିଥିଲେ । ଶିଶୁ କଣ୍ଠଶିଳ୍ପୀ କୀର୍ତ୍ତେଶ ଦାସ ଓ ଦିବ୍ୟେସ ଦାସ ରାଜଗୁରୁଙ୍କ ସମ୍ପର୍କିତ ଏକ ସଂଗୀତଗାନା କରିଥିଲା ବେଳେ ଡ. ନିର୍ମଳ ପଟ୍ଟନାୟକ, ସଂଗ୍ରାମ ଧର, ସୁବ୍ରତ ପୃଷ୍ଟି, ପ୍ରକାଶ ନାୟକ, ଦେବାଂଶି ଦାସ ପ୍ରମୁଖ ସହିଦଙ୍କ ସ୍ମୃତିଚାରଣ କରିଥିଲେ । ଫାଉଣ୍ଡେସନ୍‌ର ଟ୍ରଷ୍ଟି ନବଜ୍ୟୋତି ଦାସ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ଅନ୍ୟତମ ଟ୍ରଷ୍ଟି ରାମଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାସ୍ୟ ଅଭିନେତା କବୀର ସିଂହଙ୍କ ପରଲୋକ

**ନୂଆଦିଲ୍ଲୀ:** ଜଣାଶୁଣା 'ଷ୍ଟାଣ୍ଡ ଅପ୍ କମେଡିଆନ୍' ତଥା ୨୦୨୧ର 'ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ' ପ୍ରତିଯୋଗୀ କବୀର 'କାବିଜୀ' ସିଂଙ୍କର ଦେହାନ୍ତ ହୋଇଛି । ୩୯ବର୍ଷ ବୟସରେ ସାନ ଫ୍ରାନ୍ସିସ୍କୋରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ପଛର କାରଣ ଜଣାପଡ଼ିନଥିବା ବେଳେ ଶୋଇଥିବା ସମୟରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ତାଙ୍କର କିଛି ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା ବୋଲି ସାମ୍ନାକୁ ଆସିଛି । କବୀର ସିଂହଙ୍କ ଭାବିପତ୍ନୀ କହିଛନ୍ତି ଯେ, ଡିସେମ୍ବର ୪ରେ ତାଙ୍କର ମୃତ୍ୟୁ ହୋଇଥିଲା । ଶୋଇଥିବା ବେଳେ ହିଁ ସେ ଏ ଦୁନିଆରୁ ବିଦାୟ ନେଇଥିଲେ । ଡିସେମ୍ବର ୫ରେ କବୀରଙ୍କ ବନ୍ଧୁ ଜେରେମି କ୍ୟୁରୀ ହାସ୍ୟ ଅଭିନେତାଙ୍କ ମୃତ୍ୟୁ ବିଷୟରେ



ଫେସବୁକରେ ପୋଷ୍ଟ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ସେ ଶାନ୍ତିରେ ଆରପାରିକୁ ଚାଲିଯାଇଥିବା ଜଣାଇଥିଲେ । କବୀରଙ୍କ ଅନ୍ତିମ ସଂସ୍କାର ଡିସେମ୍ବର ୧୪ରେ ହେୱାର୍ଡରେ ହେବ ।

## ଅହମ୍ମଦାବାଦରେ 'ଲୋକ ସେବା ଉତ୍ସବ'

**ଅହମ୍ମଦାବାଦ (ପିଆଇବି):** କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଅହମ୍ମଦାବାଦଠାରେ ଗୁଜୁରାଟ ଲୋକସେବା ଟ୍ରଷ୍ଟ ଦ୍ୱାରା ଆୟୋଜିତ 'ଲୋକ ସେବା ଉତ୍ସବ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ଗୁଜରାଟ ଲୋକସେବା ଟ୍ରଷ୍ଟ ୩୪ ବର୍ଷ ପୂରଣ କରିଛି ଏବଂ ଏହାର ୩୫ତମ ବର୍ଷରେ ପ୍ରବେଶ କରୁଛି । ସେ କହିଥିଲେ ଯେ ଯେଉଁ ସଂଗଠନ ୩୫ ବର୍ଷ ଧରି ଏକ ଉଦ୍ଦେଶ୍ୟରେ ନିରନ୍ତର ଭାବରେ କାର୍ଯ୍ୟ କରୁଛି ତାହା ପ୍ରଶଂସାର ଯୋଗ୍ୟ । କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଜ୍ଞାନ କେବଳ କିଛି ଅକ୍ଷରରେ ଅନ୍ତର୍ଭୁକ୍ତ ଏବଂ ପ୍ରକୃତ ଜ୍ଞାନ ନିଜଠାରୁ ଅନ୍ୟକୁ ପ୍ରଦାନ କରିବା ଏବଂ ନିଜ ଆଗରେ ଅନ୍ୟର କଲ୍ୟାଣକୁ ପ୍ରାଥମିକତା ଦେବାରେ ହିଁ ରହିଛି । ଜନସେବା ଓ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ବୁଝନ୍ତି ଯେ ଅନ୍ୟମାନଙ୍କ ପାଇଁ କାମ କରିବା ଦ୍ୱାରା ହିଁ ସବୁଠାରୁ ଅଧିକ ଆତ୍ମସନ୍ତୋଷ ମିଳିଥାଏ ବୋଲି ସେ କହିଛନ୍ତି । ଅନ୍ୟର ସେବା କରିବାର ପ୍ରବୃତ୍ତି ହିଁ ବ୍ୟକ୍ତିର ମନ, ଆତ୍ମା ଓ ବୁଦ୍ଧିକୁ ଶାନ୍ତି ଦେଇଥାଏ ବୋଲି ଶ୍ରୀ ଶାହ କହିଛନ୍ତି । ଶ୍ରୀ ଅମିତ ଶାହ କହିଥିଲେ ଯେ ଗତ ୩୪ ବର୍ଷ ମଧ୍ୟରେ ଲୋକସେବା ଟ୍ରଷ୍ଟ ଅସହାୟ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା, ଭିନ୍ନକ୍ଷମଙ୍କୁ ସାହାଯ୍ୟ ଓ ସହାୟତା କରିବା, ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇବା ଏବଂ ଲୋକଙ୍କୁ ସେମାନଙ୍କ ଘରେ ପହଞ୍ଚି ପ୍ରାୟ ସମସ୍ତ ସରକାରୀ ଯୋଜନା ସହିତ ଯୋଡ଼ିବା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପାଞ୍ଚ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଜୀବନରେ ପରିବର୍ତ୍ତନ ଆଣିଛି ।

## ଇଣ୍ଡିଆ' ମେଣ୍ଟର ନେତୃତ୍ୱ ନେବେ ମମତା !

**ନୂଆଦିଲ୍ଲୀ:** ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତୃତ୍ୱ ନେବାକୁ ମମତା ବାନାର୍ଜୀଙ୍କ ଆଗ୍ରହ ଦେଖି କଂଗ୍ରେସ ଛାନିଆ । ସେପଟେ ଦିଦିଙ୍କ ସମର୍ଥନରେ ବାହାରିଛି ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି । କେବଳ କଂଗ୍ରେସ କି ସପା ନୁହେଁ, ମମତାଙ୍କ ବୟାନ ପରେ ବିରୋଧୀ ମେଣ୍ଟରେ ଥିବା ଆରଜେଡି, ବାମଦଳ ଓ ଉଦ୍ଧବ ଠାକରେଙ୍କ ଶିବସେନା ମଧ୍ୟ ଏହି ପ୍ରସଙ୍ଗରେ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି । ବାସ୍ତବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଶୁକ୍ରବାର ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତୃତ୍ୱକୁ ନେଇ ଏକ ବୟାନ ଦେଇଥିଲେ । ନିକଟରେ ହୋଇଥିବା ନିର୍ବାଚନ ଏବଂ ଉପ-ନିର୍ବାଚନରେ ଇଣ୍ଡିଆ ବ୍ଲକର ପ୍ରଦର୍ଶନକୁ ନେଇ ମମତା ବାନାର୍ଜୀ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଏଭଳି ପରିଣାମ ପାଇଁ ସେ ଏହାର ନତୃତ୍ୱକୁ ଦାୟୀ କରିଥିଲେ । ସେତିକି ନୁହେଁ, ସେ ନିଜେ ଏହାର ନେତୃତ୍ୱ ନେବାକୁ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି । ଯାହାକୁ ନେଇ ବିରୋଧୀ ମେଣ୍ଟରେ ପୁଣି ଆରମ୍ଭ ହୋଇଛି ତୁତୁ.. ମେମେ ।

କଂଗ୍ରେସ ନେତା ଟିଏସ୍ ସିଂହଦେଓ ଏହାକୁ ମମତାଙ୍କର ନିଜସ୍ୱ ମତ ବୋଲି କହିଛନ୍ତି । ସେ କହିଛନ୍ତି, 'ମମତା ଇଣ୍ଡିଆ ମେଣ୍ଟର ଜଣେ ସଦସ୍ୟ । ଯାହା ବି ଆଲୋଚନା ହୁଏ, ସ୍ୱାଭାବିକ ଯେ ସମସ୍ତେ ଏକାଠି ବସି ନିଷ୍ପତ୍ତି ନେବେ । ସେହିପରି କଂଗ୍ରେସ ସାଂସଦ ବର୍ଷା ଗାଇକୱାଡ କହିଛନ୍ତି ଯେ କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟ ଖରାପ ପ୍ରଦର୍ଶନ କରୁଥିବା ମମତା ବାନାର୍ଜୀ ଅନୁଭବ କରୁଛନ୍ତି, କିନ୍ତୁ ଆମେ ସେପରି ଅନୁଭବ କରୁନାହୁଁ । ଏନେଇ ଆଲୋଚନା ହୋଇପାରେ । ତାଙ୍କ ଦଳ ତାଙ୍କ କଥାରେ ଚାଲିଥାଏ । ଆମେ କିନ୍ତୁ କଂଗ୍ରେସର ନିର୍ଦ୍ଦେଶ ପାଳନ କରୁଛ କଂଗ୍ରେସ ନେତା ରସିଦ ଅଲଭି ମେଣ୍ଟ ମଧ୍ୟରେ ସହମତିର ଆବଶ୍ୟକତା ଅଛି ବୋଲି କହିଛନ୍ତି । ସେହିଭଳି ଅନ୍ୟତମ କଂଗ୍ରେସ ସାଂସଦ ତରିକ ପୁନିଆ ଏହି ପ୍ରସଙ୍ଗ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରାଯିବା ଉଚିତ ବୋଲି କହିଛନ୍ତି ।



# ଏମ୍‌ଭିଏ ଛାଡିଲା ଏସ୍‌ପି

**ଲକ୍ଷ୍ନୌ:** ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମଭିଏ)କୁ ଶକ୍ତ ଝଟକା ଲାଗିଛି । ଏମଭିଏରେ ଥିବା ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ଆଜି ମେଣ୍ଟରୁ ଓହରି ଯାଇଛି । ଉଦ୍ଧବ ଠାକରେଙ୍କ ଜଣେ ଘନିଷ୍ଠ ସହଯୋଗୀ ବାବ୍ରୀ ମସଜିଦ ଭଙ୍ଗା ଯିବା ଘଟଣାରେ ବିବାଦୀୟ ବୟାନ ଦେବାରୁ ସପା ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ବାବ୍ରୀ ମସଜିଦ ଭଙ୍ଗା ଯିବା ଘଟଣାର ୩୨ ବର୍ଷ ପୂର୍ତ୍ତି ଅବସରରେ ଉଦ୍ଧବ ଠାକରେଙ୍କ ଶିବସେନାର ବରିଷ୍ଠ ନେତା ମିଲିନ୍ଦ ନରଭେକର ସୋଶାଲ ମିଡିଆରେ ଗୋଟିଏ ପୋଷ୍ଟ କରିଛନ୍ତି । ସେ ପୋଷ୍ଟ କରିଥିବା ଫଟୋରେ ବାବ୍ରୀ ମସଜିଦକୁ ଭଙ୍ଗା ଯାଉଛି । ଏଥିରେ ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ଗୋଟିଏ ଉକ୍ତି ରହିଛି । ବାଲା ସାହେବ ଏଥିରେ କହିଛନ୍ତି, ଏହାକୁ ଯେଉଁମାନେ କରିଛନ୍ତି(ଭାଙ୍ଗିଛନ୍ତି) ସେମାନଙ୍କ ପାଇଁ ମୁଁ ଗର୍ବିତ । ଏହି ଫଟୋରେ ଉଦ୍ଧବ ଠାକରେ, ଆଦିତ୍ୟ ଠାକରେ ଓ ନରଭେକରଙ୍କ ଫଟୋ ମଧ୍ୟ ରହିଛି । ଏପରି ପୋଷ୍ଟକୁ ବିରୋଧ



କରି ସପା ଏମଭିଏରୁ ଓହରି ଯାଇଛି । ମହାରାଷ୍ଟ୍ରରେ ସପାର ୨ ଜଣ ବିଧାୟକ ରହିଛନ୍ତି । ଆଜି ବିଧାନସଭାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଏମଭିଏ ଦଳଗୁଡ଼ିକ ଇଭିଏମକୁ ଦୋଷ ଦେଇ ବୟକଟ କରିଥିଲେ । ହେଲେ ସପାର ରାଜ୍ୟ ସଭାପତି ତଥା ବିଧାୟକ ଅବୁ ଅସିମ ଅଜମି ଓ ବିଧାୟକ ରୈସ ଶେଖ ଏମଭିଏ ନିଷ୍ପତ୍ତିକୁ ଖାତିର ନ କରି ବିଧାୟକ ଭାବେ ଶପଥ ନେଇଛନ୍ତି । ଅଜିମ ଗୋଟିଏ ବିବୃତିରେ କହିଛନ୍ତି, ସାଂପ୍ରଦାୟିକ ବିଚାରଧାରା ସହ ସପା କେବେ ହେଲେ ରହିପାରିବ ନାହିଁ । ତେଣୁ ଆମେ ମହା ବିକାଶ ଅଘାଡ଼ିରୁ ନିଜକୁ ପୃଥକ କରୁଛୁ । ଶିବସେନା(ୟୁବିଟି) ପକ୍ଷରୁ ଖବରକାଗଜରେ ବିଜ୍ଞାପନ ଦିଆଯାଇ ବାବ୍ରୀ ମସଜିଦକୁ ଧ୍ୱଂସ କରିଥିବା ଲୋକଙ୍କୁ ଶୁଭେଚ୍ଛା ଜଣାଯାଉଛି । ତାଙ୍କ (ଉଦ୍ଧବ ଠାକରେ) ସହଯୋଗୀ ମଧ୍ୟ ଏକ୍ସରେ ପୋଷ୍ଟ କରି ମସଜିଦ ଭଙ୍ଗା ଘଟଣାକୁ ପ୍ରଶଂସା କରୁଛନ୍ତି । ଆମେ ଏମଭିଏରୁ ଓହରି ଯାଉଛୁ । ମୁଁ ସମାଜବାଦୀ ସଭାପତି ଅଖିଲେଶ ଯାଦବଙ୍କ ସହ କଥା ହୋଇ ସାରିଛି । ଏମଭିଏରେ ଥିବା କେହି ଯଦି ଏମିତି ଭାଷା କହିବେ, ତା'ହେଲେ ବିଜେପି ଓ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ? କାହିଁକି ଆମେ ସେମାନଙ୍କ ସହ ରହିବୁ । ମହାରାଷ୍ଟ୍ରରେ ଅନୁଷ୍ଠିତ ଲୋକସଭା ଓ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ସପା ବିରୋଧୀ ମେଣ୍ଟ ଏମଭିଏ ସହ ହାତ ମିଳାଇ ପ୍ରାର୍ଥୀ ଦେଇଥିଲେ । ହେଲେ ଏବେ ମେଣ୍ଟରୁ ଦଳ ଓହରି ଯାଇଛି ।

# ମ୍ୟାଚ ବଞ୍ଚାଇବାକୁ ଭାରତର ସଂଘର୍ଷ

ଆଡିଲେଡ୍,୭।୧୨(ଏଜେନ୍ସି): ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଟିମ ଇଣ୍ଡିଆ ଆଣ୍ଠେଇଛି । ଆଡିଲେଡ ଓଭାଲରେ ଖେଳା ଯାଉଥିବା ପିଙ୍କ ବଲ ଟେଷ୍ଟରେ ଭାରତର ସ୍ଥିତି ଅତି ଦୟନୀୟ ହୋଇପଡ଼ିଛି । ଏପରିକି ଟିମ୍ ଇଣ୍ଡିଆ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ପ୍ରଥମ ଇନିଂସରେ ମାତ୍ର ୧୮୦ ରନ କରିଥିବା ଭାରତ ଏବେ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ କେବଳ ୧୨୮ ରନ କରିଛି । ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଟ୍ରେଭିସ ହେଡଙ୍କ ୧୪୦ ରନ ବଳରେ ୩୩୭ ରନ କରିଥିଲା । ଫଳରେ ଘରୋଇ ଟିମକୁ ୧୫୭ ରନର ଅଗ୍ରଣୀ ମିଳିଥିଲା ।



୧୫୭ ରନ ପଛରେ ଥିବା ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୧୨୮ ରନ କରିଛି । ଏବେ ଦଳ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି । ମ୍ୟାଚ୍ ଶେଷ ହେବାକୁ ଆହୁରି ୩ ଦିନ ବାକି ଥିବାରୁ ଭାରତ ଏବେ ପରାଜୟ ଏଡ଼ାଇବାକୁ ସଂଘର୍ଷ ଜାରି ରଖିଛି । ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଋଷଭ ପନ୍ତ ୨୫ ବଲରେ ୨୮ ଓ ନୀତୀଶ କୁମାର ରେଡ୍ଡୀ ୧୪ ବଲରେ ୧୫ ରନ କରି ଅପରାଜିତ ରହିଛନ୍ତି । ଏହି ଦୁଇ ଜଣଙ୍କ ଉପରେ ଏବେ ସବୁ କିଛି ନର୍ଭର କରୁଛି । କାରଣ ଏହାପରେ ଆଉ କୌଣସି ବ୍ୟାଟର ନାହାନ୍ତି । ଭାରତ ୨୪ ଓଭର ବ୍ୟାଟିଂ କରି ତା'ର ସମସ୍ତ ୫ ଟପ ଅର୍ଡର ବ୍ୟାଟରଙ୍କୁ ହରାଇଛି ।

ରୋହିତଙ୍କ ନେତୃତ୍ୱରେ ଭାରତ ପରାଜୟ ଦ୍ୱାରଦେଶରେ ପହଞ୍ଚି ଯାଇଛି । ରୋହିତ ମଧ୍ୟ ଦୁଇଟି ଯାକ ଇନିଂସରେ ନିଜର ପାରମ୍ପରିକ ଓପନିଂ ପୋଜିସନ ଛାଡ଼ି ୬ନଂରେ ବ୍ୟାଟିଂ କରିଥିଲେ । ହେଲେ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ସେ କେବଳ ୬ ରନ କରିପାରିଛନ୍ତି । ଅନ୍ୟତମ ଅଭିଜ୍ଞ ବ୍ୟାଟର ବିରାଟ କୋହଲି ବି ପିଙ୍କ ବଲ ଟେଷ୍ଟର ଉଭୟ ଇନିଂସରେ ଫେଲ ମାରିଛନ୍ତି । ଭାରତ ୧୨ ରନରେ ଓପନର କେଏଲ ରାହୁଲ(୭)ଙ୍କୁ ହରାଇଥିଲା । ତାଙ୍କ ୱିକେଟ ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ ନେଇଥିଲେ ।

ପ୍ରଥମ ଇନିଂସରେ ରୟାଲ ଡକ ଅର୍ଥାତ ମ୍ୟାଚର ପ୍ରଥମ ବଲରେ ଆଉଟ ହୋଇଥିବା ଯଶସ୍ୱୀ ଜୈସୱାଲ ଲୟରେ ଥିବା ଭଳି ଲାଗୁଥିଲେ । ସେ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ବୋଲିଂକୁ ସାମ୍ନା କରି କିଛି ବାଉଣ୍ଡରୀ ମଧ୍ୟ ମାରିଥିଲେ । ହେଲେ ସ୍କଟ ବୋଲାଣ୍ଡ ୯ମ ଓଭରର ପ୍ରଥମ ବଲରେ ୨୪ ରନ କରିଥିବା ଯଶସ୍ୱୀଙ୍କୁ ଆଉଟ କରି ଦେଇଥିଲେ । ବିରାଟ କୋହଲି ୧୧ରନ କରି ପୁଣିଥରେ ସମସ୍ତଙ୍କୁ ନିରାଶ କରିଛନ୍ତି । ତାଙ୍କ ୱିକେଟ ବି ବୋଲାଣ୍ଡଙ୍କ ଖାତାକୁ ଯାଇଛି । ପ୍ରଥମ ଇନିଂସରେ ସେ କେବଳ ୭ ରନ କରିଥିଲେ । ବିରାଟ ଆଉଟ ହେବା ବେଳେ ଦଳୀୟ ସ୍କୋର ୬୬ ରହିଥିଲା । ଏତିକି ବେଳେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ପ୍ରଥମ ବଲରେ ହିଁ ଚୌକା ମାରିଥିଲେ । ସେ କେବଳ ବାଉଣ୍ଡରୀ ମାରୁଥିବା ବେଳେ ଅନ୍ୟପଟେ ୨୮ ରନ କରିଥିବା ଶୁବମନ ଗିଲଙ୍କୁ ଷ୍ଟାର୍କ କ୍ଲିନବୋଲ୍ଡ କରି ଭାରତକୁ ୪ର୍ଥ ଝଟକା ଦେଇଥିଲେ । ଦଳୀୟ ସ୍କୋର ୮୬ ଥିବା ବେଳେ କ୍ରିଜକୁ ଆସିଥିଲେ ଅଧିନାୟକ ରୋହିତ ଶର୍ମା । ତାଙ୍କ ଠାରୁ ସମସ୍ତେ ବଡ଼ ଇନିଂସର ଆଶା ରଖିଥିଲେ । ହେଲେ ରୋହିତ କେବଳ ୬ ରନ କରି ପାଟ କମିନ୍ସଙ୍କ ବଲରେ ବୋଲ୍ଡ ହୋଇ ଯାଇଥିଲେ । ୧୦୫ ରନରେ ଭାରତର ଅଧା ଖେଳାଳି ପ୍ୟାଭିଲିୟନ ଫେରିଥିଲେ । ରୋହିତଙ୍କ ପରେ ଆସିଥିବା ନୀତୀଶ କୁମାର ରେଡ୍ଡୀ ଓ ପନ୍ତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ଉଭୟ ଏକାଠି ୩ ଓଭର ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୧୨୮ ରନରେ ପହଞ୍ଚାଇ ଦେଇଛନ୍ତି । ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି । ତେଣୁ ଏହି ଦୁଇ ବ୍ୟାଟର ତୃତୀୟ ଦିନରେ କେମିତି ବ୍ୟାଟିଂ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିବ ।

## ଶେଷ ୨ଟି ମ୍ୟାଚ ଖେଳି ପାରନ୍ତି ସାମୀ

ଟିମ୍ ଇଣ୍ଡିଆର ପ୍ରମୁଖ ବୋଲର ମହମ୍ମଦ ସାମୀ ଅଷ୍ଟ୍ରେଲିଆ ଗସ୍ତରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ସେ ଅନଫିଟ ଥିବାରୁ ଏହି ଗସ୍ତରେ ଯାଇ ନ ଥିଲେ । ଏବେ ସେ ସମ୍ପୂର୍ଣ୍ଣ ଫିଟ ହୋଇଛନ୍ତି । ରିପୋର୍ଟ ମୁତାବକ ତାଙ୍କ ପ୍ଲେଇଙ୍ଗ କିଟ ଅଷ୍ଟ୍ରେଲିଆରେ ପହଞ୍ଚି ସାରିଛି । ଏନସିଏ ମେଡିକାଲ ଟିମରୁ ମଂଜୁରୀ ପାଇବା ମାତ୍ରେ ସେ ଅଷ୍ଟ୍ରେଲିଆ ଯିବେ । ଡିସେମ୍ବର ୧୪ରୁ ବ୍ରିସବେନରେ ଖେଳାଯିବାକୁ ଥିବା ଟେଷ୍ଟ ପୂର୍ବରୁ ସେ ପହଞ୍ଚିବା ସମ୍ଭବନା ରହିଛି । ସେ ୨୬ ଡିସେମ୍ବରରୁ ହେବାକୁ ଥିବା ବକ୍ସିଂ ଡେ ଟେଷ୍ଟ ଖେଳିପାରନ୍ତି ବୋଲି ଆଶା ବ୍ୟକ୍ତ କରାଯାଇଛି । ୨୦୨୩ ଦିନିକିଆ ବିଶ୍ୱକପ ପରଠାରୁ ସାମୀ ଆଉ କୌଣସି ଅନ୍ତର୍ଜାତୀୟ ମ୍ୟାଚ ଖେଳି ନାହାନ୍ତି ।

## ବ୍ରାଡମ୍ୟାନଙ୍କ ସମକକ୍ଷ ଟ୍ରେଭିସ ହେଡ୍

ଆଡିଲେଡ ଓଭାଲରେ ଟ୍ରେଭିସ ହେଡ୍‌ଙ୍କ ରନ ବର୍ଷା ଦେଖିବାକୁ ମିଳିଛି । ସେ ଶନିବାର ଭାରତ ବିପକ୍ଷ ପିଙ୍କ ବଲରେ ଦମଦାର ୧୪୦ ରନର ଇନିଂସ ଖେଳିଛନ୍ତି । ଏହା ଆଡିଲେଡ ଓଭାଲରେ ହେଡ୍‌ଙ୍କ ତୃତୀୟ ଶତକ । ହୋମ ଟାଉନ ହିରୋ ହେଡ୍ ଭାରତୀୟ ବୋଲରଙ୍କ ଧୂଳେଇ କରି ମାତ୍ର ୧୧୧ ବଲରେ ଶତକ ହାସଲ କରିଛନ୍ତି । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୮ମ ଓ ଭାରତ ବିପକ୍ଷରେ ଦ୍ୱିତୀୟ । ଏହାପୂର୍ବରୁ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ଭାରତ ବିପକ୍ଷରେ ସେ ଶତକ ମାରିଥିଲେ ।



ହେଡ ତାଙ୍କ ୧୪୦ ରନର ଇନିଂସରେ ୧୭ଟି ଚୌକା ଓ ୪ଟି ଛକା ମାରିଛନ୍ତି । ସେ ବୁମରାଙ୍କୁ ସତର୍କତାର ସହ ଖେଳିଥିବା ବେଳେ ବାକି ଭାରତୀୟ ବୋଲରଙ୍କ ଉପରେ କଡ଼ା ପ୍ରହାର କରିଛନ୍ତି । ଆଡିଲେଡରେ ଶତକ ମାରିବା ପରେ ସେ କିମ୍ବଦନ୍ତୀ କ୍ରିକେଟର ଡନ ବ୍ରାଡମ୍ୟାନଙ୍କ ସମକକ୍ଷ ହୋଇଛନ୍ତି । ହେଡ ଓ ବ୍ରାଡମ୍ୟାନ ସମାନ ୩ଟି ଲେଖାଏଁ ଶତକ ମାରିବାର ରେକର୍ଡ କରିଛନ୍ତି । ଆଡିଲେଡରେ ହେଡ ୭ଟି ମ୍ୟାଚରେ ୩ଟି ଶତକ(୧୦୦) ଓ ୨ଟି ଅର୍ଦ୍ଧଶତକ(୫୦) ମାରିଛନ୍ତି ।

ତେବେ ଆଡିଲେଡ ଓଭାଲରେ ସର୍ବାଧିକ ଶତକ ମାରିବାର ରେକର୍ଡ ମାଇକେଲ କ୍ଲାର୍କଙ୍କ ନାଁରେ ରହିଛି । ସେ ୧୦ଟି ମ୍ୟାଚରେ ୭ଟି ଶତକ ମାରିଛନ୍ତି । ତାଙ୍କ ପଛକୁ ରିକି ପଣ୍ଟିଂ ୧୭ ମ୍ୟାଚରେ ୬ଟି, ଡେଭିଡ ବୁନ ୧୨ଟି ମ୍ୟାଚରେ ୪ଟି, ଆଲାନ ବର୍ଡର ୧୬ଟି ମ୍ୟାଚରେ ୪ଟି, ଡନ ବ୍ରାଡମ୍ୟାନ ୭ଟି ମ୍ୟାଚରେ ୩ଟି, ଟ୍ରେଭିସ ହେଡ ୭ଟି ମ୍ୟାଚରେ ୩ଟି, ଡିନ ଜୋନ୍ସ ୬ଟି ମ୍ୟାଚରେ ୩ଟି ଓ ମାର୍ନସ ଲାବୁଶେନ ୬ଟି ମ୍ୟାଚରେ ୩ଟି ଶତକ ମାରିଛନ୍ତି ।







## ଜାହୀରଙ୍କୁ ପଛରେ ପକାଇଲେ ବୁମରା

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମରା କମାଲ କରିଛନ୍ତି । ସେ ଜାହୀର ଖାନଙ୍କୁ ପଛରେ ପକାଇଛନ୍ତି । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଭାରତ ପକ୍ଷରୁ ସର୍ବାଧିକ ୱିକେଟ କପିଳ ଦେବଙ୍କ ନାମରେ ରହିଛି । ସେ ୧୯୮୩ରେ ୭୫ ଓ ୧୯୮୪ରେ ୭୪ ୱିକେଟ ହାସଲ କରିଥିଲେ । ତାଙ୍କ ପଛକୁ ଜାହୀର ୫୧ ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏବେ ବୁମରା ୫୨ ୱିକେଟ ନେଇ ଜାହୀରଙ୍କୁ ପଛରେ ପକାଇ ଦେଇଛନ୍ତି ।

ଓଭରାଲ ଏହି ରେକର୍ଡ ଡେନିସ ଲିଲିଙ୍କ ନାମରେ ରହିଛି । ସେ ୧୯୮୧ରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୮୫ ୱିକେଟ ନେଇଥିଲେ । ଦକ୍ଷିଣ ଆଫ୍ରିକାର ଆଲାନ ଡୋନାଲ୍ଡ ୧୯୯୮ରେ ୮୦ ୱିକେଟ୍, ୱେଷ୍ଟଇଣ୍ଡିଜର ଜୋଏଲ ଗାର୍ଣ୍ଣର ୧୯୮୪ରେ ୭୯ ୱିକେଟ ନେଇଥିଲେ ।

### କିଟ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ

## ଅରନ୍ୟକ ଆଗୁଆ

ଭୁବନେଶ୍ୱର,୭।୧୨(ସବ୍ୟୁ): ୧୫ତମ କିଟ୍ ଅନ୍ତର୍ଜାତୀୟ ଚେସ ଫେଷ୍ଟିଭାଲ ଜାରି ରହିଛି । ବର୍ଗ-ଏ ପର୍ଯ୍ୟାୟ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ବର୍ଗ-ସି ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏ ବର୍ଗର ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା ୨୫୪୭ ରେଟିଂ ପଏଣ୍ଟ ଧାରୀ ଅରନ୍ୟକ ଘୋଷ ୬ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି । ଏହି ବର୍ଗରେ କୌସ୍ତୁଭ କୁଣ୍ଡୁ ଦ୍ୱିତୀୟ ଏବଂ ସାଭଚେଙ୍କୋ ବୋରିସ୍ ତୃତୀୟ ସ୍ଥାନରେ ରହିଛନ୍ତି ।



ସି ବର୍ଗରେ ମୋଟ୍ ୪୪୩ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୨୭୦ ଜଣ ଭାଗ ନେଇଛନ୍ତି । ସାଇପ୍ରସ୍, ନେପାଳ, କେନିଆ, ଶ୍ରୀଲଙ୍କା ଏବଂ ଭାରତର ୨୦ଟି ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏହି ବର୍ଗରେ ମୋଟ୍ ୧୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ଭାରତର ଶଙ୍କର ଜାଇଗୋର ୪ ପଏଣ୍ଟ ସହ ପ୍ରଥମ, ମୟଙ୍କ ସନ୍ତୋଷ ହେଡାଉ ଦ୍ୱିତୀୟ, ସିଦ୍ଧାର୍ଥ ଚନ୍ଦ୍ର ତୃତୀୟ ସ୍ଥାନରେ ରହିଛନ୍ତି ।

## ୧୧ରେ ଜାତୀୟ ମହିଳା ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତ

ଟାଙ୍ଗୀ,୭।୧୨ (ସବ୍ୟୁ): ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ।ଦେବୀ ଦୂର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ତପନ କୁମାର ମହାନ୍ତି ସ୍ଥାନିୟ ଦୂର୍ଗା ମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଘୋଷଣା କରିଛନ୍ତି । ଏହି ଜାତୀୟ ମହିଳା ଟୁର୍ଣ୍ଣାମେଣ୍ଟରେ ବିହାର, ଝାଡଖଣ୍ଡ, ଛତିଶଗଡ, କୋଲକାତା ୪ ଟି ରାଜ୍ୟ ରୁ ଓ କଟକ, ଭୁବନେଶ୍ୱର ସମେତ ଓଡିଶା ର ୪ ଟି ସ୍ୱନାମଧନ୍ୟ ମହିଳା ଫୁଟବଲ ଟିମ ଏଥିରେ ଅଂଶଗ୍ରହଣ କରୁଥିବା ଜଣାପଡିଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ଫାଉଣ୍ଡର ମେମ୍ବର ପ୍ରଦିପ୍ କୁମାର ମହାପାତ୍ର, ଆଡଭୋକେଟ ବିଶ୍ୱଜିତ ରାଉତରାୟ, ନିରଞ୍ଜନ ନାୟକ, ବ୍ରଜବନ୍ଧୁ ଦାସ,ଟାଙ୍ଗୀ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ବେହେରା, ବିଭୂତି ବଳିୟାରସିଂ, ମୂରଲୀଧର ମହାନ୍ତି, ବଗୁଲି ବେହେରା, କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ଦାସ, ମୁନା ସେଠୀ, ରବିନ୍ଦ୍ର ପୃଷ୍ଟି , ଅଶ୍ୱିନି ଦାସ, ବସନ୍ତ ସାହୁ ପ୍ରମୁଖ ସଭ୍ୟ, ପଦାଧିକାରୀ ଯୋଗଦେଇଥିଲେ । ମହିଳା ସଶକ୍ତିକରଣର ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି ।

## କାଉଁରିଆପାଳ କ୍ରିକେଟ୍: ଗୁଣଦେଇ ଚାମ୍ପିଅନ

ଢେଙ୍କାନାଳ,୭।୧୨ (ସବ୍ୟୁ): ୟୁଥ କ୍ରିକେଟ୍ କ୍ଲବ, କାଉଁରିଆପାଳ ଆନୁକୂଲ୍ୟରେ ଗତ ୪ ଡିସେମ୍ବର ୨୦୨୪ ଠାରୁ ମା ବାଉତୀ କ୍ରିକେଟ୍ କ୍ଲବ ଗ୍ରାଉଣ୍ଡରେ ଆୟୋଜନ ହୋଇ ଆସୁଥିବା କାଉଁରିଆପାଳ ଅଣ୍ଡର-୨୧ କ୍ରିକେଟ୍ ଚାମ୍ପିଅନସିପ୍ -୨୦୨୪ର ଶନିବାର ଅନ୍ତିମ ଦିବସରେ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିବା ଉଭୟ ଗୁଣଦେଇ ଅଣ୍ଡର-୨୧ ଓ ନାଧରା ଅଣ୍ଡର-୨୧ ମଧ୍ୟରେ ଫାଇନାଲ୍ ସିରିଜ ଖେଳାଯାଇଥିଲା । ଶେଷ ଦିବସର ଫାଇନାଲ ସିରିଜ୍ ରେ ୩ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ପ୍ରଥମ ୨ ମ୍ୟାଚ୍‌କୁ ଗୁଣଦେଇ ଅଣ୍ଡର-୨୧ ଦଳ ଆଗୁଆ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା ଏବଂ ନାଧରା ଅଣ୍ଡର-୨୧ ଦଳ ରନର୍ସଅପ୍ ହୋଇଥିଲା । ଫାଇନାଲ୍ ମ୍ୟାଚରେ ଅମ୍ପ୍ୟାରିଂ ଦାୟିତ୍ୱରେ ଥିଲେ ରୁଦ୍ରନାରାୟଣ ମହାନ୍ତି ଓ ଆଲୋକ କୁମାର ନାୟକ ଏବଂ ଧାରା ବିବରଣୀ ପ୍ରଦାନ କରିଥିଲେ ରଶ୍ମିରଞ୍ଜନ ନାୟକ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଚାମ୍ପିଅନ ଦଳ ଗୁଣଦେଇକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଗୁଣଦେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁବ୍ରତ କୁମାର ନାୟକ । ଏହି ଟୁର୍ଣ୍ଣାମେଣ୍ଟକୁ ସୂଚାରୁରୂପେ ପରିଚାଳନା କରିଥିଲେ ୟୁଥ୍ କ୍ରିକେଟ୍ କ୍ଲବ କାଉଁରିଆପାଳର ମ୍ୟାନେଜର ବିକ୍ରମ ନାୟକ ଓ ସମ୍ପାଦକ ରଞ୍ଜିତ ମହାନ୍ତି ।



## ରେଫରୀ ପ୍ରଶିକ୍ଷଣ ଶିବିରରେ ଅନୁଗୁଳରୁ ୩ ବିଚାରକ

ଅନୁଗୁଳ,୭।୧୨(ସବ୍ୟୁ): ରାଜ୍ୟ ସ୍ତରୀୟ ରେଫରୀ ପ୍ରଶିକ୍ଷଣ ଶିବିର ଜାତୀୟ ତାଇକଣ୍ଡୋ ଆସୋସିଏସନ୍ ଓଡିଶାର ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲା ଚରମ୍ପା ସ୍ଥିତ ହୋଟେଲ୍ ମୁନ୍ ଲାଇଟ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ରେଫରୀ ପ୍ରଶିକ୍ଷଣ ଶିବିରରେ ଯୁଗ୍ମ ସମ୍ପାଦକ ରୁପକମଳ ନନ୍ଦି ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେବେ । ଉକ୍ତ ବିଚାରକ ମାନେ ୨୧ ତମ ରାଜ୍ୟ ସ୍ତରୀୟ ତାଇକଣ୍ଡୋ ପ୍ରତିଯୋଗିତା ହେବାକୁ ଥିବା ଭଦ୍ରକ ଠାରେ ବିଚାରକ ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ସାଫଲ୍ୟ ମଣ୍ଡିତ କରିବେ । ଏହି ପ୍ରଶିକ୍ଷଣ ଶିବିରରେ ଅନୁଗୁଳ ଜିଲ୍ଲା ତାଇକଣ୍ଡୋ ସଂଘ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ୧ବାଳିକା ଓ ୨ଜଣ ବାଳକ ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିବେ । ବିଚାରକମାନେ ହେଲେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ମୁକେଶ୍ କୁମାର ବେହେରା, କେ ସାଇ ଆଦିତ୍ୟଙ୍କୁ ଅନୁଗୁଳ ଜୁଡୋ ସଙ୍ଘର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା,ସଭାପତି ନୀଳମଣି ରାଉତ, ଉପ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାଶ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି ।

## ବିଦ୍ୟାଳୟ ସମୂହ କ୍ରିକେଟ୍: ବାଳକରେ ମୟୂରଭଞ୍ଜ, ବାଳିକାରେ କଟକ ଚାମ୍ପିଅନ

ବାରିପଦା,୭।୧୨ (ସବ୍ୟୁ): ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମ, ତକତପୁର ପରିସରରେ ଡିସେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ ବର୍ଷରୁ କମ ଉଭୟ ବାଳକବାଳିକା ବର୍ଗର ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା, ୨୦୨୪ - ୨୫ ଉଦଯାପିତ ହୋଇଯାଇଛି । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବେନେଶ୍ୱରର ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡାଙ୍କ ମାର୍ଗଦର୍ଶନରେ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସାଙ୍ଗଠନିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ମୟୁରଭଞ୍ଜ, ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇ କ୍ରୀଡାବିତମାନେ ନିଜକୁ ପାଠ ସହ ଖେଳୁଆଡ଼ ମନୋଭାବ ନେଇ ଜାତୀୟସ୍ତରରେ ସୁନାମ ଅର୍ଜନ କରିବା ପାଇଁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନବୋଦୟ ବିଦ୍ୟାଳୟ, ଶାଳବଣିର କ୍ରୀଡା ପ୍ରଶିକ୍ଷକ ଡ଼ ପ୍ରଦୀପ କୁମାର ଦୋରା ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାରେ ଚମ୍ପିୟାନ ଭାବେ ବାଳକ ବିଭାଗର ମୟୂରଭଞ୍ଜ ଜିଲ୍ଲା ଓ ବାଳିକା ବିଭାଗରେ କଟକ ଜିଲ୍ଲା ଏବଂ ରନର୍ସଅପ ଭାବେ ବାଳକ ବିଭାଗର ଗଜପତି ଜିଲ୍ଲା ଓ ବାଳିକା ବିଭାଗରେ ଭୁବନେଶ୍ୱର ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲେ । ଅତିଥି ପରିଚୟ ଓ ମଞ୍ଚପରିଚାଳନା ପ୍ରଧାନଶିକ୍ଷକ ସୋମନାଥ ସିଂହ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପିଇଟି ସୁଧାରଞ୍ଜନ ମହାକୁଡ଼ଙ୍କ ସଂଯୋଜନାରେ ଏମକେସି ଉଚ୍ଚ ବିଦ୍ୟାଳୟ, ବାରିପଦା ର ଛାତ୍ରମାନଙ୍କର ଦ୍ୱାରା ବ୍ୟାଣ୍ଡ କାର୍ଯ୍ୟକ୍ରମ ହୋଇଥିଲା । ସ୍ୱାଗତ ସଂଗୀତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ଛାତ୍ରୀ ଓ ନୃତ୍ୟ ମହାରାଣୀ ତଖତକୁମାରୀ ଛାତ୍ରୀ ମାନେ ଓଡିଶୀନୃତ୍ୟ ଓ ସମ୍ବେତ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମୟୂରଭଞ୍ଜ ଜିଲ୍ଲା ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପିଇଟି ମାନେ, ପୋଲିସ ଅଧିକାରୀ, ଚିକିତ୍ସା ଅଧିକାରୀ, ଦମକଳବାହିନୀ ସହଯୋଗ କରିଥିଲେ । ଗୌତମ ଦାସ ଓ ଦୀପକ ରାମ ଧାରବିବରଣୀ ପ୍ରଦାନ କରିଥିଲେ ।

### ମହିଳା ପ୍ରିମିୟର ଲିଗ

## ୧୫ରେ ଖେଳାଳି ନିଲାମ



ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଟାଟା ମହିଳା ପ୍ରମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଖେଳାଳି ନିଲାମ ବେଙ୍ଗାଲୁରୁରେ ଆଗାମୀ ୧୫ ତାରିଖରେ ହେବାକୁ ଯାଉଛି । ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ଖେଳାଳି ନିଲାମ ପାଇଁ ମୋଟ୍ ୧୨୦ ଜଣଙ୍କୁ ସଂକ୍ଷିପ୍ତ ତାଲିକାରେ ସାମିଲ କରାଯାଇଛି। ଏମାନଙ୍କ ମଧ୍ୟରେ ୯୧ ଜଣ ଭାରତୀୟ ଥିବା ବେଳେ ୨୯ଜଣ ବିଦେଶୀ ଖେଳାଳି । ଏହି ନିଲାମରେ ଭାରତର ୮୨ଜଣ ଓ ୮ଜଣ ବିଦେଶୀ ଅଣକ୍ୟାପ୍ ଖେଳାଳି ରହିଛନ୍ତି । ଫ୍ରାଞ୍ଚାଇଜ୍ ଗୁଡିକ ୧୯ଜଣ ଭାରତୀୟ ଓ ୫ଜଣ ବିଦେଶୀ ଖେଳାଳିଙ୍କୁ ନିଲାମରୁ କିଣିବେ । ଖେଳାଳି ନିଲାମ ରବିବାର ଅପରାହ୍ଣ ୩ଟାରେ ଆରମ୍ଭ ହେବ ।


### ସୂଚନା

ସମୟ

BHIM
BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି